
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ISSUE-345 BHUBANESWAR FRIDAY 13 JUNE 2025 PAGE-12 ₹ 6.00 | PANIKOILI | ବର୍ଷ-୪୨ ସଂଖ୍ୟା-୩୪୫ ଭୁବନେଶ୍ୱର ଶୁକ୍ରବାର ୧୩ ଜୁନ୍ ୨୦୨୫ ପୃଷ୍ଠା-୧୨ ଟ.୬.୦୦



୩୦୦ ୱିକେଟ୍ କ୍ଲବ୍‌ରେ କମିନ୍ସ
ପୃଷ୍ଠା ୧୨ ଦେଖନ୍ତୁ...

# ଶେଷ ଉଡ଼ାଣ



## ୨୪୦ ଯାତ୍ରୀ ଜୀବନ୍ତ ଦଗ୍ଧ

- ଜଳିଗଲା ଅହମଦାବାଦରୁ ଲଣ୍ଡନଗାମୀ ଏୟାରଇଣ୍ଡିଆ ବିମାନ
- ଉଡ଼ାଣ ଭରିବାର ୨ ମିନିଟ୍‌ରେ ଇଞ୍ଜିନ ଅକାମୀ ହୋଇ ତଳକୁ ଖସିଲା
- ମେଡିକାଲ୍ କୋଠାରେ ବିମାନ ଧକ୍କା; ୨୦ ଡାକ୍ତରୀ ଛାତ୍ର ମୃତ ଆଶଙ୍କା
- ଗୁଜୁରାଟର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସମେତ ଥିଲେ ୨୪୨
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ଶୋକ

*କିଏ ଛାତ୍ର ତ କିଏ ପର୍ଯ୍ୟଟକ । ଆଉ କିଏ କର୍ମସଂସ୍ଥାନରେ ଯୋଗଦେବାକୁ ବିଦେଶ ଯାଉଥିଲେ ତ ଆଉ କେହି ଥିଲେ ଶିଳ୍ପପତି । ଏମିତି ୨୩୨ ଜଣ ସ୍ୱପ୍ନବିଳାସୀ ଯାତ୍ରୀ ଏବଂ ୧୦ କ୍ରୁ(ବିମାନ କର୍ମଚାରୀ) ସଦସ୍ୟଙ୍କୁ ନେଇ ଗୁରୁବାର ମଧ୍ୟାହ୍ନ ପରେ ପରେ ଗୁଜୁରାଟର ଅହମଦାବାଦରୁ ସୁଦୂର ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିଥିଲା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ । ହେଲେ ନିଜର ପ୍ରିୟପରିଜନଙ୍କୁ ବିଦାୟ ଦେଇ ବିମାନବନ୍ଦରରୁ ଘରମୁହାଁ ହେଉଥିବା ଆତ୍ମୀୟମାନେ ହଠାତ୍ ନିର୍ବାକ ହୋଇଯାଇଥିଲେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦରେ । ଭୂମି ଛାଡ଼ିବାର ମାତ୍ର ୨ ମିନିଟ୍ ମଧ୍ୟରେ ବିମାନଟି ଅଚାନକ ଉପରକୁ ଉଠିବା ପରିବର୍ତ୍ତେ ତଳକୁ ଖସିବା ଆରମ୍ଭ କରିଥିଲା । କେହି କିଛି ବୁଝିବା ଆଗରୁ କୋଠାରେ ବିମାନଟି ମୁହଁମାଡ଼ି କଚାଡ଼ି ହୋଇ ପଡ଼ିବା ପରେ ହୁତୁହୁତୁ ହୋଇ ଜଳିଯାଇଥିଲା ଆଖିପିଛୁଳାକେ । ନିମିଷକ ମଧ୍ୟରେ ୨୪୦ ଯାତ୍ରୀଙ୍କ ସ୍ୱପ୍ନର ଉଡ଼ାଣ ପରିଣତ ହୋଇଯାଇଥିଲା ଶେଷ ଉଡ଼ାଣରେ...*

**ଅହମଦାବାଦ, ୧୨।୬ (ଏଜେନ୍ସି):** ଅହମଦାବାଦରେ ଘଟିଛି ଭାରତର ଅନ୍ୟତମ ବଡ଼ ବିମାନ ଦୁର୍ଘଟଣା । ଭାରତୀୟ ବେସାମରିକ ବିମାନ ଚଳାଚଳ ଇତିହାସରେ ଏଭଳି ଭୟାନକ ଦୁର୍ଘଟଣା କେବେ ଦେଖାଯାଇନଥିଲା । ଅହମଦାବାଦରୁ ଲଣ୍ଡନ୍ ଅଭିମୁଖେ ଯାତ୍ରା କରୁଥିବା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ ବିମାନ ଉଡ଼ାଣ ଭରିବାର ମାତ୍ର ୨ ମିନିଟ୍ ମଧ୍ୟରେ ଆକାଶମାର୍ଗରୁ ଖସିପଡ଼ିଥିଲା । ବିମାନଟି ନିମିଷକ ମଧ୍ୟରେ ନିକଟସ୍ଥ ମେଘାନୀନଗର ବିଜେ ମେଡିକାଲ୍ କଲେଜ ହଷ୍ଟେଲ୍‌ରେ ପିଟିହୋଇ ପ୍ରଚଣ୍ଡ ବିସ୍ଫୋରଣ ସହ ଭୀଷଣ ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଥିଲା । ଏଥିରେ ୨୪୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ସୌଭାଗ୍ୟବଶତଃ ଦୁଇଜଣ ଜୀବିତ ଥିବା ଜଣାପଡ଼ିଛି । ବିମାନ ଧକ୍କାରେ ମେଡିକାଲ କଲେଜ ହଷ୍ଟେଲ୍‌ର ୨୦ ଜଣ ଛାତ୍ରଙ୍କ ସମେତ କିଛି ସାଧାରଣଜନତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବିଳମ୍ବିତ ରାତି ସୁଦ୍ଧା ହସ୍ପିଟାଲ୍‌କୁ ୨୬୫ ମୃତଦେହ ଅଣାଯାଇଥିବା ସରକାରୀ ଭାବେ କୁହାଯାଇଛି ।

୨୩୨ ଯାତ୍ରୀ ଏବଂ ୧୦ ଜଣ ବିମାନ କର୍ମଚାରୀଙ୍କୁ ନେଇ ବିମାନ ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବା ମାତ୍ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପ୍ରଚଣ୍ଡ ବିସ୍ଫୋରଣ ସହିତ ବିମାନରେ ନିଆଁ ଲାଗିଯାଇଥିଲା । ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । କେହି କିଛି ବୁଝିବା ପୂର୍ବରୁ ବିମାନ ଜଳି ଛାରଖାର ହୋଇଯାଇଥିଲା । ଏହି ଦୁଃଖଦ ଘଟଣା ସମଗ୍ର ଦେଶ ଓ ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନେକ ରାଷ୍ଟ୍ରର ନେତା ଏହି ଦୁର୍ଘଟାଣାକୁ ଅତିଦୁଃଖଦ ବୋଲି ଅଭିହିତ କରିଛନ୍ତି । ବିମାନ ଯାତ୍ରା ପାଇଁ ସବୁଠାରୁ ନିରାପଦ କୁହାଯାଉଥିବା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ ବିମାନର ଏଭଳି ଦୁର୍ଘଟଣା ବିମାନ ଚଳାଚଳ ବିଶେଷଜ୍ଞମାନଙ୍କୁ ଚକିତ କରିଛି । ବ୍ଲାକ୍‌ବକ୍ସ ମିଳିବା ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଟାଟା କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ ନେଇ ଘୋଷଣା କରିବା ସହ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବିଜେ ମେଡିକାଲ୍ କଲେଜ ହଷ୍ଟେଲ୍‌କୁ ପୁନଃନିର୍ମାଣର ପ୍ରତିଶ୍ରୁତି ଦିଆଯାଇଛି । ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଗୃହମନ୍ତ୍ରୀ ଅମିତ ଶାହ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେଆର୍ ନାଇଡୁ ଅହମଦାବାଦ ପହଞ୍ଚି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍‌ଙ୍କ ସହ ଘଟଣାର ସମୀକ୍ଷା କରିଛନ୍ତି ।

ଏୟାର ଇଣ୍ଡିଆର ଏହି ବିମାନଟି ଗୁରୁବାର ଅପରାହ୍ନ ୧ଟା ୩୮ ମିନିଟରେ ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓ ଫୁଟେଜରୁ ଜଣାପଡୁଛି ଯେ ବିମାନଟି ପ୍ରାରମ୍ଭିକ ଉଡ଼ାଣ ପରେ ଉପରକୁ ଉଠିପାରିନଥିଲା । ୬୨୫ ଫୁଟ୍ ଉପରକୁ ଯାଇ ତଳକୁ ଖସିବା ଆରମ୍ଭ କରିଥିଲା । ବିମାନର ପାଇଲଟ୍ 'ମେଡେ' କଲ୍ ବା ଏମର୍‌ଜେନସି ଆଲର୍ଟ ଦେଇଥିଲେ । କିନ୍ତୁ ଏହା ପରେପରେ ବିମାନ ରେଡିଓ ନିରବ ହୋଇଯାଇଥିଲା । ବିମାନବନ୍ଦର ଟାୱାର (ଏଟିସି)ରୁ ସଂପର୍କ ସ୍ଥାପନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଏହାର କିଛି ମୁହୂର୍ତ୍ତ ମଧ୍ୟରେ ପ୍ରଚଣ୍ଡ ବିସ୍ଫୋରଣ ସହ ନିଆଁ ଲାଗି ବିମାନଟି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ଲଣ୍ଡନକୁ ଏକ ଦୀର୍ଘ ▶ପୃଷ୍ଠା-୭

### ରଖେ ହରି, ମାରେ କିଏ...



ଏହି ଭୟାନକ ବିମାନ ଦୁର୍ଘଟଣାରୁ ଭାଗ୍ୟବଳରେ ବର୍ତ୍ତିଯାଇଛନ୍ତି ବ୍ରିଟେନ ।।ରେ ରହୁଥିବା ୪୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ରମେଶ ବିଶ୍ୱାସକୁମାର । ବିମାନର ୧୧ଏ ସିଟ୍‌ରେ ବସିଥିବା ରମେଶ କହିଛନ୍ତି, ବିମାନ ଉଡ଼ାଣ ଭରିବାର ୩୦ ସେକେଣ୍ଡ ପରେ ଯାତ୍ରୀମାନେ ଜୋର୍‌ରେ ପାଟି କରିଥିଲେ ଓ ଆଖିପିଛୁଳାକେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଯେତେବେଳେ ମୁଁ ଉଠିଲି, ଚାରିପଟେ ମୃତ ଦେହଗୁଡିକୁ ଦେଖି ଡରିଯାଇ ଦୌଡ଼ିବାକୁ ଲାଗିଲି । ଜଣେ ମୋତେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ଆଣିଲେ । ତାଙ୍କ ଛାତି, ଆଖି, ଗୋଡ଼ରେ ଆଘାତ ଲାଗିଛି । ୧୨ଏ-୧ ସିଟ୍‌ରେ ବସିଥିବା ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ବଞ୍ଚିଯାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ବୋଲି କହିଛନ୍ତି । ରମେଶଙ୍କ ବ୍ୟତୀତ ଅନ୍ୟ ଜଣେ ମଧ୍ୟ ସୌଭାଗ୍ୟକ୍ରମେ ବଞ୍ଚିଯାଇଥିବା ସିଟି ପୁଲିସ୍ କମିଶନର୍ ସୂଚନା ଦେଇଛନ୍ତି ।

### ଦେଶର ୧୦ ପ୍ରମୁଖ ବିମାନ ଦୁର୍ଘଟଣା

**୭ ଅଗଷ୍ଟ ୨୦୨୦, କାଲିକଟ୍**
ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ୧୩୪୪ ଦୁବାଇରୁ ଆସି କାଲିକଟ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୨୧ଜଣଙ୍କ ମୃତ୍ୟୁ ହୋଇଥିଲା ।

**୨୨ ମେ ୨୦୧୦, ମାଙ୍ଗାଲୋର**
ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ୮୧୨ ମାଙ୍ଗାଲୋର ଏୟାରପୋର୍ଟର ରନୱେରୁ ଖସି ଖାଇରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୧୫୮ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ ।

**୧୭ ଜୁନ୍ ୨୦୦୦, ପାଟଣା**
ବୋଇଂ ୭୩୭ ତଥା ଏୟାର ଫ୍ଲାଇଟ୍ ୭୪୧୨ ପାଟଣା ବିମାନବନ୍ଦରରେ ଅବତରଣ କରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୬୦ ଜଣ ମୃତ୍ୟୁବରଣ କରିଥିଲେ ।

**୧୨ ନଭେମ୍ବର ୧୯୯୬, ଦିଲ୍ଲୀ**
ସାଉଦି ଆରବିଆନ ଏୟାର ଲାଇନ୍ସ ବୋଇଂ ୭୪୭ ଓ କାଜାଖସ୍ତାନ ଏୟାର ଲାଇନ୍ସ ଇଲୁଶିନ୍ ୨-୭୬ ଦିଲ୍ଲୀ ଆକାଶରେ ପରସ୍ପରକୁ ମୁହାଁମୁହିଁ ଧକ୍କା ଦେଇଥିଲେ । ଉଭୟ ବିମାନର ୩୪୯ ଯାତ୍ରୀ ଏଥିରେ ପ୍ରାଣ ହରାଇଥିଲେ ।

**୨୬ ଏପ୍ରିଲ ୧୯୯୩, ଔରଙ୍ଗାବାଦ୍**
ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଔରଙ୍ଗାବାଦରୁ ଉଡ଼ାଣ ଭରିବା ବେଳେ ଟ୍ରକ୍ ଓ ପାୱାର ଲାଇନ୍ସକୁ ଧକ୍କା ଦେଇଥିଲା । ଏଥିରେ ୫୫ ଜଣ ଯାତ୍ର ଜୀବନ ହରାଇଥିଲେ ।

**୧୬ ଅଗଷ୍ଟ ୧୯୯୧, ଇମ୍ଫାଲ**
ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ୍ ୨୫୭ ଇମ୍ଫାଲରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ସବୁ ୬୯ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ । ▶ପୃଷ୍ଠା-୭

### ସରକାରଙ୍କ ବର୍ଷପୂର୍ତ୍ତିରେ ରାଜଧାନୀରେ ଗର୍ଜିଲା ବିଜେଡି

## କଥା ବଡ଼ବଡ଼; କାମ ଘର ଶୂନ୍

**ଭୁବନେଶ୍ୱର, ୧୨।୬ (ସମିସ):** ମାତ୍ର ବର୍ଷକର ଶାସନ ମଧ୍ୟରେ ମହାନଦୀ ମାରିଦେବାକୁ ଷଡ଼ଯନ୍ତ୍ର ହୋଇଛି । ପୋଲାଭରମ ପ୍ରକଳ୍ପରେ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶକୁ ଆଖିବୁଜା ସହାୟତା କରୁଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ନିୟନ୍ତ୍ରଣହୀନ । ନାରୀ ନିର୍ଯ୍ୟାତନା, ଚାଷୀଙ୍କୁ ଅତ୍ୟାଚାର, ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥାରେ ରାଜ୍ୟବାସୀ ଅତିଷ୍ଠ । ମାତ୍ର ସରକାରଙ୍କ ତୁଣ୍ଡ ଖୋଲୁନାହିଁ । ଅନ୍ୟପକ୍ଷରେ ଯାକଜମକରେ ବର୍ଷପୂର୍ତ୍ତି ପାଇଁ ପ୍ରଚାର ଚାଲିଛି । ବିଜେପି ସରକାରଙ୍କ କଥା କେବଳ ବଡ଼ବଡ଼, ମାତ୍ର କାମ ଘର ଶୂନ ବୋଲି ବର୍ଷପୂର୍ତ୍ତିରେ କଡ଼ା ସମାଲୋଚନା କରିଛି ବିଜେଡି । ରାଜ୍ୟରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ରାଜଧାନୀରେ ଅଭିନବ ଢ଼ଙ୍ଗରେ ସରକାରଙ୍କ ବିଫଳତାକୁ ପ୍ରଦର୍ଶନ କରିଛି ବିଜେଡି । ଏଥିରେ ବିଜେଡି ସାଂସଦ, ବିଧାୟକ, ବରିଷ୍ଠ ନେତାମାନଙ୍କ ସହିତ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତା ମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଫଳତାର କାହାଣୀକୁ ବର୍ଣ୍ଣନା କରିଛନ୍ତି । ସରକାର ଉତ୍ସବ ପାଳନ ପରିବର୍ତ୍ତେ ଗତ ▶ପୃଷ୍ଠା-୭

**କେବଳ ରଙ୍ଗ ମାରିବାରେ ବ୍ୟସ୍ତ ବର୍ଷକର ସରକାର**



## ସରକାରୀ କର୍ମଚାରୀଙ୍କୁ ଲଗାମ୍

### କାର୍ଯ୍ୟାଳୟରେ ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୨।୬ (ସମିସ):** ଅଫିସକୁ ଆଉ ମନଇଚ୍ଛା ଆସିପାରିବେ ନାହିଁ ସରକାରୀ କର୍ମଚାରୀ । ଠିକ୍ ସମୟରେ ଅଫିସରେ ପହଞ୍ଚି ବାୟୋମେଟ୍ରିକ୍ ଦେବାକୁ ପଡ଼ିବ ଓ ସାଢ଼େ ସାତଘଣ୍ଟା କାର୍ଯ୍ୟ କରିବାକୁ ହେବ । ସାଧାରଣ ପ୍ରଶାସନ ବିଭାଗ ଜାରି କରିଛି ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା । ଏଥିରେ ସରକାରୀ କର୍ମଚାରୀମାନଙ୍କ ପାଇଁ ୭ଟି କାର୍ଯ୍ୟ ନିୟମ ଉଲ୍ଲେଖ କରାଯାଇଛି । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଭିନ୍ନ ସବୁ ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିୟମାବଳୀ ଲାଗୁ ହେବ ବୋଲି କୁହାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ପଠାଯାଇଥିବା ମାର୍ଗଦର୍ଶିକାରେ କୁହାଯାଇଛି ଯେ ବିଳମ୍ବିତ ଆସୁଥିବା କର୍ମଚାରୀଙ୍କ ଆଚରଣରେ ସୁଧାର ଆଣିବା ପାଇଁ ବିଭାଗ ଗୁଡ଼ିକ ନିଜ ନିଜର କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବେ । ସେହିପରି ଯେଉଁଠାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ସେଠାରେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତନଖି କରାଯିବ । ସମସ୍ତ କର୍ମଚାରୀଙ୍କ ପାଇଁ ଅଫିସରେ ପ୍ରବେଶ ଏବଂ ପ୍ରସ୍ଥାନ ସମୟ ରେକର୍ଡ କରିବା ବାଧ୍ୟତାମୂଳକ ଓ ଯେଉଁ କର୍ମଚାରୀ ପ୍ରସ୍ଥାନ ସମୟକୁ ବାୟୋମେଟ୍ରିକ ସିଷ୍ଟମରେ ▶ପୃଷ୍ଠା-୭

- ସରକାର ଜାରିକଲେ ୭ ସୂତ୍ରୀ ସମ୍ବଳିତ ନିର୍ଦ୍ଦେଶନାମା
- ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବାଧ୍ୟତାମୂଳକ
- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିୟମରୁ ବାଦ






# ଭୟଙ୍କର, ହୃଦୟ ବିଦାରକ




ଦୁର୍ଘଟଣାଗ୍ରସ୍ତ ବିମାନର ଅନ୍ତିମ ମୁହୂର୍ତ୍ତ




## କାରଣ ଖୋଜୁଛନ୍ତି ବିଶେଷଜ୍ଞ

ଅହମଦାବାଦ, ୧୨।୬ (ଏଜେନ୍ସି): ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର କାରଣ କ'ଣ? ବିଶେଷଜ୍ଞମାନେ ଦୁର୍ଘଟଣାକୁ ନେଇ ଭିନ୍ନ ଭିନ୍ନ କାରଣ ଦର୍ଶାଉଛନ୍ତି। କେହି ପକ୍ଷୀ ଧକ୍କା ତ ଆଉ କେହି ଲୋଡ୍ ଫ୍ୟାକ୍ଟରକୁ ଦାୟୀ କରୁଛନ୍ତି। ସେହିପରି ଆଉ କେହି ବିମାନର ଦୁଇ ଇଞ୍ଜିନ ହଠାତ୍ ଫେଲ ହୋଇ ଯାଇଥିବା କହୁଛନ୍ତି। ଯାନ୍ତ୍ରିକ ତ୍ରୁଟି, ସାଇବର ଆଟାକ ଏବଂ ପାଇଲଟ୍‌ଙ୍କ ତ୍ରୁଟି ହୋଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି।

ମିଳିଥିବା ପ୍ରଥମିକ ରିପୋର୍ଟ ଅନୁଯାୟୀ ବିମାନ ଉଡ଼ିବା ମାତ୍ରେ ପାଇଲଟ ମେଡେ କଲ୍ କରିଥିଲେ। ବିମାନର ଇଞ୍ଜିନ ଫେଲ୍ ହେଲେ କିମ୍ବା ପକ୍ଷୀମାଡ଼ କିମ୍ବା ଅନ୍ୟ କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ ପାଇଲଟ୍ ଏଭଳି ଏସଓଏସ୍ ମେସେଜ୍ ପଠାନ୍ତି। ବିମାନ ୬୨୫ ଫୁଟ୍ ଉପରକୁ ଉଠିଥିବା ବେଳେ ଖସିବା ଆରମ୍ଭ କରିଥିଲା। ବିଶ୍ୱରେ କୌଣସି ବୋଇଂ ୭୮୭ ବିମାନ ଏଭଳି ଦୁର୍ଘଟଣାର ଶିକାର ହୋଇଥିବାର ଦୃଷ୍ଟାନ୍ତ ନାହିଁ। ତେବେ ପାଇଲଟଙ୍କର ତ୍ରୁଟି ଯୋଗୁଁ ୧୯୪୭ରୁ ୨୦୨୦ ମଧ୍ୟରେ ୮୦ ପ୍ରତିଶତ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଜଣେ ପୂର୍ବତନ ପାଇଲଟ କହିଛନ୍ତି ଯେ ବିମାନ ଚାଳନା ଦାୟିତ୍ୱରେ ଥିବା ଦୁଇ ପାଇଲଟଙ୍କ ୧୦ ହଜାର କିଲୋମିଟର ଉଡ଼ାଣ ଅନୁଭୂତି ଥିଲା। ତେଣୁ ସେମାନେ ତ୍ରୁଟି କରିଥିବାର ସମ୍ଭାବନା କମ୍। ପାୱାର ଫେଲୁଅର୍ ବା ବିଦ୍ୟୁତ ସରବରାହରେ ବିଭ୍ରାଟ ଯୋଗୁଁ ବିମାନର ଦୁଇଟି ଯାକ ଇଞ୍ଜିନ କାମ କରିଦେବା ବନ୍ଦ କରିଦେଇଥାଇପାରେ। ଅହମଦାବାଦ ବିମାନ ବନ୍ଦର ନିକଟରେ ପକ୍ଷୀମାଡ଼ ଯୋଗୁଁ ଏହା ହୋଇଥାଇପାରେ। କିନ୍ତୁ ଉଡ଼ାଣ ଭରିବା ମାତ୍ରେ ଏଭଳି ପାୱର ଫେଲୁଅର୍ କ୍ୱଚିତ ଦେଖାଯାଇଥାଏ। ସାଧାରଣତଃ ବିମାନ ୫୦ ଫୁଟ୍ ଉପରେ ପହଞ୍ଚିବା ମାତ୍ରେ ଏହାର ଲ୍ୟାଣ୍ଡିଂ ଗିୟର ବା ଚକଗୁଡ଼ିକୁ ବନ୍ଦ କରି ଦିଆଯାଏ। କିନ୍ତୁ ଆଜି ବିମାନ ୪୦୦ ଫୁଟ୍ ଉପରକୁ ଯାଇଥିଲେ ମଧ୍ୟ ଏହାର

### ■ ଯାନ୍ତ୍ରିକ ତ୍ରୁଟି ନା ପକ୍ଷୀମାଡ଼?

### ■ ଉଡ଼ାଣ ପରେ ଲ୍ୟାଣ୍ଡିଂ ଗିୟର୍ ଖୋଲାଥିଲା କାହିଁକି?

ଲ୍ୟାଣ୍ଡିଂଗିୟର ଡାଉନ ବା ଖୋଲା ଥିଲା ଏବଂ ଏହାର ଫ୍ଲାପ୍ସ ମଧ୍ୟ ସିଧା ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି। କେଉଁ ପରିସ୍ଥିତିରେ ବିମାନ ଉଡ଼ାଣ ବେଳେ ଏମିତି ବ୍ୟତିକ୍ରମ ଦେଖାଗଲା, ତାହା କେବଳ ଫ୍ଲାଇଟ୍ ଡାଟା ରେକର୍ଡର ଏବଂ କକ୍‌ପିଟ୍ ଭଏସ୍ ରେକର୍ଡରରୁ ହିଁ ଜଣାପଡ଼ିବ ବୋଲି ସେ କହିଛନ୍ତି।

ବିଶେଷଜ୍ଞ ବନ୍ଦନା ସିଂହ କହିଛନ୍ତି ଯେ ଲୋଡ ଫ୍ୟାକ୍ଟର ଦୁର୍ଘଟଣାର କାରଣ ହୋଇଥାଇପାରେ। ଠିକ୍‌ରେ ଭାରର ଗଣତି ନ ହେଲେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥାଏ। କୌଣସି ବିମାନରେ ରଖାଯାଇଥିବା ସାମଗ୍ରୀର ସଠିକ ଅନୁପାତକୁ ଲୋଡ ଫ୍ୟାକ୍ଟର କୁହାଯାଏ। ଏହା ବିମାନର ସଂରଞ୍ଚନା ଆଧାରରେ ଧାର୍ଯ୍ୟ କରାଯାଇଥାଏ। ପ୍ରେସର କଣ୍ଟ୍ରୋଲ ପାଇଁ ଏହା ଜରୁରୀ। ସେହିପରି ଲ୍ୟାଣ୍ଡିଂ ଗିୟର ବନ୍ଦ ନ ହେବାକୁ ସେ ଅନ୍ୟତମ କାରଣ ଦର୍ଶାଇଛନ୍ତି। ଏହି ଗିୟର ଉଡ଼ାଣ ଏବଂ ଅବତରଣ ସମୟରେ ସମ୍ପୂର୍ଣ୍ଣ ଓଜନକୁ ସମ୍ଭାଳି ଥାଏ। ଗତିଜ ଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ଏହାର ଡିଜାଇନ କରାଯାଇଥାଏ।। ଅନ୍ୟତମ ବିଶେଷଜ୍ଞ ମିର୍ଜା ଫୈଜନ କହିଛନ୍ତି ଯେ ପ୍ରପଲସନ ସିଷ୍ଟମ, ଇଞ୍ଜିନ କାମ ନ କଲେ କିମ୍ବା ଫୁଏଲ ସିଷ୍ଟମରେ ସମସ୍ୟା ଯୋଗୁଁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ। ଅନ୍ୟ ଜଣେ ବିଶେଷଜ୍ଞ ସାଇବର ଆଟାକ ହୋଇଥାଇପାରେ ବୋଲି ଆଶଙ୍କା କରିଛନ୍ତି। ଆମେରିକା ବିଶେଷଜ୍ଞ ସେଫ୍ଟି ଅପରେଟିଂ ସିଷ୍ଟମର ସିଇଓ ଜନ୍ ଏମ୍ କକ୍ସ କହିଛନ୍ତି ଯେ ଉଡ଼ାଣ ପୂର୍ବରୁ ବିମାନର ସଠିକ୍ କନଫିଗିରେସନ୍ କରାଯାଇ ନ ଥିଲା। ବିମାନର ଯନ୍ତ୍ରାଂଶ ଗୁଡିକ ଯେଉଁଠି ରହିବା କଥା ସେଇଠି ରହି ନ ଥିଲା। ଏଥିଯୋଗୁଁ ଉଡ଼ାଣ ଆରମ୍ଭ ପରେ ଦୁର୍ଘଟଣା ଘଟିଥିଲା। ଭାଇରାଲ ଭିଡିଓରୁ ଦେଖିବାକୁ ମିଳୁଛି ଯେ ବିମାନ ଉଡ଼ାଣ କରିବା ସମୟରେ ସ୍ଲାଟ୍ସ ଏବଂ ଫ୍ଲାପ୍ସ ସଠିକ୍ ସ୍ଥିତିରେ ନ ଥିଲା। ଏହାର ଯାଞ୍ଚ ହେବା ଉଚିତ। ଭିଡିଓରେ ପ୍ରଥମେ ବିମାନର ଅଗ୍ରଭାଗ ଉପରକୁ ଉଠୁଥିବା ଏବଂ ପରେ ତଳକୁ ଖସୁଥିବା ଦେଖାଯାଉଛି। କାରଣ ଉଡ଼ାଣ ପରେ ବିମାନରେ ପର୍ଯ୍ୟାପ୍ତ ଲିଫ୍ଟ ସୃଷ୍ଟି ହୋଇପାରୁ ନ ଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ କଣ ତାହା ବ୍ଲାକ୍ ବକ୍ସ ମିଳିବା ପରେ ଜଣାପଡ଼ିବ। ଏହା ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ମାମଲାର ନିରପେକ୍ଷ ଏବଂ ବିସ୍ତୃତ ଯାଞ୍ଚ କରାଯିବ। ଦୋଷୀଙ୍କୁ ଆଦୌ ଛଡ଼ାଯିବ ନାହିଁ।

## ଖାଉଥିଲେ, ଡାକ୍ତରଙ୍କ ହଷ୍ଟେଲରେ ପଡ଼ିଲା ବିମାନ; ୨୦ ମୃତ୍ୟୁ ଆଶଙ୍କା

ଅହମଦାବାଦ, ୧୨।୬ (ଏଜେନ୍ସି): ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନ (ଏଆଇ-୧୭୧) ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଉଡ଼ାଣର ୨ ମିନିଟ ଭିତରେ ବିମାନ ଅଚାନକ ଜନବହୁଳ ଅଞ୍ଚଳକୁ ଖସିପଡ଼ିଛି। ଏହା ବିଜେ ମେଡିକାଲ କଲେଜର ୪ଟି କୋଠା ସହ ମାଡ଼ ହୋଇଛି। ଏଥିରେ କୋଠା ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ଏହି କୋଠାରେ ରେସିଡେଣ୍ଟ ଡାକ୍ତର ରହୁଥିଲେ। ମଧ୍ୟାହ୍ନ ଭୋଜନ ଚାଲିଥିବାରୁ ୫୦ରୁ ୬୦ ଇଣ୍ଟର୍ଣ୍ଣ ଡାକ୍ତର ଉପସ୍ଥିତ ଥିଲେ। ଭୋଜନ ପାଇଁ ସମସ୍ତେ ଏକାଠି ହୋଇଥିଲେ। ଏହି ସମୟରେ ବିମାନ ମୃତ୍ୟୁ ପିଣ୍ଡୁଳା ହୋଇ ଉପରୁ ଖସି ଥିଲା। ହଷ୍ଟେଲ ଭିତରେ ପଶି ଯାଇଥିଲା। ଏହାର ଭୟଙ୍କର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ବିମାନର ଟାୟାର ଏବଂ ଡେଣା ଆଦି ହଷ୍ଟେଲ କୋଠାରେ ପଶି ଯାଇଥିବା ଦେଖାଯାଉଛି। ଏହି ଦୁର୍ଘଟଣାରେ ହଷ୍ଟେଲ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ସମସ୍ତ ସାମଗ୍ରୀ ଚାରିଆଡେ ବିଛିଡେଇ ହୋଇଯାଇଛି। ପ୍ଲେଟରେ ବଢ଼ା ଯାଇଥିବା ଖାଦ୍ୟ ସେମିତି ପଡ଼ି ରହିଛି। ପାଖରେ ଗ୍ଲାସ ଥୁଆ ହୋଇଛି। ବିମାନ ଖସିବା ପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ପ୍ରଚଣ୍ଡ ଶବ୍ଦ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। କେହି କିଛି ବୁଝିବା ଆଗରୁ ହଷ୍ଟେଲରେ ନିଆଁ ଲାଗି ଯାଇଥିଲା। ଏହା ଭୟଙ୍କର ଆକାର ଧାରଣ କରି ସ୍ଥିତିକୁ ଅଣାୟତ୍ତ କରିଦେଇଥିଲା। ଦୁର୍ଘଟଣାରେ ୨୦ରୁ ଅଧିକ ଡାକ୍ତରଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ତେବେ ୬ ମୃତଦେହ ଉଦ୍ଧାର କରାଯାଇଛି। ୧୫ରୁ ଅଧିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ମୃତକଙ୍କ ମଧ୍ୟରେ ୪ ଜଣ ଅଣ୍ଡରଗ୍ରାଜୁଏଟ ଏବଂ ଜଣେ ପୋଷ୍ଟ ଗ୍ରାଜୁଏଟ ରେସିଡେଣ୍ଟ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଦେଖିବା ପରେ ଜଣେ ଛାତ୍ର ହଷ୍ଟେଲର ଦ୍ୱିତୀୟ ମହଲାରୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି।

ରିପୋର୍ଟ ଅନୁଯାୟୀ ବିମାନ ବିସ୍ଫୋରଣର ପ୍ରଭାବ ଏତେ ଜୋରଦାର ଥିଲା ଯେ ଯୋଗୁଁ ହଷ୍ଟେଲ ଭିତରେ ଥିବା ଡାକ୍ତରଙ୍କ ମୃତଦେହର ଅଂଶବିଶେଷ ଏଣେତେଣେ ପଡ଼ି ରହିଛି। ଧୂଆଁ




ଯୋଗୁଁ ହଷ୍ଟେଲ ସମ୍ପୂର୍ଣ୍ଣ କଳା ପଡ଼ିଯାଇଛି। ଚାରିଆଡେ ଅବଶେଷ ପଡ଼ି ରହିଛି। କିଛି ସମୟ ପୂର୍ବରୁ ଯେଉଁ ହଷ୍ଟେଲରେ ହସଖୁସିର ମାହୋଲ ଥିଲା ଏବେ ତାହା ପରିତ୍ୟକ୍ତ ପରି ଲାଗୁଛି। ଫଟୋରୁ ଦେଖିବାକୁ ମିଳୁଛି ଯେ ବିମାନର ପଛ ଭାଗ ହଷ୍ଟେଲ କୋଠାରେ ଝୁଲି ରହିଛି। ଅଗ୍ର ଭାଗ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଅନେକ କିମି ପର୍ଯ୍ୟନ୍ତ ଧୂଆଁ ଦେଖିବାକୁ ମିଳୁଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଏହା ବ୍ୟାପି ଯାଇଛି।

## ବିଜୟ ରୁପାଣୀଙ୍କ ପରଲୋକ

ଅହମଦାବାଦ, ୧୨।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ପରଲୋକ ହୋଇଛି। ବିମାନରେ ରୁପାଣୀ ଯାତ୍ରୀ ତାଲିକାର ୧୨ ନମ୍ବରରେ ଥିଲେ। ନିଜ ଝିଅକୁ ଭେଟିବା ପାଇଁ ରୁପାଣୀ ବ୍ରିଟେନ ଯାଉଥିଲେ। କିନ୍ତୁ ତାଙ୍କ ଶେଷ ଇଚ୍ଛା ଇଚ୍ଛାରେ ହିଁ ରହିଗଲା। ତାଙ୍କ ଝିଅର ବିବାହ ହୋଇସାରିଛି। ସେ ନିଜ ପରିବାର ସହ ଲଣ୍ଡନରେ ରହୁଛନ୍ତି। ୧୯୫୬ ଅଗଷ୍ଟ ୨ରେ ମ୍ୟାଁମାରରେ ଜନ୍ମିତ ରୁପାଣୀଙ୍କ ପରିବାର ୧୯୬୦ରେ ରାଜକୋଟ ଆସି ଯାଇଥିଲେ। ସେ ଗୁଜରାଟର ସୌରାଷ୍ଟ୍ର ୟୁନିଭର୍ସିଟିରୁ ବିଏ ଏବଂ ଏଲଏଲବି କରିଥିଲେ। ସେ ବିଜେପିର ମହିଳା ଶାଖା ସଦସ୍ୟ ଅଞ୍ଜଳୀଙ୍କୁ ବିବାହ କରିଥିଲେ। ଉଭୟଙ୍କ ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି।

ବିଜୟ ରୁପାଣୀ ୧୯୭୧ରେ ଆରଏସଏସ ଏବଂ ଜନସଂଘରେ ସାମିଲ ହୋଇଥିଲେ। ବିଜେପିର ଗଠନ ସମୟରୁ ଦଳ ସହ ରହିଥିଲେ। ୧୯୭୬ର



ଶେଷ ଫଟୋ: ବିମାନରେ ଯାଉଥିବାବେଳେ ବିଜୟ ରୁପାନୀ

ଏମର୍ଜେନ୍ସି ସମୟରେ ସେ ୧୧ ମାସ ପାଇଁ ଜେଲ୍‌ରେ ରହିଥିଲେ। ୨୦୦୬ରୁ ୨୦୧୨ ମଧ୍ୟରେ ସେ ରାଜ୍ୟସଭା ସଦସ୍ୟ ହୋଇଥିଲେ। ୨୦୧୪ରେ ସେ ପରିବହନ ମନ୍ତ୍ରୀ ହୋଇଥିଲେ। ୨୦୧୬ ଅଗଷ୍ଟ ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ବିଜେପି ନିର୍ବାଚନ ଜିତିବା ପରେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୧ରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ।

## 'ମେଡେ' କ'ଣ

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଏହାର ପାଇଲଟ୍ 'ମେଡେ କଲ୍' ଦେଇଥିଲେ। ଏହାପରେ ବିମାନରୁ ଆଉ କୌଣସି ବାର୍ତ୍ତା ଆସି ନ ଥିଲା। ଏହା ଜନବହୁଳ ଅଞ୍ଚଳରେ ଖସି ପଡ଼ିଥିଲା। ଏବେ ସବୁଠି ଏହି 'ମେଡେ' କ'ଣ ବୋଲି ଚର୍ଚ୍ଚା ହେଉଛି। ବିମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହା ଏକ ଜରୁରିକାଳୀନ ଘୋଷଣା ହୋଇଥାଏ। ୫ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ତଥା ଜରୁରୀକାଳୀନ ସ୍ଥିତିରେ ମେଡେ ଘୋଷଣା କରାଯାଇଥାଏ। ସାରା ବିଶ୍ୱରେ ଏହା ପ୍ରଚଳିତ ରହିଛି। ବିମାନ ଇଞ୍ଜିନ ଫେଲ୍ ହେଲେ, ବିମାନରେ ନିଆଁ ଲାଗିଲେ, ଆକାଶରେ କାହା ସହ ଧକ୍କା ହେଲେ କିମ୍ବା ହାଇଜାକ ଭଳି ସ୍ଥିତିରେ ଏପରି କରାଯାଇଥାଏ। ଏହା ମାଧ୍ୟମରେ ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କିମ୍ବା ନିକଟସ୍ଥ ବିମାନକୁ ସତର୍କ କରି ସହାୟତା ପାଇଁ କହିଥାନ୍ତି। ଏଥିପାଇଁ ବିମାନର ରେଡିଓରେ ତିନି ଥର ମେଡେ କୁହାଯାଇଥାଏ। ଯେଉଁ ବିମାନରୁ ଏହି କଲ୍ ଆସିଥାଏ ସେହି ବିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥାଏ। ସମସ୍ତ ସମ୍ବଳକୁ ଏହି ବିମାନକୁ ସହାୟତା କରିବାରେ ଲଗାଇ ଦିଆଯାଏ। ଜରୁରୀ ସହାୟତା ପାଇଁ ସମସ୍ତଙ୍କୁ ସତର୍କ କରି ରଖାଯାଇଥାଏ। ଏହି ମେଡେ ଫ୍ରେଞ୍ଚ ଶବ୍ଦ ମାଇଦରରୁ ଆସିଛି। ଏହାର ଅର୍ଥ ମୋତେ ସହାୟତା କର। ଯଦି ସ୍ଥିତି ସେତେ ଚିନ୍ତାଜନକ ହୋଇ ନ ଥିବ ତେବେ ପାଇଲଟ ପାନ ପାନ କହିଥାନ୍ତି। ଏହା ସେତେ ଜରୁରୀ ହୋଇ ନ ଥାଏ।



## ସ୍ୱାମୀଙ୍କୁ ଭେଟିବାକୁ ଲଣ୍ଡନ ଯାଉଥିଲେ ନବବଧୂ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ରାଜସ୍ଥାନର ବାଲୋତାରା ଜିଲ୍ଲାର ଅରବା ଗାଁର ନବବଧୂ ଖୁସ୍‌ବୁ ସ୍ୱାମୀ ମନଫୁଲ ସିଂଙ୍କୁ ଭେଟିବାକୁ ଏହି ବିମାନରେ ଲଣ୍ଡନ ଯାଉଥିଲେ। କିନ୍ତୁ ତାଙ୍କର ଏହି ଯାତ୍ରା ମହାଯାତ୍ରାରେ ପରିଣତ ହୋଇଥିଲା। ସେ ଗତ ଜାନୁଆରୀରେ ମନଫୁଲଙ୍କ ହାତଧରିଥିଲେ। ମନଫୁଲ୍ ଲଣ୍ଡନରେ ପାଠ ପଢୁଛନ୍ତି। ବିବାହ ପରେ ଖୁସ୍‌ବୁ ତାଙ୍କ ପ୍ରଥମଥର ପାଇଁ ଭେଟିବାକୁ ଯାଉଥିଲେ। ଖୁସ୍‌ବୁ ହେଉଛନ୍ତି ଅରବା ବାସିନ୍ଦା ମଦନ ସିଂ ରାଜପୁରୋହିତଙ୍କ ଝିଅ। ଏହି ବିମାନ ଦୁର୍ଘଟଣାରେ ରାଜସ୍ଥାନର ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି। ଖୁସ୍‌ବୁ ଏମାନଙ୍କ ମଧ୍ୟରୁ ଅନ୍ୟତମ। ଏମାନଙ୍କ ମଧ୍ୟରୁ ଦୁଇଜଣ ୟୁନାଇଟେଡ କିଙ୍ଗଡ଼ମ୍ (ୟୁକେ)ରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଆଉ ଦୁଇଜଣ ଯାତ୍ରୀ ଜଣେ ମାର୍ବଲ ବ୍ୟବସାୟୀ ପୁଅ ଓ ଝିଅ ଥିଲେ।

## ହୋମି ଜାହାଙ୍ଗୀର ଭାବାଙ୍କଠାରୁ ଜେନେରାଲ ବିପିନ ରାୱତଙ୍କ ପର୍ଯ୍ୟନ୍ତ

**ହୋମି ଜାହାଙ୍ଗୀର ଭାବା:** ମହାନ ବୈଜ୍ଞାନିକ ତଥା ଭାରତୀୟ ପରମାଣୁ କାର୍ଯ୍ୟକ୍ରମର ପିତା କୁହାଯାଉଥିବା ହୋମି ଜାହାଙ୍ଗୀର ଭାବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ୧୯୬୬ ଜାନୁଆରୀ ୨୪ରେ ଏୟାର ଇଣ୍ଡିଆ ବିମାନ ୧୦୧ ଜେନେଭା ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ବରଫ ପାହାଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ବିପିନ ରାୱତ:** ଦେଶର ପ୍ରଥମ ପ୍ରତିରକ୍ଷା ମୁଖ୍ୟ (ସିଡ଼ିଏସ୍) ଜେନେରାଲ ବିପିନ ରାୱତ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ୨୦୨୧ ଡ଼ିସେମ୍ବର ୮ରେ ସେ ସୁଲୁରରୁ ୱେଲିଂଟନ ଯାଉଥିବା ସମୟରେ ତାମିଲନାଡୁର କୁନୁରରେ ତାଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ତାଙ୍କ ପତ୍ନୀ ଏବଂ ଅନ୍ୟ ୧୧ ଜଣ ମଧ୍ୟ ବିମାନରେ ଥିଲେ।

**ୱାଇଏସ୍ ରାଜଶେଖର ରେଡ୍ଡୀ:** ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ୨ ସେପ୍ଟେମ୍ବର ୨୦୦୯ରେ ଖରାପ ପାଗ ଯୋଗୁଁ ତାଙ୍କର ହେଲିକପ୍ଟର ଆନ୍ଧ୍ରର ନଲ୍ଲାମଲ ପର୍ବତରେ ମାଡ଼ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ଡୋର୍ଜି ଖାଣ୍ଡୁ:** ଅରୁଣାଚଳ ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡୋର୍ଜି ଖାଣ୍ଡୁ ୨୦୧୧ ଏପ୍ରିଲ ୩୦ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ନିୟନ୍ତ୍ରଣ ହରାଇ ତାଙ୍କର ପବନ ହଂସ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ପାଞ୍ଚ ଦିନ ପରେ ତୱାଙ୍ଗରେ ଏହାର ଭଗ୍ନାବଶେଷ ମିଳିଥିଲା।

**ଓପି ଜିନ୍ଦଲ ଏବଂ ସୁରେନ୍ଦର ସିଂହ:** ପ୍ରସିଦ୍ଧ ଶିଳ୍ପପତି ତଥା ହରିୟାଣା ଶକ୍ତି ମନ୍ତ୍ରୀ ଓପି ଜିନ୍ଦଲ ଏବଂ କୃଷି ମନ୍ତ୍ରୀ ସୁରେନ୍ଦର ସିଂହ ୨୦୦୫ ରେ ଏକ ହେଲିକପ୍ଟର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର କିଙ୍ଗ କୋବ୍ରା ହେଲିକପ୍ଟର ଦିଲ୍ଲୀରୁ ଚଣ୍ଡିଗଡ଼ ଯାଉଥିବା ବେଳେ ଉତ୍ତରପ୍ରଦେଶର ସହାରନପୁରରେ ଦୁର୍ଘଟଣାର ଶିକାର ହୋଇଥିଲା।



**ମାଧବରାଓ ସିନ୍ଧିଆ:** ପୂର୍ବତନ ରେଳମନ୍ତ୍ରୀ ମାଧବରାଓ ସିନ୍ଧିଆ ୩୦ ସେପ୍ଟେମ୍ବର ୨୦୦୧ରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। କାନପୁରରେ ଏକ ରାଜନୈତିକ ରାଲିକୁ ଯାଉଥିବା ସମୟରେ ତାଙ୍କ ବିମାନ ଦୁର୍ଘଟଣାରେ ହୋଇଥିଲା।

**ସଞ୍ଜୟ ଗାନ୍ଧୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଅ ତଥା ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ଗାନ୍ଧୀଙ୍କର ବିମାନ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ୨୩ ଜୁନ୍ ୧୯୮୦ରେ ଘଟିଥିଲା। ଦିଲ୍ଲୀର ସଫଦରଜଙ୍ଗ ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ସେ ଚଳାଉଥିବା ଗ୍ଲାଇଡର ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ଜିଏମ୍ ସି ବାଲାଯୋଗୀ:** ଲୋକସଭା ବାଚସ୍ପତି ତଥା ତେଲୁଗୁ ଦେଶମ ନେତା ଜିଏମ୍ ସି ବାଲାଯୋଗୀଙ୍କ ୩ ମାର୍ଚ୍ଚ ୨୦୦୨ରେ ଆନ୍ଧ୍ର ପ୍ରଦେଶରେ ଏକ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦୁର୍ବଳ ଦୃଶ୍ୟମାନତା ଯୋଗୁଁ ପୋଖରୀକୁ ମାଟି ଭାବି ପାଇଲଟ ବେଲ୍ ୨୦୬ ହେଲିକପ୍ଟରକୁ ଅବତରଣ କରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

**ମୋହନ କୁମାରମଙ୍ଗଲମ:** କଂଗ୍ରେସ ନେତା ମୋହନ କୁମାରମଙ୍ଗଲମ ୧୯୭୩ରେ ନୂଆଦିଲ୍ଲୀ ନିକଟରେ ଏକ ଇଣ୍ଡିଆନ୍ ଏୟାରଲାଇନ୍ସ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ।

**ସୁରେନ୍ଦ୍ର ନାଥ:** ୧୯୯୪ ଜୁଲାଇ ୯ ତାରିଖରେ ହିମାଚଳ ପ୍ରଦେଶରେ ସରକାରଙ୍କ ସୁପର-କିଙ୍ଗ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ପଞ୍ଜାବ ରାଜ୍ୟପାଳ ସୁରେନ୍ଦ୍ର ନାଥ ଓ ତାଙ୍କ ପରିବାରର ନଅ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା।

# ଭଦ୍ରକକୁ ଡେଇଁଲା ଡାଇରିଆ

# ପୁଣି ୩ଜଣଙ୍କ ମୃତ୍ୟୁ; ସଂଖ୍ୟା ୧୦କୁ ବୃଦ୍ଧି

**ଯାଜପୁର/ଭଦ୍ରକ, ୧୨।୬(ସମିସ):** ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଝାଡ଼ାବାନ୍ତି (ଡାଇରିଆ) ପରିସ୍ଥିତିରେ ଆଖିଦୃଶିଆ ସୁଧାର ଆସିନାହିଁ। ଅନ୍ୟପକ୍ଷରେ ଜିଲ୍ଲା ସୀମାନ୍ତକୁ ଲାଗିଥିବା ଭଦ୍ରକ ଜିଲ୍ଲାରେ ମଧ ଡାଇରିଆ ପରିସ୍ଥିତି ଦେଖିବାକୁ ମିଳିଛି। ଭଣ୍ଡାରିପୋଖରୀ ବ୍ଲକର ମାଳଦା ଓ ଷୋଳମପୁର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡିଛି। ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଓ

**■ ସୁଧୁରୁନି ଯାଜପୁର ସ୍ଥିତି**
**■ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା**

ମୁଢ଼ାପଦା ଗ୍ରାମର କିଛି ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେହିଭଳି ମାଳଦା ଗ୍ରାମପଞ୍ଚାୟତ ଜଳହରି ଗ୍ରାମର ଗୋଲଖ କବି (୬୪) ଝାଡ଼ାବାନ୍ତି ଦ୍ୱାରା ଆକ୍ରାନ୍ତ ହୋଇ ଯାଜପୁର ମେଡିକାଲ ଯାଇ ଚିକିତ୍ସିତ ହେଉଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଅନୁରୂପ ଭାବେ ମାଳଦା ଗ୍ରାମର ଜଣେ ନାବାଳିକା ଓ ରହଣିଆ ପଞ୍ଚାୟତ ରାଢ଼େ ଗ୍ରାମର ଜୈନିକ ଭିନ୍ନକ୍ଷମ ଯୁବକ ମଧ ଆକ୍ରାନ୍ତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।



ସେହିପରି ଯାଜପୁର ଜିଲ୍ଲାରେ ଆଜି ଗୋଟିଏ ଦିନରେ ମୋଟ ୩୭ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଜି ବି ଶତାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କ ପାଇଁ ଆବଶ୍ୟକ ବେଡ୍ ନ ଥିବାରୁ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଆଜି ବଡ଼ି ଭୋର୍‌ରୁ ଆଉ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଉଭୟ ରୋଗୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେମାନେ ହେଲେ ଦଶରଥପୁର ବ୍ଲକ ଝାଡଙ୍ଗା ଗାଁର ପବିତ୍ର ଦାସ (୭୫) ଏବଂ ଯାଜପୁର ବ୍ଲକ ମଲପଡା ଗାଁର ସେବତୀ ଘଡ଼ାଇ। ଏହି ଦୁଇ ମୃତକଙ୍କୁ ମିଶାଇ ଜିଲ୍ଲାରେ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଭଦ୍ରକ ମୃତକଙ୍କୁ ମିଶାଇଲେ ସଂଖ୍ୟା ୧୦ ବୋଲି କୁହାଯାଉଛି।

ବ୍ୟାସନଗର ଅଞ୍ଚଳରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଦୁଇଟି ପୌରପାଳିକା ଅଞ୍ଚଳକୁ ବ୍ୟାପି ସାରିଛି। ଜିଲ୍ଲାର ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଚିକିତ୍ସିତ ହେଉଥିବା ବେଳେ ଅନେକ ସ୍ୱଚ୍ଛଳ ବର୍ଗର ଲୋକେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମଧ ଜଣାପଡିଛି। ଏଥିସହିତ ଅନେକ ରୋଗୀ ପଡ଼ୋଶୀ ଜିଲ୍ଲାର ଡାକ୍ତରଖାନାରେ ଚିକିତ୍ସିତ ସହିତ ମୃତ୍ୟୁବରଣ କରିଥିବାରୁ ପ୍ରକୃତ ସଂଖ୍ୟା ମଧ ଜଣାପଡୁନାହିଁ। ସେପଟେ ରାଜ୍ୟରୁ ଆସିଥିବା ବିଭିନ୍ନ ଡାକ୍ତରୀ ଦଳ ସମେତ ଯଯାତି କେଶରୀ ମେଡିକାଲ କଲେଜ ଡାକ୍ତରୀ ଦଳ, ଯାଜପୁର ଜିଲ୍ଲା ମେଡିକାଲ ଟିମ ବିଭିନ୍ନ ଅଞ୍ଚଳକୁ ଯାଇ ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି।

ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ହାଲୋଜେନ ଟାବଲେଟ ବଣ୍ଟନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଆଜି ଅପରାହ୍ନରେ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ ଜିଲ୍ଲାରେ ପହଞ୍ଚି ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଛନ୍ତି। ଡାଇରିଆର କାରଣ ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ରହି ସମୀକ୍ଷା କରୁଛନ୍ତି। ସମ୍ବେଦନଶୀଳ ଅଞ୍ଚଳକୁ ଠାବ କରି ସେଠାରେ ମୋବାଇଲ ଟିମ୍ ପଠାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। କିନ୍ତୁ ଡାଇରିଆର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଏହା ଜାଣିବା ପାଇଁ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ବ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ସାପ କାମୁଡ଼ାରେ ଦମ୍ପତି ମୃତ

**ଚମ୍ପୁଆ,୧୨।୬(ସମିସ):** ସାପ କାମୁଡ଼ାରେ ଚାଲିଗଲା ଦମ୍ପତିଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡର ଜରପାଇ ଗ୍ରାମରେ ଗତରାତିରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ନନି ଜେରାଇ ଓ ତାଙ୍କ ସ୍ତ୍ରୀ କବିତା ଜେରାଇ। ୩ ଛୁଆଙ୍କ ସହ ଏହି ଜେରାଇ ଦମ୍ପତି ଗତକାଲି ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ଦୁହିଁଙ୍କୁ କାମୁଡ଼ି ଦେଇଥିଲା। ସକାଳୁ ୩ ଛୁଆଙ୍କ କାନ୍ଦ ଶୁଣି ପଡ଼ୋଶୀ ଘରକୁ ଯାଇ ଦେଖିବାରୁ ସ୍ୱାମୀ-ସ୍ତ୍ରୀ ଦୁହେଁ ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲା। ସେମାନଙ୍କ ଦେହରେ ସାପ ଦଂଶନର ଚିହ୍ନ ଦେଖି ଗ୍ରାମବାସୀ ଦୁହିଁଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**■ ବାଡ଼ିରୁ ଗଛ କାଟିଲା ବୋଲି**

## ବଡ଼ଭାଇକୁ ହାଣିଦେଲା ସାନ

**କପ୍ତିପଦା, ୧୨।୬(ସମିସ):** ବାଡ଼ିରେ ଥିବା ଗଛ କାଟି ଦେବାରୁ ବଡ଼ଭାଇକୁ ହାଣିଦେଲା ସାନ। କପ୍ତିପଦା ଥାନା ଉପିସାହି ସାପ୍ତାହିକ ହାଟରେ ଗତ ୧୦ ତାରିଖରେ ଘଟିଥିବା ମାଣିକ ସିଂ ହତ୍ୟା ମାମଲାର ପର୍ଦ୍ଦାଫାସ୍ କରି ଆଜି ପୁଲିସ୍ ଏହି ସୂଚନା ଦେଇଛି। ଏହି ଘଟଣାରେ ପୁଲିସ୍ ଆଜି ଅଭିଯୁକ୍ତ ରାଜେନ୍ଦ୍ର ସିଂଙ୍କୁ ଗିରଫ କରିଛି।

ପୁଲିସ୍ ସୂଚନାନୁଯାୟୀ, ଢୋଲଗଣ୍ଡି ଗ୍ରାମର ଏହି ଦୁଇ ଭାଇଙ୍କ ମଧ୍ୟରେ ପୂର୍ବରୁ ଜମିଜମା ବିବାଦ ରହିଥିଲା। ୬ଦିନ ପୂର୍ବରୁ ମାଣିକ ବାଡ଼ିରେ ଥିବା ଏକ ବଡ଼ ଗଛ କାଟି ଦେଇଥିଲେ। ଏଥିରୁ ବିବାଦ ଉଗ୍ରରୂପ ନେଇଥିଲା। ଗତ ୯ ତାରିଖରେ ମାଣିକ ଉପିସାହି ହାଟକୁ ଯାଇଥିବା ବେଳେ ସେଠାରେ ରାଜେନ୍ଦ୍ର ତାଙ୍କୁ ପଛରୁ ଏକ କଟୁରିରେ ଚୋଟ ପକାଇ ହାଣି ହତ୍ୟା କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ମଧ ପୁଲିସ୍ ଜବତ କରିଛି।

ସୂଚନାନୁଯାୟୀ, ଗତ ୧୦ ତାରିଖରେ ଉପିସାହି ହାଟ ନିକଟରୁ ପୁଲିସ୍ ମାଣିକଙ୍କ ରକ୍ତଜୁଡୁବୁଡୁ ମୃତଦେହ ଉଦ୍ଧାର କରିଥିଲା। କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କୁ ହାଣି ହତ୍ୟା କରିଥିବା ଅନୁମାନ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା।

## ଦୁର୍ଘଟଣାରେ ମା' ପୁଅ ମୃତ

**ଯାଜପୁର, ୧୨।୬(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବରୀ ରାସ୍ତାର କୁଝାଲା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଶ୍ୟାମଦାସପୁର ପଞ୍ଚାୟତ କଳସପୁର ଗ୍ରାମର ପରୀକ୍ଷିତ ଦାସଙ୍କ ପତ୍ନୀ ପାକନ ଦାସ ଓ ତାଙ୍କର ପୁଅ ସାଇ ଦାସ (୭)। ପୁଲିସ୍ ସୂଚନାନୁଯାୟୀ, ସାଇକୁ ଜ୍ୱର ହୋଇଥିବାରୁ ପାକନ ତାକୁ ସୁଜନପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ମା'-ପୁଅ ଫେରୁଥିବା ବେଳେ କୁଝାଲା ଛକ ନିକଟରେ ଏକ ପିକଅପ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସାଇଙ୍କୁ ମୃତ ଘୋଷଣା କରିଥିବା ବେଳେ ପାକନଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ କିଛି ସମୟ ପରେ ତାଙ୍କର ମଧ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମା'-ପୁଅଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଅଡ଼ି ବସିବାରୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ କରୁଛି।

**ଗୋଷ୍ଠୀସଂଘର୍ଷରୁ ଭଦ୍ରକରେ ଜଣଙ୍କ ମୃତ୍ୟୁ ଘଟଣା**

## ସହରସାରା ପୁଲିସ୍ ଛାଉଣୀ; ଇଣ୍ଟରନେଟ୍ ବନ୍ଦ

**ଭଦ୍ରକ,୧୨।୬ (ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କଷଟିଠାରେ ଗୋଷ୍ଠୀ ବିବାଦରୁ ଗୁରୁତର ଆହତଙ୍କ ମୃତ୍ୟୁ ହେବା ପରେ ଭଦ୍ରକରେ କଟକଣା ଜାରି ହୋଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଭଦ୍ରକ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ସହ ୨୭ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଜିଲ୍ଲାର ଭଦ୍ରକ, ତିହିଡ଼ି, ଧାମନଗର ବ୍ଲକ ସହ ଭଦ୍ରକ ପୌରାଞ୍ଚଳ ଓ ଧାମନଗର ଏନ୍‌ଏସିରେ ଇଣ୍ଟରନେଟ୍ କଟକଣା ଜାରି ହୋଇଛି। ସହର ତମାମ ପୁଲିସ ପାଟ୍ରୋଲିଂ କରାଯିବ ସହିତ ଉଠାଦୋକାନଗୁଡ଼ିକୁ ମଧ ବନ୍ଦ କରାଯାଇଛି। ସେହିପରି ମୃତକଙ୍କ ମରଶରୀର ଭଦ୍ରକରେ ପହଞ୍ଚିବା ପରେ ତାଙ୍କ ଗାଁ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଏସ୍‌କର୍ଟ ବ୍ୟବସ୍ଥା ଗ୍ରହଣ କରାଯାଇ ନିଆଯାଇଛି। ଅନ୍ୟପଟେ ଦୀର୍ଘ ୨୪ ଘଣ୍ଟା ଇଣ୍ଟରନେଟ ସେବା ବନ୍ଦକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଗତ ମେ' ୩୦ ତାରିଖରେ ଭଦ୍ରକ ଜିଲ୍ଲା ତିହିଡି ଥାନା କଷଟି ଗୁଜିଦରଡ଼ା ଅଞ୍ଚଳରେ ଦୁଇ ଗୋଷ୍ଠୀ ବିବାଦକୁ ନେଇ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ କଷଟି ଗ୍ରାମର ସନ୍ତୋଷ ପରିଡ଼ା। ପରେ ଦୀର୍ଘ ଦିନ ଭୁବନେଶ୍ୱରର



ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ହେବା ପରେ ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଏହି ଖବର ପ୍ରଚାରିତ ହେବା ପରେ ଆଇନଶୃଙ୍ଖଳା ବଜାୟ ରଖିବାକୁ ଆଜି ଭଦ୍ରକ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଜି ସକାଳ ୬ଟାରୁ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ ଭଦ୍ରକର ୫ଟି ସ୍ଥାନରେ ଇଣ୍ଟରନେଟ୍ ସେବା ସଂପୂର୍ଣ୍ଣ ବନ୍ଦ କରାଯାଇଛି। ଭଦ୍ରକ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ୨୭ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବାଲେଶ୍ୱର ଓ ମୟୂରଭଞ୍ଜରୁ ପ୍ରାୟ ୪୫ଜଣ ପୁଲିସ୍ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସୋସିଆଲ ମିଡିଆରେ ଗୁଜବ ନ ଖେଳାଇବା ପାଇଁ ନିବଦେନ କରିଛି ପୁଲିସ। କୌଣସି ଅଭିଯୋଗ ଥିଲେ, କଣ୍ଟ୍ରୋଲ ରୁମ୍‌କୁ ଜଣାଇବା ପାଇଁ ଭଦ୍ରକ ପୁଲିସ କହିଛି। ଭଦ୍ରକ ସହରର ଆରଡ଼ି ଛକଠାରୁ ବାଇପାସ୍ ପର୍ଯ୍ୟନ୍ତ ସମସ୍ତ ଉଠା ଦୋକାନ ବନ୍ଦ୍ କରିଛି ପୁଲିସ।

ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଭଦ୍ରକରେ ପହଞ୍ଚି ଆଇନ ଶୃଙ୍ଖଳର ସ୍ଥିତି ଯାଞ୍ଚ କରିଛନ୍ତି। ଭଦ୍ରକ ଏସ୍‌ପି ପ୍ରତ୍ୟେକ ଅଞ୍ଚଳ ବୁଲି ସ୍ଥିତିର ଯାଞ୍ଚ କରିଛନ୍ତି। ଲୋକମାନେ ଗୁଜବରେ ବିଶ୍ୱାସ ନକରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଡିଆଇଜି ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାକୁ ନେଇ ଭଦ୍ରକ ନେହରୁ ଷ୍ଟାଡିୟମ ସମ୍ମୁଖରେ ଉତ୍ତ୍ୟେକ୍ତ

**■ ବିଭିନ୍ନ ସ୍ଥାନରେ ରାସ୍ତାରୋକ ଓ ଉତ୍ତେଜନା**
**■ ୨୭ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ**
**■ ସ୍ଥିତି ସମୀକ୍ଷା କଲେ ଡିଆଇଜି**


ଲୋକମାନେ ରାଜରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ରାସ୍ତାରେ ଟାୟାର ଜାଳି ବସି ରହିଥିଲେ। ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ଉଠିଥିଲା।

ଅନ୍ୟପକ୍ଷରେ ଦୀର୍ଘ ୨୪ଘଣ୍ଟା ପାଇଁ ଭଦ୍ରକରେ ଇଣ୍ଟରନେଟ ସେବା ପ୍ରଶାସନ ପକ୍ଷରୁ ବନ୍ଦ କରାଯିବାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରି ପ୍ରଶାସନ ଓ ପୁଲିସକୁ ପୂର୍ଣ୍ଣ ସହଯୋଗ ଲାଗି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଅନୁରୋଧ କରିଛନ୍ତି।

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି**

## ବନ୍ଧୁକ ଦେଖାଇ ଲୁଟିନେଲେ ୧୧ଲକ୍ଷ, ଗହଣା

**ଯୋଡ଼ା,୧୨।୬(ସମିସ):** କେନ୍ଦୁଝର ଜିଲ୍ଲା ସେଣ୍ଟ ଟେରେସା ସ୍କୁଲ ସମ୍ମୁଖରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରୁ ଆଜି ସକାଳେ ଏକ ବଡ଼ଧରଣର ଡକାୟତି ହୋଇଛି। ସକାଳ ପ୍ରାୟ ୧୦ଟାରେ ୫ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବ୍ୟାଙ୍କରୁ ୧୧ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ବ୍ୟାଙ୍କ ଖୋଲୁଖୋଲୁ ଦୁର୍ବୃତ୍ତମାନେ ଭିତରକୁ ଧସେଇ ପଶିଥିଲେ। କିଛି ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମାଡ଼ ମାରିବା ପରେ ବ୍ୟାଙ୍କର ମୁଖ୍ୟ ଫାଟକକୁ ଭିତରପଟୁ ବନ୍ଦ କରି ସମସ୍ତଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତ କର୍ମଚାରୀମାନଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦେଇ କ୍ୟାସ ବାକ୍ସରେ ଥିବା ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ କେତେକ ସୁନା ପ୍ୟାକେଟ୍ ନେଇଯାଇଥିଲେ। ଯିବା ବେଳେ ସେମାନେ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରର



ହାର୍ଡ ଡିସ୍କଟିକୁ ମଧ ଖୋଲି ନେଇଥିଲେ। ବାହାରପଟୁ କବାଟ ବନ୍ଦ କରି ସେମାନେ ଚମ୍ପଟ ମାରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ଜଣ ବନ୍ଧୁକ ଧରିଥିବା ବେଳେ ଅନ୍ୟ ୨ଜଣ ଛୁରି ଧରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପରେ କର୍ମଚାରୀମାନେ କବାଟ ଭାଙ୍ଗି ସମସ୍ତେ ପଦାକୁ ବାହାରିବା ପରେ ଏ ସଂକ୍ରାନ୍ତରେ ଯୋଡ଼ା ପୁଲିସକୁ ସୂଚନା ଦେଇଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଆଲୁଅରେ ଏଭଳି ବ୍ୟାଙ୍କ ଡକାୟତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଯୋଡ଼ା ଓ ବଡ଼ବିଲ ଏସ୍‌ଡିପିଓ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ ଏନେଇ ସୁରାକ ମିଳି ପାରିନାହିଁ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସପି ନିତେଶ ୱାଧୱାନୀ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ପୁଲିସ ଅନୁସନ୍ଧାନ ଚଳାଇଥିଲା ବେଳେ ଜଣେ ସନ୍ଦିଗ୍ଧର ଫଟୋ ପୁଲିସ ହାତରେ ଲାଗିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ସମାନ ଢଙ୍ଗରେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଆନ୍ଧ୍ରା ବ୍ୟାଙ୍କ (ୟୁନିଅନ ବ୍ୟାଙ୍କ)ରେ ମଧ ପୂର୍ବରୁ ସଶସ୍ତ୍ର ଡକାୟତି ଘଟିଥିବା ବେଳେ ପୁଲିସ ତା'ର କୌଣସି ଖୋଜ ଖବର ଅଦ୍ୟାବଧି ପାଇପାରିନାହିଁ।

**ସରକାରଙ୍କ ଏକ ବର୍ଷ ପୂର୍ତ୍ତି**

## 'ବିକାଶ ବାହନ ଯାତ୍ରା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**■ ଲୋକଙ୍କ ସହିତ ଯୋଡ଼ି ହେବାର ପ୍ରୟାସ ଆମ ସରକାରଙ୍କ ହଲ୍‌ମାର୍କ**
**■ ସମସ୍ତ ଯୋଜନାର ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚିବ**

**ଭୁବନେଶ୍ୱର, ୧୨।୬(ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଶାସନକୁ ଜନସାଧାରଣଙ୍କ ଦୁଆର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ଟି ବ୍ଲକ୍, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର



ନିଗମରେ ସ୍ୱତନ୍ତ୍ର 'ବିକାଶ ବାହନ' ଗଡ଼ିବ। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ ଦେଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡ୍‌ରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଲୋକଙ୍କ ସହିତ ଯୋଡ଼ି ହେବାର ପ୍ରୟାସ ଆମ ସରକାରଙ୍କ ଏକ ହଲ୍‌ମାର୍କ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତୀକରଣ ସହ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଲୋକଙ୍କୁ ଯୋଡ଼ିବାର ଆଉ ଏକ ପ୍ରୟାସ।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଲେ ଯେ ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନ୍‌ର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ।



# ଡିଏଚ୍‌ଏଚ୍‌ରୁ ସମସ୍ତ ବିଭାଗ ସ୍ଥାନାନ୍ତର ନେଇ ବର୍ଷିଲା କଂଗ୍ରେସ




● ଶୌଚାଳୟ ଉପହାର ଦେଇ ଭଣ୍ଡେଇ ଦେଇଛି ବିଜେପି ସରକାର

● ମେଡିକାଲ କଲେଜକୁ ସୁପରସ୍ପେସିଆଲିଟି ହସ୍‌ପିଟାଲରେ ପରିଣତ ନ କଲେ ଆନ୍ଦୋଳନ

ବାଲେଶ୍ୱର, ୧୨।୬(ସମିସ)

କେନ୍ଦ୍ରରେ ୧୧ବର୍ଷ ଏବଂ ରାଜ୍ୟରେ ଏକ ବର୍ଷର ବିଜେପି ସରକାର ପୂରଣ କରିଥିବାରୁ ବିଜେପି ପକ୍ଷରୁ ଖୁସି ମନାଉଛି। ହେଲେ ଏହି ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ବିଜେପି ସରକାର ବାଲେଶ୍ୱର ବାସୀଙ୍କ ପାଇଁ କ'ଣ କରିଛି। କି ପ୍ରକାର ବିକାଶ କରିଛି। ବାଲେଶ୍ୱର ବାସୀଙ୍କୁ କେବଳ ୮୪ଲକ୍ଷ ଟଙ୍କାର ଦୁଇଟି ଶୌଚାଳୟ ଉପହାର ସ୍ୱରୂପ ପ୍ରଦାନ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅପସାରଣ କରିନେଇଛି ବୋଲି ଜିଲ୍ଲା କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଅଭିଯୋଗ କରିଛନ୍ତି।

ସରକାର ସବୁକ୍ଷେତ୍ରରେ ବିଫଳ ହୋଇଛନ୍ତି। କଂଗ୍ରେସ ସମୟରେ ମେଡିକାଲ କଲେଜ ସବୁ ନିର୍ମାଣ ହୋଇଥିବା ବେଳେ ବିଜେପି ଏହାର ଶ୍ରେୟ ନେଉଛି। ବିଜେପି ସରକାର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ କରିବା କ୍ଷେତ୍ରରେ ବିଫଳ ହୋଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ମଧ୍ୟ ବିଫଳ ହୋଇଛି। ଏହାରି ମଧ୍ୟରେ ରାଜ୍ୟରେ ଏକ ବର୍ଷର ଶାସନ ମଧ୍ୟରେ ବାଲେଶ୍ୱର ବାସୀଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି। ବିଜେପି ସରକାର ଏହି ଏକ ବର୍ଷ ମଧ୍ୟରେ ବାଲେଶ୍ୱରବାସୀଙ୍କୁ ୮୪ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଶୌଚାଳୟ ଉପହାର ସଦୃଶ ଦେଇଛନ୍ତି। ଅପରପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସବୁ ବିଭାଗ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରିନେଇଛନ୍ତି। ଏଣୁ ଏହା ଶୌଚାଳୟ ବନାମ ଚିକିତ୍ସାଳୟରେ ଉପାଖ୍ୟାନ ସୃଷ୍ଟି ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବିଭାଗକୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯିବା ଫଳରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କୌଣସି ଗୁରୁତର ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ରେମୁଣା ମେଡିକାଲକୁ ରେଫର କରାଯାଉଥିବା ବେଳେ ରେମୁଣା ମେଡିକାଲ କଲେଜରୁ କଟକକୁ ସ୍ଥାନାନ୍ତରିତ କରାଯାଉଛି। ଏହି ମେଡିକାଲ ଉପରେ କେବଳ ବାଲେଶ୍ୱର ଜିଲ୍ଲା ନୁହେଁ ବରଂ ପଡ଼ୋଶୀ ଜିଲ୍ଲାମାନେ ମଧ୍ୟ ନିର୍ଭର କରୁଥିଲେ। କଂଗ୍ରେସ ସରକାର ସମୟରେ ମେଡିକାଲ କଲେଜ କରାଯାଇଥିବା ବେଳେ ବିଜେପି ସରକାର କାହିଁକି ସୁପରସ୍ପେଶାଲିଷ୍ଟ ହସପିଟାଲରେ ପରିଣତ କରିପାରିଲେ ନାହିଁ। ଏପରିକି ବାଲେଶ୍ୱରରେ ଡାକ୍ତରଙ୍କ ଅଭାବ ମଧ୍ୟ ପୂରଣ କରିପାରିଲେ ନାହିଁ ବୋଲି ପ୍ରଶ୍ନ କରିଛି। ଏହାଛଡା ବାଲେଶ୍ୱରରୁ ଏମ୍‌ସର ସାଟେଲାଇଟ ସେଣ୍ଟରକୁ ମଧ୍ୟ ଉଠାଇ ନେଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏହି ସରକାର ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି ବୋଲି କହିଛନ୍ତି। ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଠାରୁ ସ୍ଥାନାନ୍ତରିତ ହେବାର ଅର୍ଥ ହେଉଛି ବାଲେଶ୍ୱର ବାସୀଙ୍କ ସ୍ୱାଭିମାନକୁ କୁଠାରଘାତ ହୋଇଛି। ବାଲେଶ୍ୱରବାସୀ ବିପୁଳ ସଂଖ୍ୟାରେ ମତଦାନ କରି ନିର୍ବାଚିତ କରିଥିଲେ କ'ଣ ଏହି ଫଳ ଭୋଗିବା ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଣୁ ପୂର୍ବ ଭଳି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉଚିତ ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହାବ୍ୟତିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରେମୁଣା ମେଡିକାଲ କଲେଜକୁ ସବୁ ସାମଗ୍ରୀ ବୋହିନେବା ପୂର୍ବରୁ କୌଣସି ପ୍ଲାନ କିମ୍ବା ଲୋକମାନଙ୍କୁ ନ ଜଣାଇ ଏଭଳି କରାଯାଇଛି। ଅନ୍ୟପଟେ ମେଡିକାଲ କଲେଜକୁ ସୁପରସ୍ପେସିଆଲିଷ୍ଟ ହସ୍‌ପିଟାଲରେ ପରିଣତ କରାଯାଇ ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନଙ୍କ ସହ ଯନ୍ତ୍ରାଂଶ ମଧ୍ୟ ଉପଲବ୍ଧ କରାଯାଉ। ଏହି ଦାବି ଆସନ୍ତା ୧୫ଦିନ ମଧ୍ୟରେ ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପଦ୍ମଲୋଚନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ମୋହନ ସରକାରକୁ ବର୍ଷେ; ସମସ୍ୟାରେ ଜର୍ଜରିତ ବସ୍ତା

**ବସ୍ତା ବ୍ଲକ, ୧୨।୬ (ସମିସ):** ଓଡ଼ିଶାରେ ବିଜେପି ଶାସନର ମୋହନ ମାଝୀ ସରକାରକୁ ବର୍ଷେ ପୂରିଛି। ବିକାଶର ସ୍ୱପ୍ନ ଦେଖୁଥିବା ବସ୍ତା ନିର୍ବାଚନ ମଣ୍ଡଳୀ ଗତ ଏକ ବର୍ଷରେ ବିକାଶଠାରୁ ବହୁ ଦୂରକୁ ଚାଲି ଯାଇଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ରାଜନୈତିକ ନେତୃତ୍ୱ ସଙ୍କଟ ବଢ଼ିଛି। ସ୍ୱାସ୍ଥ୍ୟ, ଶିକ୍ଷା ସହ ନାନା ସମସ୍ୟାରେ ଜର୍ଜରିତ ହୋଇଛି ବସ୍ତା। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରୀ ଅଫିସରଙ୍କ ରାଜ ବଢ଼ିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ଶାସନ ବ୍ୟବସ୍ଥାକୁ ଭୋଟର ପରଖୁଥିବା ଆଲୋଚନା ହେଉଛି।

ପଞ୍ଚାୟତଗୁଡ଼ିକରେ ଦୁର୍ନୀତି ସୀମା ଲଂଘିଛି। ବର୍ଷ ବର୍ଷ ଧରି ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଥିବା କଂଗ୍ରେସ ଚୁପ୍ ବସିଛି। ଲୋକଙ୍କ ପାଇଁ ବିଧାୟକ ପ୍ରାର୍ଥୀ, ସାଂସଦ ପ୍ରାର୍ଥୀ, ଜିଲ୍ଲା ଓ ବ୍ଲକର ପଦପଦବୀ ନେତା ଏବଂ ପଞ୍ଚାୟତ ନେତାଙ୍କ ଉଦାସୀନତା କଂଗ୍ରେସ କର୍ମୀ ଓ ଭୋଟର ଏବଂ ସମର୍ଥକଙ୍କୁ ନିରାଶ କରିଛି। ଓଡ଼ିଶାରେ ବିଜେପି ସରକାର ଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୋଷ୍ଟ ପାୱାର ଫୁଲ କୁହାଯାଉଛି। ହେଲେ ବସ୍ତାରେ ତାଙ୍କ ପାୱାରର କୌଣସି ପ୍ରତିଫଳନ ଦେଖିବାକୁ ମିଳୁନି। ସେହିପରି ବିଜେପି ନେତାଙ୍କ ମଧ୍ୟରେ ଅନେକ ମତାନ୍ତର ରହୁଛି। ବସ୍ତା ବିଜେପିରେ ଏକାଧିକ ଗୋଷ୍ଠୀ ହେବା ଦଳୀୟ କନ୍ଦଳକୁ ପଦାରେ ପକାଇଛି। ସାଂସଦ ବସ୍ତାରେ ସେମିତି କିଛି ଆଖିଦୃଶିଆ କାର୍ଯ୍ୟ କରିନଥିବା ଦେଖିବାକୁ ମିଳିଛି। ରାଜନୈତିକ ଛକାପଞ୍ଝା ଭିତରେ ସବୁ ପ୍ରଶାସନିକ ଅଧିକାରୀ ବେଶ ଫାଇଦା ଉଠାଉଛନ୍ତି। ସରକାରୀ ଅଙ୍କୁଶ ନ ଥିବାରୁ ସରକାରୀ ଅଫିସ ଦୁର୍ନୀତି ସହ ଲାଞ୍ଚ କାରବାର ବଢ଼ିଛି। ବସ୍ତାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଥାନାରେ

**ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର**

ଅଭିଯୋଗକାରୀ ନ୍ୟାୟ ପାଉନଥିବା ଅଭିଯୋଗ ହୋଇଛି। ଅପରାଧିକ ମାମଲା, ନିଶା ବେପାରୀ ସହ ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ କାରୀଙ୍କଠାରୁ ପୁଲିସ ମୋଟା ଅଙ୍କର ମାସୁଆରୀ ଟଙ୍କା ନେଉଥିବା ଅଭିଯୋଗ ଆସୁଛି। ଦିନକୁ ଦିନ ଲୁଟ ତରାଜ୍ ବୃଦ୍ଧି ପାଉଥିବା ବେଳେ ପୁଲିସ ଏହି ଗ୍ୟାଙ୍ଗକୁ ଧରିବାରେ ବିଫଳ ହୋଇଛି। ସେହିପରି ବସ୍ତା ଲୋକେ ବହୁ ସମସ୍ୟାରେ ଜର୍ଜରିତ ହେଉଛନ୍ତି। ବସ୍ତା ହସ୍ପିଟାଲରେ ଡାକ୍ତର ଅଭାବ ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ରେଳବାଇ କ୍ଷେତ୍ରରେ ବସ୍ତା ବହୁ ସମସ୍ୟା ଦେଇ ଗତି କରୁଛି। ଘୋଷଣାରେ ସୀମିତ ହୋଇ ରହିଛି ରେଳ ଓଭର ବ୍ରିଜ୍। ବସ୍ତାରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ, କଳିଙ୍ଗ ଉତ୍କଳ ଏକ୍ସପ୍ରେସ ପୁନଃ ରହଣୀ ହୋଇ ନାହିଁ। ଖାଦ୍ୟ ସୁରକ୍ଷା, ଭତ୍ତା, ସୁଭଦ୍ରା ଯୋଜନା, ବିକଳାଙ୍ଗ ଭତ୍ତା ପାଇଁ ଶହ ଶହ ଆବେଦନ ହେଉଥିବା ବେଳେ ସେମାନେ ପାଉନଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ସରକାର ପାନୀୟ ଜଳ ବିଭାଗରେ ଖର୍ଚ୍ଚ କରୁଥିବା ବେଳେ ପ୍ରକଳ୍ପରୁ ଲୋକେ ପାଣି ପାଉ ନଥିବା ଅଭିଯୋଗ ହେଉଛି। ବସ୍ତା ଏନ୍‌ଏସି ଘୋଷଣା ହୋଇଥିଲେ ମଧ୍ୟ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ରାସ୍ତା ଘାଟ, ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ ହୋଇଛି। ଶୀତଳ ଭଣ୍ଡାର ଗୋଟିଏ ବି ଖୋଲି ନାହିଁ। ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବସ୍ତାରେ ରେଳବାଇ କିଛି ଉଚ୍ଛେଦ କରିଥିବା ବେଳେ ଆଉ କିଛି ଦୋକାନ ଉଚ୍ଛେଦ ପାଇଁ ନୋଟିସ ଦେଇଛି। ଏ ସବୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବଜାରର ବ୍ୟବସ୍ଥା ହୋଇ ନାହିଁ। ସରକାରୀ ଅଫିସରଙ୍କ ମନମାନି ପାଇଁ ଦିନକୁ ଦିନ ଲୋକଙ୍କ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହି ଭଳି ସମସ୍ୟାରେ ଘାଣ୍ଟି ହେଉଥିବା ବସ୍ତାର ଜନସାଧାରଣ ଓ ଭୋଟର ଶାସନ ବ୍ୟବସ୍ଥାକୁ ପରଖୁଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଏହା ଶାସକ ଦଳ ଉପରେ ପ୍ରଭାବ ପଡ଼ିବ ବୋଲି ଏବେଠାରୁ ଚର୍ଚ୍ଚା ହେଉଛି।

# ବେଆଇନ ବାଲି ଉତ୍ତୋଳନକୁ ଗ୍ରାମବାସୀଙ୍କ ବିରୋଧ






**ରାଜଘାଟ, ୧୨।୬ (ସମିସ):** ରାତି ଅଧରେ ଚୋରି ହେଉଛି ବାଲି। ବାଲି ମାଫିଆମାନେ ରାତିରେ ସୁବର୍ଣ୍ଣରେଖା ନଦୀରୁ ଜେସିବି ଓ ଯନ୍ତ୍ର ଚାଳିତ ମେସିନରେ ବାଲି ଚୋରି କରୁଛନ୍ତି। ଯାହାକୁ ନେଇ ତୀବ୍ର ବିରୋଧ କରିଛନ୍ତି ଗ୍ରାମବାସୀ। ବାଲେଶ୍ୱର ଜିଲ୍ଲା ବସ୍ତା ତହସିଲ ଅନ୍ତର୍ଗତ ଗିଲାଯୋଡି ନିକଟରେ ସୁବର୍ଣ୍ଣରେଖା ନଦୀରୁ ମେସିନ ମାଧ୍ୟମରେ ବାଲି ଉତ୍ତୋଳନ ହେଉଥିବାରୁ ଏହାକୁ ବିରୋଧ କରିଛନ୍ତି ଗ୍ରାମବାସୀ, ଏହି ମେସିନରେ ନଦୀ ଗର୍ଭରୁ ବାଲି ଉତ୍ତୋଳନ ହେଉଥିବାରୁ ଏହାର ପ୍ରଭାବରେ ନଦୀକୂଳ ଖାଇବା ସହିତ ନଦୀବନ୍ଧ ଏବଂ ନଦୀ ପାଶ୍ୱବର୍ତ୍ତୀ ଅଞ୍ଚଳରେ ରହିଥିବା ଘର ଉପରେ ପ୍ରଭାବ ପଡୁଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଆଗକୁ ବର୍ଷାଋତୁ ଆସୁଥିବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲେ ନଦୀ କୂଳ ଖାଇବା ସହିତ ନଦୀବନ୍ଧ ଭାଙ୍ଗିବାର ଆଶଙ୍କା ରହିଛି, ଯଦି ନଦୀ ବନ୍ଧ ଭାଙ୍ଗେ ତାହାହେଲେ ୫୦ ଗାଁ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି ଗ୍ରାମବାସୀ। ବେଆଇନ ବାଲି ଉତ୍ତୋଳନକୁ ସ୍ଥାନୀୟ ଲୋକେ ବିରୋଧ କଲେ ମାଫିଆଙ୍କ ଆକ୍ରୋଶର ଶିକାର ହେବାକୁ ପଡେ ବୋଲି କୋହଭରା କଣ୍ଠରେ କହିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ସୁଜୟ କୁମାର ଜେନା, ଅନିରୁଦ୍ଧ ଜେନା, ଉତ୍ତମ କୁମାର ଜେନା, ନରୋତ୍ତମ ଜେନା, ସୁବାସ ଜେନା, ତାପସ କୁମାର ଜେନାଙ୍କ ସମେତ ବହୁ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

● ଗାଡ଼ି କାଗଜପତ୍ର ଯାଞ୍ଚ

## ୮୬ ହଜାର ଟଙ୍କା ଜରିମାନା ଆଦାୟ

**ସୋର, ୧୨।୬ (ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ଏବଂ କୋର୍ଟ ଛକରେ ସୋର ଅବକାରୀ ବିଭାଗ ଏବଂ ପରିବହନ ବିଭାଗ ତରଫରୁ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଚେକିଂ କରାଯାଇ ଫାଇନ ଆଦାୟ କରାଯାଇଛି। ରାଜ୍ୟ ସରକାରଙ୍କ ଆମର ସଂକଳ୍ପ ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗର ଅତିରିକ୍ତ ଆରଟିଓ ସାବିତ୍ରୀ ହେମ୍ବ୍ରମ ଏବଂ ସୋର ଅବକାରୀ ଅଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏହି ଚେକିଂ କରାଯାଇଥିଲା। ଏହି ସମୟରେ ଜଣେ ବାଇକ ଚାଳକ, ଜଣେ ଅଟୋ ଚାଳକ ଏବଂ ୩ ଜଣ ଟ୍ରକ ଚାଳକ ମଦ ପିଇ ଗାଡି ଚାଳନା କରୁଥିବା ବେଳେ ଏହି ଟିମ୍ ତାଙ୍କୁ ଧରିଥିଲେ। ଏ ବାବଦରେ ୫ଟି କେସ କରାଯାଇ ୮୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଳ ପ୍ରିୟଦର୍ଶିନୀଙ୍କ ସମେତ ପରିବହନ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

## ଡାକ୍ତରଙ୍କ ଘରେ ପଶି ଲୁଟ୍, ଜଣକୁ ପୁଲିସ ଜିମା

**ସୋର, ୧୨।୬(ସମିସ):** ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଜଣେ ଡାକ୍ତରଙ୍କ ଘରୁ ଲୁଟ ହୋଇଥିବା ବେଳେ ଜଣେ ଚୋରକୁ କାବୁ କରି ପରିବାର ଲୋକେ ପୁଲିସକୁ ହସ୍ତାନ୍ତର କରିଛନ୍ତି ଏବଂ ଚୋରଙ୍କ ଆକ୍ରମଣରେ ଘର ମାଲିକଙ୍କ ସମେତ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। କମରପୁରରେ ରହୁଥିବା ଆୟୁର୍ବେଦ ଡାକ୍ତର ତପନ ବେହେରା ତାଙ୍କ ପରିବାର ଲୋକଙ୍କ ସହିତ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଦ୍ରକ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ୪ ଜଣ ଚୋର ଗ୍ରିଲ୍ ତାଲା ଭାଙ୍ଗି ଘର ଭିତରକୁ ପଶି ଚୋରି କରୁଥିଲେ। ଠିକ ସେହି ସମୟରେ ତପନ ଓ ତାଙ୍କ ଶଳା ଦିଲୀପ ମହାଲିକ ଘରେ ପହଞ୍ଚି ତାଙ୍କ ଘରେ ଚୋର ପଶିଥିବା ଜାଣିବାକୁ ପାଇଥିଲେ। ଫଳରେ ତପନ ସ୍ଥାନୀୟ ଲୋକଙ୍କୁ ଖବର ଦେବା ସହିତ ଘର ଭିତରକୁ ପଶିଥିଲେ। ଚୋର ମାନେ ଏହା ଜାଣିପାରି ଘରୁ ବାହାରି ତପନ ଏବଂ ଦିଲ୍ଲୀପଙ୍କୁ ଆକ୍ରମଣ କରିବା ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। କିନ୍ତୁ ତିନିଜଣ ଚୋର ଫେରାର ହୋଇଯାଇଥିବା ବେଳେ ଜଣେ ଚୋରକୁ ସେମାନେ କାବୁ କରିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରକୁ ସୋର ମେଡିକାଲରେ ଚିକିତ୍ସା କରାଇ ଥାନାକୁ ଆଣି ଅଟକ ରଖିଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଟକ ଥିବା ଚୋର ଜଣକ ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ହୋଇଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ୬୭ ଜଣଙ୍କୁ ନୂତନ ଗୃହ କାର୍ଯ୍ୟାଦେଶ ପ୍ରଦାନ



**ଜଳେଶ୍ୱର ବ୍ଲକ, ୧୨।୬(ସମିସ):** ଭଞ୍ଜ ଭବନ ଠାରେ ଜଳେଶ୍ୱର ପୌରପାଳିକା ପକ୍ଷରୁ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଳେଶ୍ୱର ପୋରପାଳିକାର ୧୭ ଟି ୱାର୍ଡରେ ଅନ୍ତୋଦୟ ଗୃହ ଯୋଜନାରେ ୬୭ ହିତାଧୀକାରୀ ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଥିଲା। ଏଥିଲେ ସହରାଞ୍ଚଳ ପାଇଁ ୨.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ୍ ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମୀଲା, ବିଧାୟକ ପ୍ରତିନିଧି ସତ୍ୟଦାସ ମହାପାତ୍ର ଓ ସମସ୍ତ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ।

# ଆଞ୍ଚଳିକ କୃଷକ ମଞ୍ଚର ବିକ୍ଷୋଭ




**ନୀଳଗିରି, ୧୨।୬ (ସମିସ):** ନୀଳଗିରି ବଉଳଗଡ଼ିଆ ରାସ୍ତାର ଯୁଦ୍ଧକାଳୀନ ଭିତରେ ନିର୍ମାଣ, ଇକୋ ସେନସିଟିଭ ଜୋନ୍‌କୁ ଜନବସତିରୁ ହଟାଯାଇ ଜଙ୍ଗଲ ଭିତରେ ରଖାଯାଉ, ସମସ୍ତ ରେଭିନ୍ୟୁ ଗ୍ରାମରେ ପଲ୍ଲିସଭା କରାଯାଇ ଅଭୟାରଣ୍ୟ କୁଳଡ଼ିହାକୁ ମାନ୍ୟତା, ହାତୀ କବଳରୁ ସାଧାରଣ ମଣିଷର ଧନ-ଜୀବନକୁ ସୁରକ୍ଷା ଦିଆଯିବା ଆଦି ଦାବି ନେଇ ଆଞ୍ଚଳିକ କୃଷକ ମଞ୍ଚ ନୀଳଗିରି ତରଫରୁ ଗୁରୁବାର ପୂର୍ବାହ୍ନରେ ନୀଳଗିରି ବାଇପାସ୍ ଛକଠାରେ ରାସ୍ତାରୋକ କରି ବିକ୍ଷୋଭ କରିବା ସହ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଏକ ପଦଯାତ୍ରା ବାହାରି ବାଇପାସ ଛକ ବସଷ୍ଟାଣ୍ଡ ଠାରେ ରାସ୍ତାରୋକ କରି ବିକ୍ଷୋଭ କରିଥିବାବେଳେ ଅନୁଷ୍ଠିତ ବିକ୍ଷୋଭ ସଭାର ସଭାପତିତ୍ୱ କରିଥିଲେ ଆଞ୍ଚଳିକ କୃଷକ ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଉମାକାନ୍ତ ମଲିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବର୍ଷିଆନ କୃଷକ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସିପିଆଇ ଜୋନ ସମ୍ପାଦକ ବିଜୟ କୁମାର ସ, ଅବସର ପ୍ରାପ୍ତ ସେନା କର୍ମଚାରୀ ଯୋଗେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିତରଞ୍ଜନ ଶଡଙ୍ଗି, ଆଇନଜୀବୀ ଗୌରହରୀ ବେହେରା, ଅଜୟ କୁମାର ପଟ୍ଟନାୟକ, ଯୁବ ନେତୃତ୍ୱ ଅନିରୁଦ୍ଧ ନାୟକ, କୃଷକ ନେତା ପ୍ରଭାକର ମହାପାତ୍ର, ଅନିରୁଦ୍ଧ ବେହେରା, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ପୂର୍ବତନ ସମବାୟ ସମିତି ଅଧ୍ୟକ୍ଷ କମଳାକାନ୍ତ ବାରିକ, ନାରୀନେତ୍ରୀ ଅରୁଣା ବାରିକ, ଗାୟତ୍ରୀ ପଣ୍ଡା, ଆଦିବାସୀ ନେତା ଜଗନ୍ନାଥ ଟୁଡ୍ଡୁ, ବହାଦୁର ସିଂ, ପ୍ରତାପ ଚନ୍ଦ୍ର ସିଂ ପ୍ରମୁଖ ୫ଶହରୁ ଊର୍ଦ୍ଧ୍ୱ ଲୋକ ଏହି ରାସ୍ତାରୋକ ବିକ୍ଷୋଭରେ ଯୋଗ ଦେଇଥିଲେ। ଅନ୍ୟ ଦାବି ମଧ୍ୟରେ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ ରାସ୍ତାର ସମ୍ପ୍ରସାରଣ ଏବଂ ପୁନଃନିର୍ମାଣ କାର୍ଯ୍ୟ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟର ଅବଧି ପରିସମାପ୍ତି ହୋଇଯାଇଥଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ଠପ ହେବା ସହ ଉକ୍ତ ରାସ୍ତା ମରଣଯନ୍ତାରୁ ପାଲଟିଛି। ଏଣୁ ପୁନଃନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା।

## କୃପାକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା



**ଭୋଗରାଇ, ୧୨।୬(ସମିସ):** ଭୋଗରାଇ ବ୍ଲକ ସୁଲତାନପୁର ପଞ୍ଚାୟତ ରସିଦପୁର ସ୍ଥିତ କୃପାକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ପହଣ୍ଡି କରି ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଗଙ୍ଗାଜଳ, କ୍ଷୀର, କର୍ପୁର ଓ ମହୁ ମିଶ୍ରିତ ୧୦୮ ଗରା ପାଣିରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ବଡ଼ ଠାକୁର ଶ୍ରୀ ଜଗନ୍ନାଥଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ସ୍ନାନ ବେଦିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ଶ୍ରୀକୃଷ୍ଣ ଦାସ, ସମ୍ପାଦକ ନଟରଞ୍ଜନ ଘରାଇ, ମୁଖ୍ୟ ସେବାୟତ ଅରବିନ୍ଦ କର, ପରିଚାଳକ ସୁରେନ୍ଦ୍ର କୁମାର ଜେନା, ଭୁବନ ପ୍ରଧାନ, ଲକ୍ଷ୍ମୀନାରାୟଣ ସାହୁ, ଲମ୍ବୋଦର ଦାସ, ସୁରେଶ ଜେନା, ଗୌରହରି ପାଲ, ବିଜୟ ଘରାଇ, ରବୀନ୍ଦ୍ର କର, କାର୍ତ୍ତିକ ସାହୁ, ଗୌରହରି ମହାନ୍ତି, ପ୍ରଦୀପ ନାୟକ, ବିପିନ କର, ଦେବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

**ମହିଳା ଆଇଏଏସ୍‌ଙ୍କ କୋଠରୀକୁ ବରିଷ୍ଠ ଓକିଲ ଭୁଲରେ ଯିବା ଘଟଣା**

# ମହିଳା ଆଇଏଏସ୍‌ଙ୍କ ଗିରଫ ଦାବିକଲା ଜିଲ୍ଲା ଓକିଲ ସଂଘ

ବାଲେଶ୍ୱର, ୧୨।୬(ସମିସ)




**କାର୍ଯ୍ୟାନୁଷ୍ଠାନ ନ ହେଲେ ବାଲେଶ୍ୱର ବନ୍ଦ ଚେତାବନୀ**

ବାଲେଶ୍ୱର ସର୍କିଟ ହାଉସର ନୂତନ ବିଲଡିଂର ଉପର ମହଲାରେ ରହୁଥିବା ଜନୈକା ପ୍ରୋବେସନର ମହିଳା ଆଇଏଏସଙ୍କ କୋଠରୀର ଦରଜା ଫାଙ୍କରେ ଜଣେ ବରିଷ୍ଠ ଆଇନଜୀବୀ ଚାହିଁବାକୁ କେନ୍ଦ୍ରକରି ଜିଲ୍ଲା ପ୍ରଶାସନ ଏବଂ ଓକିଲ ସଂଘ ମଧ୍ୟରେ ଉପୁଜିଥିବା ବିବାଦ ତେଜିବାରେ ଲାଗିଛି। ଗୁରୁବାର ପୂର୍ବାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓକିଲ ସଂଘ ପକ୍ଷରୁ ସମ୍ପୃକ୍ତା ମହିଳା ଆଇଏଏସ ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯାଇଛି। ଥାନାକୁ ନେଇଯାଇ ଥାନା କାର୍ଯ୍ୟାଳୟ ଭିତରେ ଡିଏସପି ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ବରିଷ୍ଠ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ମହିଳା ଆଇଏଏସ ଅଧିକାରୀଙ୍କୁ ଯଦି ଯଥା ଶୀଘ୍ର ଗିରଫ କରାନଯାଏ, ତାହାଲେ ବାଲେଶ୍ୱର ବନ୍ଦର ଆହ୍ୱାନ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ବାଲେଶ୍ୱର ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି କେଶବ କୁମାର ଆଚାର୍ଯ୍ୟ, ସମ୍ପାଦକ ସମ୍ବିତ କୁମାର ନନ୍ଦୀ ଓ ପୂର୍ବତନ ସଭାପତି ମନୋଜ ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଇଥିବା ସୂଚନା ଅନୁଯାୟୀ ଗତ ୬ତାରିଖ ଦିନ ସନ୍ଧ୍ୟାରେ ୭୦ ବର୍ଷ ବୟସ୍କ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ବାଲେଶ୍ୱର ସହର ସ୍ଥିତ ସର୍କିଟ ହାଉସରେ ଥିବା ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ। ତେବେ ବିଧାୟକ ଶ୍ରୀ ଦତ୍ତ ସର୍କିଟ ହାଉସର୍ ତଳ ମହଲା ବିଲଡିଂରେ ନଥିବା ଯୋଗୁଁ ଓକିଲ ଶ୍ରୀ ଦାସ ବିଲଡିଂର ପ୍ରଥମ ମହଲାକୁ ଯାଇଥିଲେ। ପ୍ରଥମ ମହଲାର ଏକ କୋଠରୀ ଅଧା ଖୋଲା ଥିବାବେଳେ କୋଠରୀ ଭିତରେ ଆଲୁଅ ଜଳୁଥିଲା। ବିଧାୟକ କାଳେ ସେହି କୋଠରୀରେ ଥିବେ ଭାବି ଓକିଲ ଶ୍ରୀ ଦାସ ଉକ୍ତ କୋଠରୀ ଭିତରକୁ ଯାଇ ଦେଖିଥିଲେ, ଜଣେ ମହିଳା ସୋଫା ଉପରେ ବସିଛନ୍ତି। ଅଜାଣତରେ ଭୁଲ କୋଠରୀ ଭିତରକୁ ପଶି ଆସିଛନ୍ତି ଭାବି ସଂଗେସଂଗେ ଓକିଲ ଶ୍ରୀ ଦାସ ସେଠାରୁ ଫେରି ଆସୁଥିଲେ। ମାତ୍ର କୋଠରୀରେ ଥିବା ମହିଳା ଆଇଏଏସ ଜଣକ କ୍ଷୀପ୍ର ଗତିରେ ଆସି ବରିଷ୍ଠ ଓକିଲ ଶ୍ରୀ ଦାସଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଟଣାଘୋଷାରା କରିଥିବା ଅଭିଯୋଗ ହୋଇଛି। ଓକିଲଙ୍କ ନାମ, ବାପାଙ୍କ ନାମ ଓ ତାଙ୍କ ଠିକଣା ପଚାରି ଏକ କାଗଜରେ ଲେଖିଥିଲେ। କୋଠରୀ ଦରଜାରେ ଆଘାତ ନକରି କାହିଁକି କୋଠରୀ ଭିତରକୁ ପଶିଥିଲ, ସେଥିପାଇଁ କ୍ଷମା ମାଗିବାକୁ କହିଥିଲେ। ବାଧ୍ୟ ହୋଇ ବରିଷ୍ଠ ଓକିଲ ଶ୍ରୀ ଦାସ ଆଇଏଏସ ମହିଳା ଅଧିକାରିଣୀଙ୍କ ଠାରେ କ୍ଷମା ମାଗିଥିଲେ। ଏହାବାଦ୍ ପୁଣି ଚଳିତ ମାସ ଗତ ୯ତାରିଖ ଦିନ ତିନିଟା ବେଳେ ସହଦେବଖୁଣ୍ଟା ଥାନାର ପାଞ୍ଚ ଛଅ ଜଣ ପୁଲିସ ଓକିଲ ଶ୍ରୀ ଦାସଙ୍କ ଘରକୁ ଯାଇ ତାଙ୍କୁ ଥାନାକୁ ନେଇ ଆସିଥିଲେ। ଥାନାରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ପରେ ରାତି ୧୧ଟା ପର୍ଯ୍ୟନ୍ତ ଅଟକାଇ ରଖିଥିଲେ। ଓକିଲ ଶ୍ରୀ ଦାସ ଉଚ୍ଚ ରକ୍ତ ଚାପ ଓ ମଧୁମେହ ରୋଗୀ ହେଇଥିଲେବି ତାଙ୍କୁ ସାରା ଦିନ ଉପବାସ ରଖିବା ସହିତ ଔଷଧ ଖାଇବାକୁ ମଧ୍ୟ ଦେଇନଥିଲେ। ଏହା ମଧ୍ୟରେ ରାତି ୯ଟା ସମୟରେ ସମ୍ପୃକ୍ତ ଆଇଏଏସ ଅଧିକାରିଣୀ ସହଦେବଖୁଣ୍ଟା ଥାନା ଆଇଆଇସିଙ୍କ କୋଠରୀ ଭିତରକୁ ପ୍ରବେଶ କରି ଆଡିସନାଲ ଏସପି, ଡିଏସପି ମହିଳା ସେଲ ଓ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଓକିଲ ଶ୍ରୀ ଦାସଙ୍କୁ ମାରିଦେବା ପାଇଁ ତାଙ୍କ ଗଳାକୁ ଚିପି ଧରିଥିଲେ। ତେବେ ଥାନା ଭିତରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ଜଣେ ବରିଷ୍ଠ ଓକିଲଙ୍କ ଗଳା ଚିପି ମାରିଦେବାକୁ ଉଦ୍ୟମ କରାଯିବା ଘଟଣାରେ ଓକିଲ ଶ୍ରୀ ଦାସଙ୍କ ଏତଲା ପରେ ବି କାହିଁକି ଆଇଏଏସ ଅଧିକାରିଣୀଙ୍କୁ ଗିରଫ କରାଯାଇନି ବୋଲି ଓକିଲ ସଂଘର କର୍ମକର୍ତ୍ତା ପ୍ରଶ୍ନ ଉଠାଇଛନ୍ତି। ବିନା ଦୋଷରେ ଜଣେ ବରିଷ୍ଠ ଓକିଲ ବାରମ୍ବାର କ୍ଷମା ମାଗିଲା ପରେ ବି ତାଙ୍କୁ ଥାନା ଭିତରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଆଇଏଏସ ଅଧିକାରୀଣିଙ୍କୁ ଗିରଫ କରାଯାଇ ନାହିଁ। ଯଦି ପୁଲିସ ପକ୍ଷରୁ ନିରପେକ୍ଷ ତଦନ୍ତ କରାଯାଇ ଅଧିକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତାହାଲେ ବାଲେଶ୍ୱର ବନ୍ଦର ଆହ୍ୱାନ ଦିଆଯିବ ବୋଲି ଓକିଲ ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓକିଲ ସଂଘର ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

■ କନିଷ୍ଠ ଖଣି ଅଧିକାରୀଙ୍କୁ ମାଡ଼ ଘଟଣା

## ମୁଖ୍ୟ ଅଭିଯୁକ୍ତ ସମେତ ଦୁଇ ଗିରଫ

ବାଲେଶ୍ୱର, ୧୨।୬(ସମିସ): ଗତ୧୦ତାରିଖରେ ରେମୁଣା ବ୍ଲକ ଅର୍ନ୍ତଗତ ବୁଢ଼ାବଳଙ୍ଗ ନଦୀ କାଠସଙ୍ଗଡ଼ା ଠାରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ବେଳେ ଚଢ଼ଉ କରିବାକୁ ଯାଇଥିବା କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରାଙ୍କ ସମେତ ଅନ୍ୟମାନଙ୍କୁ ବାଲି ମାଫିଆମାନେ ଗାଡିରୁ ଟାଣି ଆଣି ମାଡ ମାରି ଗୁରୁତର କରିଛନ୍ତି। ଏହି ଘଟଣାରେ ଜିଲ୍ଲା ଖଣି ଅଧିକାରୀ ରେମୁଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ରେମୁଣା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଘଟଣାରେ ରେମୁଣା ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଜୟକୃଷ୍ଣ ଜେନା ଏବଂ ତାଙ୍କର ସହଯୋଗୀ ମଦନ ମୋହନ ପରିଡ଼ା। ହେଲେ ଏହି ଘଟଣାରେ ସାମିଲ ଥିବା ଅନ୍ୟ ବ୍ୟକ୍ତିମାନେ ଫେରାର ଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିବାକୁ ଚେଷ୍ଟା ଚଳାଇଛି ବୋଲି ରେମୁଣା ଥାନା ଅଧିକାରୀ ବିମଳ ନାୟକ ସୂଚନା ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ପ୍ରଦାନ



ବାଲେଶ୍ୱର, ୧୨।୬(ସମିସ): ଆଇଆରସିଟିସି ପକ୍ଷରୁ ଏକ ସେମି ଲାଇଫ ସପୋର୍ଟ ସିଷ୍ଟମ ଆମ୍ବୁଲାନ୍ସ ଜିଲ୍ଲା ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ଉକ୍ତ ଲୋକାର୍ପଣ ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର ଓ ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧୀକାରୀଣୀ ରିତୁ ଚୌହାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ସହ ଅଧିକାରୀ ଡା. ଗିରିଜା ଶଙ୍କର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଟିଦିଅଁ ବିଜେ କଲେ ୭ଟି ଶ୍ରୀଜଗନ୍ନାଥ ମନ୍ଦିର

ବାଲେଶ୍ୱର, ୧୨।୬(ସମିସ): ନୋସି କଲଚୁରାଲ ଏକାଡେମି ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ପଟିଦିଅଁ ଅଙ୍କନ ଉତ୍ସବରେ ଚିତ୍ରକରମାନଙ୍କ ଦ୍ୱାରା ଯଥାବିଧି ୭ଟି ଜଗନ୍ନାଥ ମନ୍ଦିର ପାଇଁ ଅଙ୍କା ଯାଇଥିବା ଅନନ୍ତ ବାସୁଦେବ, ଭୁବନେଶ୍ୱରୀ ଓ ଅନନ୍ତ ନାରାୟଣ ପଟିଦିଅଁଙ୍କୁ ପୂଜନ କରାଯାଇଥିଲା। ଅପରାହ୍ନରେ ନୀଳଗିରି, ଶାସଙ୍ଗ, ଜୟଦେବ କସବା, ଗଣେଶ୍ୱରପୁର ମାଧିପୁର ଦୁବଲାଗଡ଼ି ଓ ବେତନଟୀ ଜଗନ୍ନାଥ ମନ୍ଦିରରୁ ପଣ୍ଡା ପ୍ରତିହାରୀ ମାନେ ଆଜ୍ଞାମାଳ ସହ ତୁରୀ, ଭେରୀ, ଖୋଳ କରତାଳ, ଘଣ୍ଟା ଝାଞ୍ଜ ବଜାଇ ଜୟ ଜଗନ୍ନାଥ ଧ୍ୱନିରେ ପଟିଦିଅଁ ବିଜେ କରିବା ପାଇଁ ପହଞ୍ଚିଥିଲେ। ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ହୋଇ ପଟିଦିଅଁ ବିଜେ ପର୍ବକୁ ଦର୍ଶନ କରିଥିଲେ। ଚଳିତ ବର୍ଷ ୧୧ତମ ପଟିଦିଅଁ ଅଙ୍କନ ଉତ୍ସବ ଗତ ୬ ତାରିଖରୁ ଶୁଭାରମ୍ଭ ହୋଇ ୧୧ ତାରିଖ ଶ୍ରୀମନ୍ଦିରମାନଙ୍କୁ ପଟିଦିଅଁ ବିଜେ ପରେ ସମାପନ ହୋଇଯାଇଛି। ପାରମ୍ପରିକ ଭାବେ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତିପ୍ରାପ୍ତ ଚିତ୍ରକର ଗଦାଧର ମହାନ୍ତି, ଶୁଭମ ରାଉତ, ଭବାନୀ ଶଙ୍କର ନାୟକ, ଭବ ଶଙ୍କର ସାହୁ, କେଶୁ ଦାସ, ଅରୁଣ ବାରିକ ସହ ପଟ୍ଟଚିତ୍ର କର୍ମଶାଳାରେ ଯୋଗଦେଇ ଥିବା ଚିତ୍ରକର ରୂପକ ଦାସ, ଦେବାଶିଷ ପତି, ପ୍ରଦୀପ ବାଡ଼ି, ଅଙ୍କିତ ଦାସ, ପପୁନ ପ୍ରଧାନ, ବୀରେନ ବେହେରା ଓ ଯଶସ୍ୱୀ ସ୍ୱାଇଁ ତଥା ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ଯୋଗ ଦେଇଥିବା ଚିତ୍ରକର ଉମାରାଣୀ ସାହୁ, ଶୁଭଶ୍ରୀ ମହାନ୍ତି, ଅନ୍ୱେଷା ମିଶ୍ର, ଦିବ୍ୟା ମହାପାତ୍ର, ସାଇ ଦେବାଂଶୀ ମହାପାତ୍ର, ଶତାବ୍ଦୀ ମହାପାତ୍ର, ଗୌରବ ବେହେରା, ସମୀର ବେହେରା, ଦେବୀ ମମତା ସୁର, ନୀତିଶ୍ରୀ ମହାନ୍ତି ଓ ନିବେଦିତା ନାୟକ ପ୍ରମୁଖ ପଟିଦିଅଁ ବିଜେ ପର୍ବରେ ଯୋଗ ଦେଇଥିଲେ। ସଂଧ୍ୟାରେ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ଶରତ ପ୍ରଧାନ ଓ ସଞ୍ଜୁକ୍ତା ଦାସ ଦ୍ୱାରା ସମସ୍ତ ଚିତ୍ରକରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ନୋସି ରେସିଡେନସି ପକ୍ଷରୁ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଖିରୀ ପ୍ରସାଦ ବଣ୍ଟନ କରାଯାଇଥିଲା।



# ଅବହେଳିତ ବିଜୁ ସ୍ମୃତି; ବଣ ଭିତରେ ବରପୁତ୍ର

ବାଲେଶ୍ୱର, ୧୨।୬ (ସମିସ)

ବଣ ଭିତରେ ବରପୁତ୍ର। ଏମିତିକି ଅନାବନା ଘାସ ବଣ ଏବଂ ଗଛରେ ଭର୍ତ୍ତି ହୋଇଗଲାଣି ପରିସର। ଭିତରେ ବସିବା ପାଇଁ ଥିବା ସିମେଣ୍ଟ ଚେୟାର ବି ଘାସ ବଣରେ ଭର୍ତ୍ତି। ରକ୍ଷଣାବେକ୍ଷଣା ଅଭାବରୁ ଏପରି ଦୃଶ୍ୟ ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ବେଳେ ବରପୁତ୍ରଙ୍କ ପ୍ରତି

● ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଘାସରେ ଭର୍ତ୍ତି ପରିସର

ଅସମ୍ମାନ ମଧ୍ୟ। ସହରର ମୁଖ୍ୟ ରାସ୍ତା ପାଖରେ ଏପରି ଅପରିଷ୍କାର ଓ ଅବହେଳା ପ୍ରତି କାହାର ଯେମିତି ନିଘା ନାହିଁ। ଗୋଟେ କି ଦୁଇ ଦିନ ନୁହେଁ ବରଂ ଦୀର୍ଘଦିନ ଧରି ଏପରି ଘାସ ବଣରେ ରହିଛି ପରିବେଶ। ନିୟମିତ ଘାସ କଟାଯାଉନଥିବାରୁ ଘାସ ଗୁଡିକ ଏତେ ବଡ଼ ହୋଇଛି ଯେ ପ୍ରତିମୂର୍ତ୍ତି ମଧ୍ୟ ଠିକ୍ ଭାବେ ଦିଶୁନାହିଁ। ଏ ହେଉଛି ସହରର ଡିଆଇସି ଛକରେ ଥିବା ବିଜୁ ସ୍ମୃତିର ଅବସ୍ଥା। ଯେଉଁଠି ପ୍ରବାଦ ପୁରୁଷ, କଳିଙ୍ଗ ବୀର, ଝଡର ଇଗଲ, ଇଣ୍ଡୋନେସିଆର ଭୂମିପୁତ୍ର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ






ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଯାହାଙ୍କୁ ଏମିତି ସମ୍ମାନ ପ୍ରଦାନ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବାଲେଶ୍ୱର ପୌରପାଳିକାର ୯ ନମ୍ବର ୱାର୍ଡ ଡିଆଇସି ଛକ ନିକଟରେ ରହିଛି ବିଜୁ ସ୍ମୃତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ସେଠାରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ୨୦୧୭ ମସିହାରେ ବିଧାୟକଙ୍କ ପାଣ୍ଠିରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଛୋଟ ପାର୍କ ଭଳି ନିର୍ମାଣ କରାଯାଇଥିଲା। ଚାରିକଡେ ପାଚେରୀ ସହ ଭିତରେ ବସିବା ପାଇଁ ସିମେଣ୍ଟ ଚେୟାର ରଖାଯାଇଥିଲା। ୨୦୧୮ ରେ ନିର୍ମାଣ ହୋଇଥିବା ବିଜୁ ସ୍ମୃତି ପରିସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ହୋଇଥିଲା। ସେତେବେଳେ ଏହି ସ୍ମୃତି ପରିସରରେ ବିଭିନ୍ନ ପ୍ରକାର ଫୁଲ ଗଛ ଆଦି ଲଗାଯାଇଥିଲା। ଏହାକୁ ବାଲେଶ୍ୱରବାସୀ ସ୍ୱାଗତ କରିବା ସହ ଖୁସି ବ୍ୟକ୍ତ କରିଥିଲେ। ଧୀରେ ଧୀରେ ଉକ୍ତ ସ୍ଥାନର ରକ୍ଷଣାବେକ୍ଷଣା ହେଲା ନାହିଁ। ଫଳରେ ଅଧିକାଂଶ ସମୟରେ ଘାସ ବଣ ହୋଇପଡ଼ି ରହେ। ବିଶେଷକରି ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀରେ ଏହା ସଫା ହୋଇଥାଏ। ମାତ୍ର ବାକି ଦିନରେ ଏହା ଅବହେଳିତ ହୋଇ ପଡ଼ିଥାଏ। ଅନେକ ସମୟରେ ଏହାର ଗେଟ୍ ଖୋଲା ରହୁଥିବାରୁ ଗୋରୁଗାଈ ପଶି ଚରୁଥାନ୍ତି। ନିୟମିତ ସ୍ମୃତି ପରିସର ସଫେଇ ବା ଘାସ କଟାଯାଉନଥିବାରୁ ଏହା ଜଙ୍ଗଲରେ ପରିଣତ ହୋଇଯାଇଛି। ଏମିତିକି ସନ୍ଧ୍ୟା ହେଲେ ଏହା ସମ୍ମୁଖରେ ଦୋକାନ ମଧ୍ୟ ବସିଥାଏ। ଅନେକ ଲୋକ ପାଚେରୀରେ ପରିସ୍ରା କରିବାକୁ ମଧ୍ୟ ପଛାନ୍ତି ନାହିଁ। ବ୍ୟବସାୟ ଆଳରେ ପରିଷ୍କାର ଓ ସମ୍ମାନ କଥା ସଭିଏଁ ଭୁଲିଯାଉଛନ୍ତି। ଦୀର୍ଘ ଦିନ ହେଲାଣି ଏହା ବଣରେ ପରିଣତ ହୋଇଛି। ହେଲେ ଏହା ଉପରେ କାହାରି ନଜର ପଡୁନି। ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱରେ କେହି ନାହାନ୍ତି। ଏହି ଗେଟ୍ ର ତାଲା ସମ୍ପୂର୍ଣ୍ଣ ଖୋଲା ରହିଥିବା ବେଳେ ଭିତରର ଅବସ୍ଥା ନିଜେ ନଦେଖିଲେ କେହି ବିଶ୍ୱାସ କରିବେ ନାହିଁ। କେବଳ ଏଇଟା ନୁହେଁ ସହରର ପ୍ରାୟ ସବୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନର ଏହି ଅବସ୍ଥା। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେଉନି ବୋଲି ଅନେକ ଅଭିଯୋଗ କରନ୍ତି। ଏ ବାବଦରେ ସ୍ଥାନୀୟ କାଉନସିଲର ସଞ୍ଜୀବ କୁମାର ଦାସଙ୍କୁ ପଚାରିବାରୁ କହିଥିଲେ ଆମର ନିୟମିତ ସଫେଇ ହୁଏ। ହେଲେ ବର୍ତ୍ତମାନ ସଫେଇ ଦାୟିତ୍ୱ ନେଇଥିବା କମ୍ପାନୀ ଆମକୁ ଆବଶ୍ୟକ ମୁତାବକ କର୍ମଚାରୀ ଦେଉନାହାନ୍ତି। ସେଥିପାଇଁ ତାହା ଅଣଦେଖା ହୋଇରହିଛି। ସେମାନେ ଯଦି କର୍ମଚାରୀ ନିୟୋଜିତ କରିବେ ତାହେଲେ କାମ ଶୀଘ୍ର ହୋଇଯିବ।

## ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ବିକ୍ଷୋଭ

ବାଲେଶ୍ୱର, ୧୨।୬(ସମିସ): ବିଭିନ୍ନ ଦାବି ନେଇ ଆଜି ଜିଲ୍ଲାର ସମସ୍ତ ବ୍ଲକର ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାଚିକା ସହାୟିକାଙ୍କୁ ଶ୍ରମିକା ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରୀ ପ୍ରଦାନ, ଛଟେଇ ପାଚିକାଙ୍କୁ ନିଯୁକ୍ତି ପାଇଁ ସିଧା ସଳଖ ଚିଠି କରାଯାଉ, ଅବସର ବୟସ ୬୨କୁ ବୃଦ୍ଧି କରିବା ପାଇଁ ଚିଠି, ଅବସର ପରେ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ସମସ୍ତଙ୍କୁ ୨ଲକ୍ଷ ଟଙ୍କାର ଜୀବନ ବୀମା, ସମସ୍ତ ପାଚିକାଙ୍କୁ ବର୍ଷକୁ ୩୦ଦିନ ଛୁଟି ପ୍ରଦାନ, ସମସ୍ତ ପାଚିକାଙ୍କୁ ବର୍ଷକୁ ଦୁଇ ଖଣ୍ଡ ଶାଢ଼ୀ ପ୍ରଦାନ, ସମସ୍ତ ପାଚିକାଙ୍କୁ ୧୨ମାସର ଦରମା ପ୍ରଦାନ, ବେଆଇନ ଛଟେଇ ବନ୍ଦ, ପୂର୍ଣ୍ଣ ନିଯୁକ୍ତ ପାଇନଥିବା ଛଟେଇ ପାଚିକାଙ୍କୁ ସର୍ବନିମ୍ନ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ୨୦୦୯ ଡିସେମ୍ବର ଠାରୁ ୨୦୧୨ ମାର୍ଚ୍ଚ ଏହି ୨୪ମାସର ବକେୟା ରାଶି ପାଇବାରୁ ବଞ୍ଚିତ ହୋଇଥିବା ପାଚିକା ସହାୟିକାଙ୍କୁ ତୁରନ୍ତ ବକେୟା ଅର୍ଥ ପ୍ରଦାନ କରାଯାଉ, ସ୍ଥାନୀୟ ବିଦ୍ୟାଳୟର ପାଚିକାମାନଙ୍କର ସମସ୍ୟାର




ସମାଧାନ ପାଇଁ ସମସ୍ତ ବିଇଓଙ୍କୁ ଚିଠି କରାଯାଉ, ପାଚିକାମାନଙ୍କୁ ପ୍ରତ୍ୟେକ ମାସ ୧୦ତାରିଖରେ ଦରମା ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଯଦି ଏହି ଦାବି ଗୁଡିକ ତୁରନ୍ତ ପୂରଣ ନ ହେବ ଆଗାମୀ ଦିନରେ ଏହା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନି ମଧ୍ୟ ଦିଆଯାଇଛି। ଏହି ବିକ୍ଷୋଭରେ ଜିଲ୍ଲା ସଭାପତି ଇଷାଣୀ ଷଡଙ୍ଗୀ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ବେହେରା, ମୃତ୍ୟୁଞ୍ଜୟ ରାଉତ, ଅମ୍ବିକା ବେହେରା, ମଞ୍ଜୁଲତା ମହାନ୍ତି, ସନ୍ଧ୍ୟାରାଣୀ ବେହେରା, ଗୁରୁବାରୀ ହାସଁଦା, ସାବିତ୍ରୀ ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡ୍ରାଇଭର ମହାସଂଘର ଦାବିପତ୍ର



ବାଲେଶ୍ୱର, ୧୨।୬ (ସମିସ): ବାଲେଶ୍ୱର ଜିଲ୍ଲାର ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ଆଜି ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭରମାନଙ୍କର ରହିଥିବା ଅସୁବିଧାକୁ ବାରମ୍ବାର ସରକାରଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ଗୋଟିଏ ହେଲେ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଫଳରେ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରଠାରେ ଧାରଣା ଦିଆଯାଇଥିଲା ହେଲେ ଏହାର କୌଣସି ସମାଧାନ ହେଲା ନାହିଁ। ତେବେ ସେମାନେ ଉଲ୍ଲେଖ କରିଥିବା ଦାବି ଗୁଡିକ ମଧ୍ୟରେ ବିଶେଷ କରି ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର୍ସ ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରମାନଙ୍କୁ ସାମିଲ କରାଯାଉ ଏବଂ ଡ୍ରାଇଭରମାନଙ୍କୁ ଖାକି ବର୍ଦ୍ଦିକୁ ବାଧ୍ୟତା ମୂଳକ କରାଯାଉ, ଜନ ସାଧାରଣଙ୍କର ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ, ଗାଡି ଗୁଡିକ ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହିତ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ଶହେ କିଲୋମିଟର ଅନ୍ତରରେ କରାଯାଉ, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡିକରେ ଶତକଡା ୭୦ପ୍ରତିଶତ ଓଡ଼ିଶାର ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ପ୍ରଦାନ କରାଯାଉ, ସେପ୍ଟେମ୍ବର ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରାଯାଉ, ଗାଡିର କାଗଜପତ୍ର ଯାଞ୍ଚ କରିବାର କ୍ଷମତା ପୁଲିସ ବିଭାଗକୁ ପ୍ରଦାନ ନ କରାଯାଉ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବି ଗୁଡିକ ଆସନ୍ତା ଏକମାସ ମଧ୍ୟରେ ପୂରଣ ନ ହେଲେ ଆସନ୍ତା ମାସ ୮ତାରିଖ ଠାରୁ କୌଣସି ଡ୍ରାଇଭର ଗାଡି ଚଳାଇବେ ନାହିଁ ଏବଂ ଆବଶ୍ୟକ ପଡ଼ିଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ରାମକୃଷ୍ଣ ଦାସ, ଉପସଭାପତି ଶଶି ନାୟକ, ସମ୍ପାଦକ ଦିଲ୍ଲୀପ ବାରିକ, ଚନ୍ଦନ ଭଟ୍ଟାଚାର୍ଯ୍ୟ, ତପନ କୁଣ୍ଡୁ, ବଳରାମ ବେହେରା, ଗଣେଶ ସାହୁ, ଦୀନବନ୍ଧୁ ଦାସ, ଦୀନୁ କୁମାର ସିଂ, ଜୀତାଂଶୁ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୂତନ ସିଡିଏମ୍‌ଓଙ୍କୁ ସମସ୍ୟା ଜଣାଇଲେ ବାଲେଶ୍ୱରବାସୀ

ବାଲେଶ୍ୱର, ୧୨।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାରି ଭିତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ ମଧ୍ୟ ବଦଳି ହୋଇଯାଇଛି। ନୂତନ ଭାବେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓ ଭାବେ ଯୋଗଦାନ କରିଥିବା ଡକ୍ଟର ପ୍ରଭାତ କୁମାର ବେହେରାଙ୍କୁ ବାଲେଶ୍ୱର ଜନସାଧାରଣ ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବାଧାପ୍ରାପ୍ତ ବିଷୟରେ ଅବଗତ କରାଇଛନ୍ତି। ଅବଗତ ହେବା ପରେ କିଛି ସମୟ ଲାଗିବ କିନ୍ତୁ ମୁଖ୍ୟ ଚିକିତ୍ସାଳୟ ପୂର୍ବପରି ତାର ମାନ୍ୟତା ନିଶ୍ଚିତ ଭାବେ ଫେରିପାଇବ ବୋଲି ସିଡିଏମଓ ବାଲେଶ୍ୱରବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବିଭାଗ ଓ ଡାକ୍ତର, କର୍ମଚାରୀ ସ୍ଥାନାନ୍ତର ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯେତିକି ଡାକ୍ତର ରହିଯାଇଛନ୍ତି ସେମାନଙ୍କୁ ନେଇ ଏହି ବିଷୟରେ ଆଲୋଚନା କରିବେ ଏବଂ ରୋଗୀସେବା ଯେପରି ବାଧାପ୍ରାପ୍ତ ନହେବ ସେଥିପ୍ରତି ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଯଦି ୧୫ ଦିନ ମଧ୍ୟରେ ଯଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ୟା ସମାଧାନ ନହୁଏ ତେବେ ବାଲେଶ୍ୱର ବନ୍ଦ ଡାକରା ଦିଆଯିବ ବୋଲି ବାଲେଶ୍ୱର ସଚେତନ ନାଗରିକଙ୍କ ପକ୍ଷରୁ ସିଦ୍ଧାନ୍ତ ନିଆଯାଇଛି।

## ବିକାଶ ମେଳା ଉଦ୍‌ଘାଟିତ

ବାଲେଶ୍ୱର, ୧୨।୬ (ସମିସ): ଗାନ୍ଧୀ ସ୍ମୃତି ଭବନରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୃହ ନିର୍ମାଣ ପକ୍ଷରୁ ନୂତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ର କାର୍ଯ୍ୟସୂଚୀ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଓଡ଼ିଶା ବିଧାନ ସଭା ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ, ବାଲେଶ୍ୱର (ସଦର) ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମକୁ ପୌରପାଳିକା ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ସଞ୍ଚାଳନ କରିଥିଲେ। ଏହାପରେ 'ବିକାଶ ବାହନ'ର ଶୁଭ ଉଦ†ାଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ 'ଉମିଦ କି କିରଣ' ସଂଗଠନ ପକ୍ଷରୁ ଏକ ଆମ୍ବୁଲାନ୍ସ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହିତ ସଦର ବ୍ଲକର ଦୁଇ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ତିନି ଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ରିଜର୍ଭ ପୋଲିସ ଲାଇନ୍ ପଡ଼ିଆ ଠାରେ ବିକାଶ ମେଳା ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା, ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ଉଦ†ାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସରକାରୀ ନିୟମ ମାନୁନାହାନ୍ତି ବିଲଡର୍ସ

# ଆପାର୍ଟମେଣ୍ଟ ନିର୍ମାଣରେ ଅନିୟମିତତା

ବାଲେଶ୍ୱର, ୧୨।୬ (ସମିସ)

ଗତ ଏକ ଦଶନ୍ଧି ମଧ୍ୟରେ ବାଲେଶ୍ୱର ସହରର କଳେବର ବୃଦ୍ଧି ପାଇବା ସହିତ ସହରରେ ଗଢ଼ି ଉଠିଛି ଆପାର୍ଟମେଣ୍ଟ। କେତେକ ଆପାର୍ଟମେଣ୍ଟ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ ନିର୍ମାଣ କରାଯାଇଛି। ହେଲେ ନିର୍ମାଣ କରିଥିବା ବିଲ୍ଡର୍ସ ମାନଙ୍କ ବିରୋଧରେ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି।

ସରକାରୀ ନିୟମ ଅନୁସାରେ ଆପାର୍ଟମେଣ୍ଟ ବିଲ୍ଡିଂ, ଗେଷ୍ଟ ହାଉସ, ଧର୍ମଶାଳା, ହଷ୍ଟେଲ, ଅଫିସ ଘର, ଶିକ୍ଷାନୁଷ୍ଠାନ, କ୍ଲିନିକ୍, ନର୍ସିଂହୋମ ଓ ଶିଳ୍ପ କାରଖାନା ଇତ୍ୟାଦି ଗୁଡ଼ିକ ନିର୍ମାଣ କରିବା ପାଇଁ ଯେଉଁ ପାର୍କିଂ ସ୍ଥାନ ରହିବା କଥା ତାହା ନିର୍ମାଣ ହେଉଥିବା ମୋଟ ସ୍ଥାନର ୨୫ ପ୍ରତିଶତ ରହିବା କଥା। ମାତ୍ର ଏହି ନିୟମକୁ ବିଲ୍ଡର୍ସମାନେ ମାନୁ ନାହାନ୍ତି। ପୁଣି ଯେଉଁ ଉଚ୍ଚ ଅଟ୍ଟାଳିକା ସଦୃଶ୍ୟ ବିଲ୍ଡିଂ ନିର୍ମାଣ କରା ଯାଇଛି, ସେହି ବିଲଡିଂର ଉଚ୍ଚତା ଛଅ ମିଟରରୁ କମ୍ ହେଲେ ରାସ୍ତା ଠାରୁ ଦେଢ଼ ମିଟର ଛାଡ଼ିବାକୁ ପଡ଼ିବ। ସେହିପରି ଛଅ ମିଟରରୁ ୯ ମିଟର ହେଲେ ଦୁଇ ମିଟର ଛାଡ଼ିବାକୁ ହେବ। ଉଚ୍ଚତା ୯ରୁ ୧୨ମିଟର ହେଲେ ୩ମିଟର ଛାଡ଼ିବାକୁ ହେବ। ଉଚ୍ଚତା ୧୨ ରୁ ୧୮ ମିଟର ହେଲେ ୪ମିଟର ଛାଡ଼ିବାକୁ ହେବ। ଉଚ୍ଚତା ୧୮ରୁ ୩୦ ମିଟର ହେଲେ ୫ ମିଟର ଛାଡ଼ିବାକୁ ହେବ। ମାତ୍ର ବାଲେଶ୍ୱର ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାରୀ ନିୟମକୁ ବେଖାତିର କରି ବିଲ୍ଡର୍ସ ମାନେ ଆପାର୍ଟମେଣ୍ଟ ଗଢ଼ିଛନ୍ତି। ପୌରପାଳିକା ଅନ୍ତର୍ଗତ ଶୋଭାରାମପୁର ଅଞ୍ଚଳରେ ନିର୍ମାଣ ହୋଇଛି ଦୁଇଟି ଆପାର୍ଟମେଣ୍ଟ। ରାସ୍ତାର ଦୁଇ ପାର୍ଶ୍ୱରେ ଗଢ଼ି ଉଠିଛି ଏହି ଦୁଇଟି ଆପାର୍ଟମେଣ୍ଟ। ଗୋଟିକର କାର୍ଯ୍ୟ ସରି ବିକ୍ରି ହୋଇସାରିଥିଲା ବେଳେ ଅନ୍ୟଟି ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହି ଦୁଇଟି ଆପାର୍ଟମେଣ୍ଟ ନିର୍ମାଣରେ ସରକାରୀ ନିୟମକୁ ଫୁ' କରାଯାଇଛି। ଦୁଇଟି ଯାକ ଆପାର୍ଟମେଣ୍ଟରେ ପାର୍କିଂ ସ୍ଥାନ ଛାଡ଼ିବା ଦୂରର କଥା ରାସ୍ତାକୁ ଭିଡ଼ି ନିର୍ମାଣ କରାଯାଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏହିଭଳି ସହରରେ ବେଆଇନ ଭାବେ ଅନେକ ଆପାର୍ଟମେଣ୍ଟ ନିର୍ମାଣ କରାଯାଇଛି। ହେଲେ ସହରରେ ଗଢ଼ି ଉଠୁଥିବା ଏହି ସବୁ ବେଆଇନ୍ ଆପାର୍ଟମେଣ୍ଟ ଉପରେ ପୌରପାଳିକାର ନଜର ପଡ଼ିନାହିଁ କେମିତି ବୋଲି ସଚେତନ ନାଗରିକ ମହଲରେ ପ୍ରଶ୍ନ ଉଠିଛି। ଏ ବାବଦରେ ୨୧ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଚିତ୍ତ ରଞ୍ଜନ ପଣ୍ଡା କୁହନ୍ତି, ସହରରେ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ବିଲ୍ଡର୍ସମାନେ ସରକାରୀ ନିୟମାନୁସାରେ ନିର୍ମାଣ କରିନାହାନ୍ତି। ବିଲ୍ଡର୍ସ ମାନେ ସରକାରୀ ନିୟମକୁ ବେଖାତିର କରି ଉଚ୍ଚଉଚ୍ଚ ଅଟ୍ଟାଳିକା ସଦୃଶ୍ୟ ବିଲ୍ଡିଂ ନିର୍ମାଣ କରୁଥିଲା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବା କଥା। ମାତ୍ର ବାଲେଶ୍ୱର ପ୍ରଶାସନ ଏହା କରୁ ନଥିବା ଯୋଗୁଁ ବିଲ୍ଡର୍ସ ମାନେ ମନଇଚ୍ଛା ରାସ୍ତା ପାର୍ଶ୍ୱରେ ଆପାର୍ଟମେଣ୍ଟ ନିର୍ମାଣ କରି ବ୍ୟବସାୟ କରୁଛନ୍ତି।

ପୌରାଧ୍ୟକ୍ଷା ସବିତା ସାହୁ ଓ ବିଲଡିଂ ପ୍ଲାନିଂ ଅଧିକାରିଣୀ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁ ମାନେ ସରକାରୀ ନିୟମ ଖିଲାପ କରି ଆପାର୍ଟମେଣ୍ଟ ନିର୍ମାଣ କରିଛନ୍ତି, ତଦନ୍ତ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବାବଦରେ ଆଗାମୀ ବୈଠକରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପୌରାଧ୍ୟକ୍ଷା ସାହୁ କହିଛନ୍ତି।

## ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ


ବାଲେଶ୍ୱର, ୧୨।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଉତ୍କଳ ବାଳାଶ୍ରମରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳନର ତାତ୍ପର୍ଯ୍ୟ, ଶିଶୁ ମାନଙ୍କର ଅଧିକାରର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ୍, ଜାତୀୟ ଆଇନସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର-୧୫୧୦୦, କିଶୋର ନ୍ୟାୟ ଆଇନ୍ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ମୌଳିକ କାର୍ଯ୍ୟକ୍ରମ



ଯଥା ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ରାଷ୍ଟ୍ରୀୟ ଲୋକ ଅଦାଲତ, ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା, ନିଃଶୁଳ୍କ ଆଇନସେବା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଅନୀତା କର, ଶତ୍ରୁଘ୍ନ ମଲ୍ଲିକ, ଉତ୍କଳ ବାଳାଶ୍ରମ ଅଧୀକ୍ଷକ ସୁବ୍ରତ୍ କୁମାର ମହାପାତ୍ର, କାଉନସିଲର ସ୍ୱପ୍ନେଶ୍ୱର ହେମ୍ବ୍ରମ୍ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଶ୍ୱ ରଞ୍ଜନ ସିଂ, ମକରା ମାଝୀ ଏବଂ ଶଶୀକାନ୍ତ ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜନସଂଖ୍ୟା ବୃଦ୍ଧି ବିଶ୍ୱବାସୀଙ୍କ ସାମୂହିକ କଲ୍ୟାଣ କ୍ଷେତ୍ରରେ ଗୁରୁତର ବିପଦ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ବିରାଟ ପ୍ରତିବନ୍ଧକ।
-ଆଲବର୍ଟ ଆଇନଷ୍ଟାଇନ୍

## ଫେରିଲା କରୋନା

କୋଭିଡ୍ ଉପରେ ବିଜୟ ଲାଭ କରିଥିବା ଆମେ ଦୁଇବର୍ଷ ତଳେ ସଦର୍ପେ ଘୋଷଣା କରିଥିଲୁ। କିନ୍ତୁ ଆମ ଆସ୍ପର୍ଦ୍ଧାକୁ ପଦାଘାତ କରି କୋଭିଡ୍ ପୁଣି ଥରେ ନୂଆ ରୂପରେ ଫେରିଛି। ସିଙ୍ଗାପୁରରେ ପ୍ରଥମେ ଏହାର ନୂତନ ପ୍ରଜାତି ଆବିଷ୍କାର ହେବା ପରେ ପରେ ଯଦି ବିଶ୍ୱବ୍ୟାପୀ ବିହିତ ସତର୍କତା ମୂଳକ ପଦକ୍ଷେପ ନିଆଯାଇଥା'ନ୍ତା ତା' ହେଲେ ଭାରତରେ ପୁଣି ଥରେ କରୋନା ଜନିତ ମୃତ୍ୟୁ ଖବର ଗଣମାଧ୍ୟମରେ ଦେଖିବାକୁ ମିଳି ନ ଥା'ନ୍ତା। ୨୦୨୦ ଓ ୨୦୨୧ରେ ଆମ ବେପରବାୟ ମନୋଭାବ ଓ ଦାୟିତ୍ୱହୀନ ନିଷ୍ପତ୍ତି ଯୋଗୁଁ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର କାୟାବିସ୍ତାର କରି ଅସୁମାରୀ ଜନଜୀବନ ନେବା ସହିତ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ଶିକ୍ଷା ଦେଇଥିଲା। ଦୁଃଖର କଥା ଆମେ ସେଥିରୁ କିଛି ଶିଖିବାକୁ ଇଚ୍ଛା କଲୁନାହିଁ; ଅଧିକନ୍ତୁ ଆମ ମାତ୍ରାଧିକ ଆତ୍ମବିଶ୍ୱାସରେ ଆମେ କରୋନାର ସ୍ୱରୂପକୁ ହେୟ ମନେ କଲୁ। ସଦ୍ୟତମ ସୂଚନା ଅନୁଯାୟୀ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୧୨୧ ଏବଂ ମୃତ୍ୟୁ ସଂଖ୍ୟା ଗତ ୨୪ ଘଣ୍ଟାରେ ୬ ଜଣଙ୍କୁ ମିଶାଇ ୭୭ରେ ପହଞ୍ଚିଛି। ଅବଶ୍ୟ ଇତିମଧ୍ୟରେ ୮ ହଜାର କୋଭିଡ୍ ଆକ୍ରାନ୍ତ ସୁସ୍ଥ ହେବା ଏକ ଶୁଭସୂଚନା।

୨୦୧୯ରେ କୋଭିଡ୍‌ର ପ୍ରଥମ ଲହର ଭଳି ଏଥର ମଧ୍ୟ ଆକ୍ରାନ୍ତ ସଂଖ୍ୟାରେ କେରଳ ପ୍ରଥମ ସ୍ଥାନରେ ରହିଛି। ତା' ପଛକୁ ଗୁଜରାଟ୍, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଅଛନ୍ତି। ଓଡ଼ିଶା ମଧ୍ୟ କୋଭିଡ୍-୧୯ର କ୍ରୂର ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଓଡ଼ିଶାରେ ଏ ପର୍ଯ୍ୟନ୍ତ ୩୮ ଜଣ ରୋଗୀ ଆକ୍ରାନ୍ତ ହୋଇଥିବା ବେଳେ ସୁଖର କଥା କାହାର ମୃତ୍ୟୁ ଘଟିନାହିଁ ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ ସୁସ୍ଥ ହୋଇ ଫେରିଛନ୍ତି। କିନ୍ତୁ ଆଉ ୧୫ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏବଂ ପୁରୀରେ ୬ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିନ୍ତା ବଢ଼ିଯାଇଛି। ଆସନ୍ତା ସପ୍ତାହରେ ସ୍କୁଲ୍ ଖୋଲିବାକୁ ଯାଉଛି। ସ୍କୁଲ୍‌କୁ ଯାଉଥିବା ଶିଶୁଙ୍କ ମଧ୍ୟରୁ ଅନେକ ଟିକା ନେଇ ନାହାନ୍ତି। ଟିକା ନେଇଥିବା ବ୍ୟକ୍ତିମାନେ ମଧ୍ୟ କୋଭିଡ୍ ଆକ୍ରାନ୍ତ ହେଉଥିବାରୁ ଏବଂ ଚଳିତ ଥର କୋଭିଡ୍ ତା'ର ସ୍ୱରୂପ ପରିବର୍ତ୍ତନ କରିସାରିଥିବାରୁ ଟିକା କେତେ ସୁରକ୍ଷା ଦେଇପାରିବ ତାହା ମଧ୍ୟ ଆଉ ଏକ ଚିନ୍ତାର ବିଷୟ।

ସବୁଠାରୁ ଉଦ୍‌ବେଗଜନକ ହେଲା ରାଜ୍ୟ ସରକାରମାନେ କେନ୍ଦ୍ର ମାର୍ଗଦର୍ଶିକାକୁ ଚାହିଁ ବସିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ଭେଷଜ ଗବେଷଣା ପରିଷଦ ପକ୍ଷରୁ କୋଭିଡ୍ ସଚେତନତା ପାଇଁ ମାର୍ଗଦର୍ଶିକା ଜାରି କରିବା ଦିଗରେ ସେଭଳି ତତ୍ପରତା ପ୍ରକାଶ ପାଇନାହିଁ। ଏହି ମନ୍ଥର ପ୍ରକ୍ରିୟାରେ ପୂର୍ବ ଥର ଭଳି ଏଥର ମଧ୍ୟ ରାଜ୍ୟମାନଙ୍କରେ ସ୍ଥିତି ଅଣାୟତ୍ତ ହେବା ପରେ ଯଦି କେନ୍ଦ୍ର ସରକାର ପଦକ୍ଷେପ ନେବେ ତାହା ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ଏବେ ମୌସୁମୀ ବର୍ଷା ଦେଶର ବିକ୍ଷିପ୍ତ ଅଞ୍ଚଳକୁ ବ୍ୟାପିସାରିଲାଣି। ଏହା କୋଭିଡ୍ ସଂକ୍ରମଣକୁ କ୍ଷିପ୍ର କରିବାରେ ଅନୁକୂଳ ହେବ। ଏହାଛଡ଼ା ଟିକା ନେଇସାରିଥିବା ଦମ୍ଭରେ ଜନସାଧାରଣ ମାସ୍କ ପିନ୍ଧୁନାହାନ୍ତି କି ସତର୍କତା ଅବଲମ୍ବନ କରୁନାହାନ୍ତି। ତେଣୁ କୋଭିଡ୍‌ର ନୂଆ ପ୍ରଜାତି ବ୍ୟାପିବାରେ ବିଶେଷ ବିଳମ୍ବ ହେବ ନାହିଁ।

କୋଭିଡ୍ - ୧୯ର ନୂଆ ପ୍ରଜାତି କେତେ ସଂକ୍ରାମକ, କେତେ ଉଗ୍ର, ଟିକା ପ୍ରତିରୋଧୀ କି ନୁହେଁ ତାହା ଏ ପର୍ଯ୍ୟନ୍ତ ଭେଷଜ ଗବେଷଣା ପରିଷଦ କିମ୍ବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇ ନଥିବା ବେଳେ ଲୋକେ ଏତେ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବା କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯିବା ପରେ ସଚେତନ ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଛନକା ପଶିଛି। ଏବେଠାରୁ ସତର୍କ ନ ରହିଲେ ପରିସ୍ଥିତିକୁ ଅମାନିଆମାନେ ବିଗାଡ଼ି ଦେବାର ଆଶଙ୍କା ଅଧିକ ଥିବାରୁ ସରକାର ତୁରନ୍ତ ତତ୍ପରତା ପ୍ରକାଶ କରିବାକୁ ମତ ପ୍ରକାଶ ପାଉଛି।

ଏହି ପୃଷ୍ଠଭୂମିରେ ଓଡ଼ିଶାର ଜନସ୍ୱାସ୍ଥ୍ୟ ପ୍ରତି ଦୋହରା ସମସ୍ୟା ସୃଷ୍ଟି ହୋଇଛି। ଯାଜପୁର ଅଞ୍ଚଳରେ ଝାଡ଼ାବାନ୍ତି ଅଣାୟତ୍ତ ଥିବା ବେଳେ କେତେକ ଅଞ୍ଚଳରେ ଡେଙ୍ଗୁ ଜନସ୍ୱାସ୍ଥ୍ୟ ପାଇଁ ଆହ୍ୱାନ ସୃଷ୍ଟି କରିଛି। ରାଜଧାନୀ ଉପକଣ୍ଠ ସମେତ କେତେକ ଅଞ୍ଚଳରେ ଜଣ୍ଡିସ୍ ମଧ୍ୟ କାୟା ବିସ୍ତାର କରୁଛି। ବର୍ଷାରେ ଏ ସବୁ ରୋଗ ଆହୁରି ଅଧିକ ସଂକ୍ରାମକ ହେବାର ଆଶଙ୍କା ଅଧିକ। ଏଥିସହିତ ପାର୍ବତ୍ୟାଞ୍ଚଳରେ ମ୍ୟାଲେରିଆ ଅଦ୍ୟାବଧି ନିୟନ୍ତ୍ରଣକୁ ଆସିନାହିଁ। ତେଣୁ ବର୍ଷାଜନିତ ସନ୍ତସନ୍ତିଆ ପାଗ ମ୍ୟାଲେରିଆ ପ୍ରବଣତାକୁ ବୃଦ୍ଧି କରିପାରେ। ଏହାସହିତ କୋଭିଡ୍ ସଂକ୍ରମଣ ମିଶିଗଲେ ଜନସ୍ୱାସ୍ଥ୍ୟ ପରିଚାଳନା ଅଧିକ ଜଟିଳ ହେବ।

ନୂଆ କରି କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ କିମ୍ବା ବିପର୍ଯ୍ୟୟ ପରିଚାଳନାରେ ଅଭିଜ୍ଞତା ନାହିଁ। ଗତବର୍ଷ ବାତ୍ୟା 'ଦାନା' ବେଳେ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ତାଳମେଳର ଅଭାବ ଦୃଷ୍ଟିଗୋଚର ହୋଇଥିଲା। ରାଜ୍ୟ ସରକାର କ୍ଷମତାସୀନ ହେବାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିସାରିଛନ୍ତି। ଏବେ ଆନନ୍ଦ ଉତ୍ସବରୁ ମୁହଁ ଫେରାଇ ଆଗକୁ ଯେଉଁ ଜନସ୍ୱାସ୍ଥ୍ୟ ଆହ୍ୱାନ ଦେଖାଦେଇଛି ତା'ର ମୁକାବିଲା ଲାଗି ପ୍ରସ୍ତୁତିପର୍ବ ଆରମ୍ଭ କରିବାକୁ ହେବ। ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଥିବା ଯୋଗୁଁ ଯାଜପୁରରେ ଜନସ୍ୱାସ୍ଥ୍ୟ ସମସ୍ୟା ନିରାକରଣ ପାଇଁ ଦୃଷ୍ଟି ଦେଲେ ନାହିଁ ବୋଲି ଅଭିଯୋଗ ଆସୁଛି। ଏହାକୁ ମଧ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡ଼ିବ। ବର୍ଷା ଆରମ୍ଭ ହୋଇସାରିଲାଣି, ଅଥଚ ଦ୍ୱୈତନଗରୀର ନାଳନର୍ଦ୍ଦମା ସଫା ହୋଇପାରିଲା ନାହିଁ। ଅନ୍ୟାନ୍ୟ ସହର ଓ ଗାଁ ଗଣ୍ଡା କଥା ନ କହିବା ଭଲ। ଏହା ହିଁ ଅଧିକ ସଂକ୍ରାମକ ରୋଗକୁ ଡାକି ଆଣିବ।

ଆମର ମତ ହେଲା କୋଭିଡ୍ ୧୯ ସଂକ୍ରମଣ ଓ ତଦ୍‌ଜନିତ ପ୍ରଭାବକୁ ଆମେ ଅଙ୍ଗେ ନିଭେଇଛେ। ତେଣୁ କେବଳ ସରକାରୀ ପଦକ୍ଷେପକୁ ଅପେକ୍ଷା ନ କରି ବେଳ ଥାଉଁ ଥାଉଁ ନିଜ ସୁରକ୍ଷା ନିଜେ ହିଁ କରିବା ଆବଶ୍ୟକ। କୋଭିଡ୍ ସଂକ୍ରମଣରୁ ବର୍ତ୍ତିବା ପାଇଁ ଆଉ ଅଧିକ ମାର୍ଗଦର୍ଶିକାର ଆବଶ୍ୟକତା ନାହିଁ। ଆମର ଅନୁଭବକୁ ପାଥେୟ କରି ଏ ଦିଗରେ ସାବଧାନ ଓ ସଚେତନ ହେବା ଆବଶ୍ୟକ। ପ୍ରତିଷେଧକ ଚିକିତ୍ସାଠାରୁ ଉତ୍ତମ। ତେଣୁ ଆମେ ନିଜସ୍ତରରେ ସତର୍କ ହେବା ସହିତ ପ୍ରତିବେଶୀଙ୍କୁ ସତର୍କ କରିବା ଏବଂ ପାରିପାର୍ଶ୍ୱକୁ ସ୍ୱଚ୍ଛ ରଖିବା। ଫଳରେ ସଂକ୍ରମଣ ପରିବେଶ ଅଧିକ ଅନୁକୂଳ ହେବ ନାହିଁ।

## କ୍ରିକେଟ୍‌ର ମୋହାଞ୍ଜନ

ଗୌରୀ ପ୍ରସାଦ ମହାପାତ୍ର

ବିଗତ ଶତାବ୍ଦୀର ୮୦ ଦଶକରେ ଜଣେ ଜର୍ମାନ୍ ସାମ୍ବାଦିକ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ସତ୍ତା ଖୋଜି ଖୋଜି ଭାରତରେ ପହଞ୍ଚିଲେ। ପ୍ରାୟ ଦେଢ଼ ବର୍ଷ ପରେ ସେ ଭାରତରୁ ଫେରିବାକୁ ପ୍ରସ୍ତୁତ ହେଉଥିବା ବେଳେ କେତେକ ସାମ୍ବାଦିକ ତାଙ୍କର ଅନୁସନ୍ଧାନର ନିଷ୍କର୍ଷ ବିଷୟରେ ଜାଣିବାକୁ ଚାହିଁଲେ। ଜର୍ମାନ ସାମ୍ବାଦିକ ମହୋଦୟଙ୍କ ଉତ୍ତର ଥିଲା ଯେତିକି ଚଟୁଳ ସେତିକି ଉଦ୍‌ବେଗଜନକ। ସେ କହିଲେ, 'ଗତ ଦେଢ଼ ବର୍ଷର ରହଣି ମଧ୍ୟରେ ଭାରତକୁ ମୁଁ ଖୁବ୍ ନିକଟରୁ ଦେଖିଛି ଓ ପରଖିଛି। ଏଠି ଛାତ୍ରଛାତ୍ରୀ ତୁଳନାରେ ଶିକ୍ଷକମାନଙ୍କ ଅନୁପସ୍ଥିତି ଅଧିକ; ତା'ସତ୍ତ୍ୱେ ଶିକ୍ଷାନୁଷ୍ଠାନ ଓ ଶିକ୍ଷାଗତ ଯୋଗ୍ୟତା ବଢ଼ିଚାଲିଛି। ବିଧାନପାଳିକା ଯିବା ପାଇଁ ଜନପ୍ରତିନିଧି ବା ନୀତି ନିର୍ଦ୍ଧାରକ ଅନିଚ୍ଛୁକ; ତଥାପି ପ୍ରତିବର୍ଷ ଶତାଧିକ ଯୋଜନା ଓ ନୀତି ପ୍ରଣୟନ ହେଉଛି। ସର୍ବୋପରି ଏଠାର ବିଶାଳ ଯୁବବର୍ଗ ଓ ବୁଦ୍ଧିଜୀବୀ କ୍ରିକେଟ୍ ପାଗଳ; କିନ୍ତୁ ଦେଶ ଆଗେଇ ଚାଲିଛି। ତେଣୁ ମୁଁ ସ୍ଥିର ନିଶ୍ଚିତ ଯେ ଏହି ବିଶାଳ ଭାରତକୁ ଈଶ୍ୱର ହିଁ ଚଳାଉଛନ୍ତି।'

କ୍ରିକେଟ୍ ବିଷୟରେ ଏଭଳି ଅପ୍ରତ୍ୟାଶିତ ଉତ୍ତରରେ କିଞ୍ଚିତ ଅପ୍ରତିଭ ଭାରତୀୟ ସାମ୍ବାଦିକ ବନ୍ଧୁମାନେ ସେ ବିଷୟରେ ଜର୍ମାନ ସାମ୍ବାଦିକଙ୍କଠାରୁ ଅଧିକ ଜିଜ୍ଞାସା କରିବାରୁ ସେ ନିଜ ଅନୁଭୂତି ବର୍ଣ୍ଣନା କରି କହିଲେ, 'କ୍ରିକେଟ୍‌ରଙ୍କୁଣା ଭାରତୀୟମାନେ ନିଜ ସମୟ, ଦାୟିତ୍ୱ ଓ କର୍ତ୍ତବ୍ୟକୁ କ୍ରିକେଟ୍ ଆଗରେ ମୂଲ୍ୟବାନ ମନେ କରନ୍ତି ନାହିଁ। ଥାନାବାବୁମାନେ ଥାନାରେ ଅଭିଯୋଗକାରୀଙ୍କୁ ଶୁଣିବା ଏବଂ ଆଇନ ଶୃଙ୍ଖଳା ସ୍ଥିତି ଜାଣିବା ତୁଳନାରେ କ୍ରିକେଟ୍ ସ୍କୋର ପାଇଁ ଅଧିକ ଆଗ୍ରହୀ; ଡାକ୍ତରମାନେ ପ୍ରେସ୍କ୍ରିପ୍‌ସନ୍ ଲେଖିବା ବେଳେ କାନପାଖରେ ରେଡିଓ(ସେତେବେଳେ ଭାରତର ଟିଭି ପ୍ରସାରଣ ଏତେ ନଥିଲା)ଟିଏ ଚାପି ଧରିବାକୁ ଅନୁଚିତ ବୋଲି ମନେ କରନ୍ତି ନାହିଁ, ଏପରିକି ମ୍ୟାଚ୍ ଫଳାଫଳର ଉତ୍କଣ୍ଠା ଅସ୍ତ୍ରୋପଚାରକୁ ବିଳମ୍ବିତ କରେ; ବୁଦ୍ଧିଜୀବୀମାନେ ସକାଳ ଓ ସାନ୍ଧ୍ୟ ଭ୍ରମଣରେ କ୍ରିକେଟ୍ ଆଲୋଚନାକୁ ଅଧିକ ପସନ୍ଦ କରନ୍ତି ଏବଂ ଖବରକାଗଜର ପ୍ରଥମ ପୃଷ୍ଠାରେ କ୍ରିକେଟ୍ ଖବର ଅଗ୍ରାଧିକାର ପାଏ। ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଏଭଳି କ୍ରିକେଟ୍ ମୋହ ବିରଳ ଏବଂ ବିଶାଳ ମାନବ ସମ୍ବଳର ସଦୁପଯୋଗ ଓ ଦକ୍ଷତା ବିକାଶ ପ୍ରତି ବଡ଼ ଆହ୍ୱାନ।'

ଜର୍ମାନ୍ ସାମ୍ବାଦିକ ମହୋଦୟ ଯଦି କ୍ରିକେଟ୍-ମୋହାଞ୍ଜନ ରଞ୍ଜିତ ଭାରତୀୟମାନଙ୍କୁ ଆହୁରି ପାଖରୁ ପରଖିଥା'ନ୍ତେ ତେବେ ଜାଣି ପାରିଥା'ନ୍ତେ ଭାରତରେ କ୍ରିକେଟ୍ ତାରକାମାନଙ୍କ ବ୍ୟବହୃତ ଅନ୍ତର୍ବସ୍ତ୍ର ଓ ଉଚ୍ଛିଷ୍ଟର ସାନ୍ନିଧ୍ୟ ଲାଭ କରିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ସ୍ଥିତି ସୃଷ୍ଟିହୁଏ(୧୯୮୩ ପ୍ରୁଡେନ୍‌ସିଆଲ୍ ବିଶ୍ୱକପ୍ ଜିତିବା ପରେ ମଧ୍ୟପ୍ରଦେଶର ଏକ ପଞ୍ଚତାରକା ହୋଟେଲ୍‌ରେ ଏଭଳି ଘଟଣାର ବର୍ଣ୍ଣନା କରିଥିଲେ ସେଠାକାର ସୁରକ୍ଷା ଦାୟିତ୍ୱରେ ଥିବା ଉଚ୍ଚ ପୁଲିସ ପଦାଧିକାରୀ); ଖେଳରେ ହାରଜିତ୍‌କୁ ନେଇ ଲଣ୍ଡା, ଅଧାଲଣ୍ଡା, ଅଧା ନିଶ କାଟିବାକୁ ଏପରିକି ଘରର ଆସବାବ ପତ୍ର ବାଜିରେ ଲଗାଇବାକୁ କୁଣ୍ଠା ପ୍ରକାଶ ପାଏନାହିଁ। ଏହି ପୃଷ୍ଠଭୂମିରେ ବେଙ୍ଗାଲୁରୁରେ ଆଇପିଏଲ୍ ଫାଇନାଲ ମ୍ୟାଚ୍ ପରବର୍ତ୍ତୀ ବିଜୟ ଶୋଭାଯାତ୍ରା ଅଘଟଣ ପଛରେ ଯେଉଁ ବିପୁଳ ଜନସମାବେଶ ସଂଗଠିତ ହୋଇଥିଲା, ତାହା ଆଦୌ ଅଭୂତପୂର୍ବ କିମ୍ବା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନୁହେଁ।

କ୍ରିକେଟ୍ ଓ କ୍ରିକେଟରଙ୍କ ପାଇଁ ଆମ ମନରେ ଯେଉଁ ଭକ୍ତି ଓ ହୃଦୟରେ ଦୁର୍ବଳତା ରହିଛି ତାହା କେତେ ଯଥୋଚିତ ତାହା ତର୍ଜମା କିମ୍ବା ବ୍ୟକ୍ତ କରିବା ନିରର୍ଥକ। କିନ୍ତୁ ଆମେ ଯେଉଁ ତାରକାମାନଙ୍କୁ ଶବ୍ଦରତ୍ନାଳଙ୍କରରେ ବିଭୂଷିତ କରୁଛୁ, ନିଜର ଆତ୍ମାରେ ସ୍ଥାନିତ କରୁଛୁ, ଦେଶାତ୍ମବୋଧର ପ୍ରତିନିଧି ବୋଲି ଗର୍ବ କରୁଛୁ ଏବଂ ବ୍ୟକ୍ତିଗତ ପ୍ରଦର୍ଶନ ଓ ସଫଳତାରେ ଶତମୁଖ ହୋଇପଡୁଛୁ ସେମାନଙ୍କ ଆଭିମୁଖ୍ୟ ବିଷୟରେ ଗୋଟିଏମାତ୍ର ଉଦାହରଣ ଯଥେଷ୍ଟ ମନେ ହୁଏ। ୨୦୦୨ ଆଇସିସି ଚମ୍ପିଅନ୍‌ସିପ୍ ବିଶ୍ୱକପ୍ ପ୍ରତିଯୋଗିତା ପୂର୍ବରୁ ପ୍ରାୟୋଜକ, ବିଜ୍ଞାପନ ଓ ଭାରତୀୟ କ୍ରିକେଟ୍ ତାରକାଙ୍କୁ ନେଇ ବିବାଦ ସୃଷ୍ଟି ହେବା ପରେ ଆଇସିସିର ଚରମବାଣୀ ଥିଲା ଭାରତୀୟ କ୍ରିକେଟରମାନେ ନିଜ ଦେଶ ପାଇଁ ନା ନିଜ ପାଇଁ ଖେଳୁଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଏହାର ପ୍ରତିକ୍ରିୟାରେ ତତ୍କାଳୀନ ଭାରତୀୟ କ୍ରିକେଟ୍ କପ୍ତାନଙ୍କ ଦାମ୍ଭିକ ଉତ୍ତର ଥିଲା ସେମାନେ ନିଜ ପାଇଁ ଖେଳୁଛନ୍ତି। ଏହାପରେ ବିସିସିଆଇ ଜଭାଗଲ୍ ଶ୍ରୀନାଥଙ୍କ ନେତୃତ୍ୱରେ ୨୫ଜଣିଆ ବିକଳ୍ପ ଟିମ୍ ଘୋଷଣା କରିଥିଲା ସତ, ମାତ୍ର ତଥାକଥିତ କ୍ରିକେଟ୍-ଦେବତାମାନଙ୍କର ପ୍ରଭାବ ଓ ବିଜ୍ଞାପନଦାତାଙ୍କ ଚାପ ଏତେ ଥିଲା ଯେ ବିସିସିଆଇ ସେମାନଙ୍କୁ ନେଇ ସାନି ତାଲିକା ଘୋଷଣା କଲା ଏବଂ ଆଇସିସି ମଧ୍ୟ ନତମସ୍ତକ ହେବାକୁ ବାଧ୍ୟ ହେଲା। ସଦ୍ୟସମାପ୍ତ ଆଇପିଏଲ୍ ସହିତ କୌଣସି ରାଷ୍ଟ୍ରବୋଧ କିମ୍ବା ରାଷ୍ଟ୍ରସମ୍ମାନ ଜଡ଼ିତ ନୁହେଁ। ତଥାପି ୭୪ ଦିନ ଧରି କ୍ରିକେଟ୍‌ର ମୋହାଞ୍ଜନରେ ଅନୁରକ୍ତ ଭାରତୀୟମାନେ ଯେପରି ଉଦ୍‌ବୁଦ୍ଧ ଓ ଅନୁରଣିତ ହେଲେ ବିଶ୍ୱରେ ତାହାର ପଟାନ୍ତର ନାହିଁ।

କ୍ରିକେଟ୍‌ର ମୋହାଞ୍ଜନରେ ଭାରତର କେବଳ ଜନସାଧାରଣ ନୁହନ୍ତି, ସରକାର ମଧ୍ୟ ଯେ ଆକ୍ରାନ୍ତ ହେବାକୁ ବାଧ୍ୟ ତାହା ପ୍ରମାଣିତ ହୋଇଯାଏ ଯେତେବେଳେ ଜଳକ୍ଲିଷ୍ଟ ଅଞ୍ଚଳକୁ ପାଣି ଯୋଗାଇବାରେ ବିଫଳ ସ୍ୱାଧୀନ ଭାରତ କ୍ରିକେଟ୍ ପଡ଼ିଆ ପ୍ରସ୍ତୁତି ପାଇଁ ଗ୍ୟାଲନ୍ ଗ୍ୟାଲନ୍ ପାଣି ବିନିଯୋଗ କରିପାରେ; ସ୍ୱାଧୀନତାର ୭୮ ବର୍ଷ ପରେ ଏବେ ମଧ୍ୟ ଗାଁ ଗଣ୍ଡାରେ ବିଜୁଳି ସାତସପନ, ଅଥଚ କ୍ରିକେଟ୍ ପଡ଼ିଆରେ ଫ୍ଲଡ୍ ଲାଇଟ୍‌ରେ ମଧ୍ୟରାତ୍ରିରେ ଦିବସର ଭ୍ରମ ସୃଷ୍ଟି ହୋଇପାରେ; ସରକାରୀ ରାଜକୋଷ ଅପଚୟରେ କ୍ରିକେଟ୍‌ରଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତ୍ରି ପରିଷଦର ସଦସ୍ୟମାନେ ବିଦେଶଗସ୍ତ କରିପାରନ୍ତି; ଶାସନମୁଖ୍ୟମାନେ ଅର୍ଜୁନଙ୍କ ପରି ଲକ୍ଷ୍ୟଭେଦ କରିବାକୁ କ୍ରିକେଟରଙ୍କୁ ଉତ୍ସାହିତ କରିପାରନ୍ତି, କ୍ରିକେଟ୍ ପଡ଼ିଆରେ ପ୍ରତ୍ୟକ୍ଷ ଉପସ୍ଥିତ ହୁଅନ୍ତି, ଏପରିକି ବିଫଳତା ପରେ ଆଲିଙ୍ଗନ କରି ସମବେଦନା ଜଣାନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଭାରତର କୌଣସି ଶାସନମୁଖ୍ୟଙ୍କ କ୍ରିକେଟ୍ ସୁଲଭ ପ୍ରୋତ୍ସାହନ ଓ ସମବେଦନା କେବେ କୌଣସି ଅଲିମ୍ପିକ୍ ଖେଳାଳିଙ୍କ ପ୍ରତି ଦେଖାଯାଏ ନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବୀଣ ରାଜନୀତିଜ୍ଞ ଜାନକୀ ବଲ୍ଲଭ ପଟ୍ଟନାୟକ ଏକଦା ଏକ ସାକ୍ଷାତକାରରେ କହିଥିଲେ କ୍ରିକେଟ୍‌କୁ ବିରୋଧ କରି କୌଣସି ରାଜନୈତିକ ଦଳ ତିଷ୍ଠି ପାରିବ ନାହିଁ। ଆଇପିଏଲ୍‌ର ବିଜୟୋତ୍ସବରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି, ଦୁର୍ଘଟଣା ପରେ କେନ୍ଦ୍ର-ରାଜ୍ୟ-ବିସିସିଆଇ ମଧ୍ୟରେ ଆରୋପ-ପ୍ରତ୍ୟାରୋପ, ନ୍ୟାୟାଳୟଙ୍କର ନିଜ ଆଡୁ ମାମଲା ରୁଜୁ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱର୍ଗତଃ ପଟ୍ଟନାୟକଙ୍କ ମନ୍ତବ୍ୟର ଜ୍ୱଳନ୍ତ ପ୍ରତିଫଳନ। ଏଠାରେ ଆଉ ଏକ ବ୍ୟତିକ୍ରମ ଓ ବିଡ଼ମ୍ବନା ଉପରେ ଦୃଷ୍ଟି ଦିଆଯାଉ। ହାଇଦ୍ରାବାଦ୍‌ର ଏକ ସିନେମା ହଲ୍‌ରେ ଦଳାଚକଟାରେ ଜନୈକ ମହିଳାଙ୍କ ମୃତ୍ୟୁ ଘଟଣାରେ ଆଲ୍ଲୁ ଅର୍ଜୁନଙ୍କୁ ଗିରଫ କରାଗଲା, ଅଥଚ ବେଙ୍ଗାଲୁରୁ ଦଳାଚକଟାରେ ମୃତାହତଙ୍କ ସଂଖ୍ୟା ତା'ଠାରୁ ବହୁ ଅଧିକ ହେଲେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ କେବଳ ଅସମ୍ଭବ ନୁହେଁ ସେ ସମ୍ପର୍କିତ ଆଲୋଚନା ମଧ୍ୟ ହୁଏତ ଦୋଷାବହ। ସେହିପରି ବେଙ୍ଗାଲୁରୁ ଦୁର୍ଘଟଣା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଲା, ତାହା ଦିଲ୍ଲୀ ରେଳଷ୍ଟେସନ୍ କିମ୍ବା ପ୍ରୟାଗରାଜ୍ ମହାକୁମ୍ଭ ଅଘଟଣରେ ଦେଖାଗଲା ନାହିଁ। ଏଥିରୁ କ୍ରିକେଟ୍ ଭାରତୀୟ ଶାସନ-ପ୍ରଶାସନ ପାଇଁ କେତେ ସ୍ପର୍ଶକାତର ତାହାର ଅଧିକ ପ୍ରମାଣ ଅନାବଶ୍ୟକ।

କ୍ରିକେଟ୍ ମୋହାଞ୍ଜନର ପ୍ରଚ୍ଛଦପଟ୍ଟ ଉପରେ ଏବେ କିଞ୍ଚିତ ସିଂହାବଲୋକନ କରିବା। ବିଂଶ ଶତାବ୍ଦୀର ଅଶୀ ଦଶକର ଶେଷ ଓ ନବେ ଦଶକର ପ୍ରାରମ୍ଭରେ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ବିଶ୍ୱରେ କାୟା ବିସ୍ତାର ଆରମ୍ଭ କଲା। ସେତେବେଳେ ତା'ର ମୁଖ୍ୟ ପୁରୋଧା ଜନ୍ ପର୍କିସନ୍‌ଙ୍କର ଦୃଷ୍ଟି ନିବଦ୍ଧ ଥିଲା ବିଶାଳ ଭାରତୀୟ ବଜାର ଉପରେ। ଏଥିପାଇଁ ସେ ଭାରତୀୟମାନଙ୍କର ମାନସିକତା ଓ ସମ୍ବେଦନଶୀଳତାକୁ ପ୍ରଥମେ ଅନୁଧ୍ୟାନ କରିଥିଲେ(ତାଙ୍କ ଦ୍ୱାରା ଲିଖିତ 'ଏ କନ୍‌ଫେକ୍‌ସନ୍ ଅଫ୍ ଆନ୍ ଇକୋନୋମିକ୍ ହିଟ୍ ମ୍ୟାନ୍'ରେ ବର୍ଣ୍ଣିତ)। ଫଳ ସ୍ୱରୂପ, ୧୯୬୬ ମସିହାରେ ରିତା ଫାରିଆଙ୍କ ବିଶ୍ୱସୁନ୍ଦରୀ ଉପାଧି ପ୍ରାପ୍ତ ହେବାର ଦୀର୍ଘ ବ୍ୟବଧାନ ପରେ ୧୯୯୪ ମସିହାରେ ସୁସ୍ମିତା ସେନ୍‌ଙ୍କଠାରୁ ପୁଣି ସେହି ପ୍ରକ୍ରିୟା ଆରମ୍ଭ ହେଲା। ତଥାପି ପର୍କିସନ୍ ସେପରି ଏକ ମାଧ୍ୟମର ସନ୍ଧାନରେ ଥିଲେ, ଯାହା ଭାଷା-ରାଜ୍ୟ-ଜାତି-ସଂପ୍ରଦାୟ-ବୟସ ନିର୍ବିଶେଷରେ ଭାରତୀୟମାନଙ୍କର ମନ, ପ୍ରାଣ ଓ ଆତ୍ମା ସହିତ ଓତପ୍ରୋତ ଭାବରେ ଜଡ଼ିତ ଥିବ। ସେ ସେହି ମାଧ୍ୟମର ସନ୍ଧାନ ପାଇଯିବା ପରେ କ୍ରିକେଟ୍ ଦୁନିଆ ରଙ୍ଗୀନ ହୋଇଉଠିଲା ଏବଂ କ୍ରିକେଟରମାନେ ନିଜ ଶରୀର ଓ ପୋଷାକକୁ ବିଜ୍ଞାପନର ହୋର୍ଡିଂରେ ପରିବର୍ତ୍ତନ କରିବା ପାଇଁ ଅତିମାତ୍ରାରେ ଉତ୍ସାହିତ ହୋଇପଡ଼ିଲେ। କ୍ରମଶଃ ଏହା ଆଇପିଏଲ୍ ପରି ଏକ ହାଟ ସୃଷ୍ଟି କଲା, ଯେଉଁଠି ଖେଳାଳିମାନେ ବାଜିରେ ଲାଗୁଥିବା ଘୋଡ଼ାଙ୍କ ପରି କିଣାବିକା ହୋଇପାରିବେ ଏବଂ ଚଟାପଟ୍ ଫଳାଫଳ ନିର୍ଣ୍ଣୟ କରିପାରିବେ।

ଏହିକ୍ରମରେ ଯଦି ସଦ୍ୟ ସମାପ୍ତ ଆଇପିଏଲ୍‌ରେ ପ୍ରାୟ ୫ ହଜାର କୋଟି ଟଙ୍କାର କାରବାର ହେଲା, 'ଅପରେସନ୍ ସିନ୍ଦୂର' ପାଇଁ ବିସିସିଆଇ ପ୍ରାୟ ୪୫୦ କୋଟି ଟଙ୍କା କ୍ଷତି ସହିଲା ବୋଲି ଅନୁତାପ କରାଗଲା, ସରକାରୀ ସ୍ୱୀକୃତ ଜୁଆ 'ଡ୍ରିମ୍ ୧୧'ରେ କୋଟିଏ ଟଙ୍କା ଜିତିଥିବା ଜୁଆଡ଼ିର ନାମ ଗଣମାଧ୍ୟମର ଶିରୋନାମା ମଣ୍ଡନ କଲା, ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। ଏହା ହିଁ ତ କ୍ରିକେଟ୍-ମୋହାଞ୍ଜନ ରଞ୍ଜିତ ଭାରତ!

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ନିଜ ବଳରେ ଲଢ଼ିବା

ପ୍ରଣତି ଆଚାର୍ଯ୍ୟ ମିଶ୍ର

୧୯୪୭ ମସିହା ମେ ୧୨ ତାରିଖ। ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଆଟଲିଙ୍କ ସରକାରୀ ବାସଭବନରେ ଏକ ଜରୁରୀ ବୈଠକ ବସିଥିଲା। ଉପସ୍ଥିତ ଥିଲେ ତିନି ସେନାର ମୁଖ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧର ନାୟକ ଫିଲ୍ଡ ମାର୍ଶାଲ୍ ବର୍ଣ୍ଣାର୍ଡ ଲ ମଣ୍ଟଗୋମେରୀ ଏବଂ କିଛି ବୈଦେଶିକ ନୀତି ବିଶେଷଜ୍ଞ। ପ୍ରସଙ୍ଗ ଥିଲା ଭାରତର ସ୍ୱାଧୀନତା ଏବଂ ଏହାର ବିଭାଜନ। ବ୍ରିଟିଶ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଏହି ଲୋକମାନେ ବିଶ୍ୱାସ କରୁଥିଲେ ଯେ ଭାରତ ସ୍ୱଭାବରେ ଏକ ସମାଜବାଦୀ ରାଷ୍ଟ୍ର। ଯଦି ଏହାକୁ ଏହିପରି ମୁକ୍ତ କରାଯାଏ, ତେବେ ମସ୍କୋରେ ଚାଲିଥିବା ବାମପନ୍ଥୀ ଝଡ଼ ଭାରତ ମହାସାଗର ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ବ୍ରିଟିଶ ଉପନିବେଶବାଦ ପାଇଁ କଠୋର ଆଘାତ ହେବ। ଏହି କାରଣରୁ ୧୪ ଅଗଷ୍ଟ ୧୯୪୭ରେ ଭାରତ ବିଭାଜିତ ହେଲା ଏବଂ ପାକିସ୍ତାନ ପଶ୍ଚିମ କୋଳକୁ ଚାଲିଗଲା। ଭାରତ ୧୫ ଅଗଷ୍ଟ ୧୯୪୭ରେ ନିରପେକ୍ଷତା ପଥ ଗ୍ରହଣ କଲା। ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ ମଧ୍ୟ ସେତେବେଳେ ଅନୁଭବ କଲେ ଯେ ଏହି ଦୁଇଟି ସମ୍ପ୍ରଦାୟ ଏକାଠି ରହିପାରିବେ ନାହିଁ। ପୂର୍ବରୁ ସେ ଭାରତର ବିଭାଜନ ବିରୁଦ୍ଧରେ ଥିଲେ ମଧ୍ୟ ଲଣ୍ଡନ ଯାଇ ୩ ଜୁନ ୧୯୪୭ରେ ଫେରିବା ପରେ ଭାରତର ସ୍ୱାଧୀନତା ତାରିଖ ଏବଂ ଦେଶ ବିଭାଜନ ନିଷ୍ପତ୍ତି ଘୋଷଣା କରିଥିଲେ।

ଏବେ ପାକିସ୍ତାନ ଚୀନ ସହିତ ବନ୍ଧୁ ବାନ୍ଧିଛି। ବିଶ୍ୱର ସର୍ବବୃହତ ପରମାଣୁ ଭଣ୍ଡାରର ମାଲିକ ରୁଷ ଏବେ ବେଜିଂର ବନ୍ଧୁ। ଏହି ତିନୋଟି ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ପରମାଣୁ ଶକ୍ତିଶାଳୀ ଉତ୍ତର କୋରିଆ ପୂର୍ବରୁ ଏହି ଚକ୍ରର ଏକ ଅଂଶ। ଏହି ସମୀକରଣ ଯୋଗୁଁ ସାରା ବିଶ୍ୱରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଣିଜ୍ୟିକ ଶୁଳ୍କ ଜରିଆରେ ଆହୁରି ବଢ଼ାଇ ଦେଇଛନ୍ତି।

ବିଶ୍ୱର ଏହି ପରିବର୍ତ୍ତିତ ସମୟରେ ଆମର ଭୂମିକା କ'ଣ? କେବଳ ଏହି ସତକୁ ନେଇ ଆମେ ଖୁସି ହୋଇପାରିବା ନାହିଁ ଯେ ପାକିସ୍ତାନ ତା'ର ଐତିହାସିକ ଭୁଲକୁ ଦୋହରାଉଛି। ପ୍ରଥମେ ପଶ୍ଚିମ ପାଖରେ ବସି ତା'ର ଅର୍ଥନୀତିକୁ ନଷ୍ଟ କରିଛି, ଏବେ ନିଜ ପାଇଁ ଆଉ ଏକ ଗର୍ତ୍ତ ଖୋଳିବାରେ ଲାଗିଛି। ଆଧୁନିକ ଆମେରିକାର ବୈଦେଶିକ ନୀତି ନିର୍ମାତା ହେନରୀ କିସିଞ୍ଜର ଥରେ କହିଥିଲେ, ଆମେରିକା ସହିତ ଶତ୍ରୁତା ବିପଜ୍ଜନକ, ଆଉ ବନ୍ଧୁତା ମାରାତ୍ମକ। ଯାହା ସହିତ ଆମର ପୁରୁଣା ସୀମା ବିବାଦ ରହିଛି ଶତ୍ରୁ ଏବେ ତା' କୋଳରେ। ରୁଷ ମଧ୍ୟ ୧୯୭୧ ପରି ଭାରତକୁ ସାହାଯ୍ୟ କରିବା ସ୍ଥିତିରେ ନାହିଁ। ଚୀନ୍ ଅଗଷ୍ଟ ସୁଦ୍ଧା ପାକିସ୍ତାନକୁ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ମଧ୍ୟ ହସ୍ତାନ୍ତର କରିବାକୁ ଯାଉଛି। ୟୁରୋପ ପୂର୍ବରୁ ଖରାପ ଅବସ୍ଥାରେ ଅଛି। ଆମେରିକା ଏକମାତ୍ର ବାକି, ଯାହା ସହିତ ବନ୍ଧୁତା ମାରାତ୍ମକ। ତେଣୁ ଭାରତକୁ ସତର୍କତାର ସହିତ ଆଗକୁ ବଢ଼ିବାକୁ ହେବ।

ତେବେ ଆମେ କ'ଣ କରିବା ଉଚିତ? ଉତ୍ତର କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି। ଆମେ ଆତ୍ମନିର୍ଭରଶୀଳତାରେ ଆଗକୁ ବଢୁଛେ। ବିଶ୍ୱର ସର୍ବାଧିକ ଯୁବବାହିନୀ ଆମର ଶକ୍ତି। ଆଇଆଇଟି, ଆଇଆଇଏମ, ଏମ୍ସ ଭଳି ପ୍ରତିଷ୍ଠାନରୁ ଉତ୍ତୀର୍ଣ୍ଣ ଭାରତୀୟ ସାରା ବିଶ୍ୱରେ ସଫଳତାର ପତାକା ଉଡ଼ାଉଛନ୍ତି। ଏହା ହେଉଛି ଏକ ନୂଆ ମୋଡ଼, ଯେତେବେଳେ ଆମେ ଆମର ଶିକ୍ଷିତ ବର୍ଗର ରପ୍ତାନିକାରୀ ହେବା ପରିବର୍ତ୍ତେ ପ୍ରତିଭାର ଆମଦାନୀକାରୀ ହେବା ଉଚିତ।

ଗୁଗୁଲ୍ ପରିସଂଖ୍ୟାନ କୁହେ ଟ୍ରମ୍ପଙ୍କ ଯୋଗୁଁ ଆମେରିକୀୟ ବିଶ୍ୱବିଦ୍ୟାଳୟ ଏବଂ ଶ୍ରେଷ୍ଠ ପ୍ରତିଷ୍ଠାନ ପାଇଁ ସନ୍ଧାନ ୨୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଆମକୁ ଆମର ଶିକ୍ଷା ସ୍ତରକୁ ମଧ୍ୟ ଉନ୍ନତ କରିବାକୁ ପଡ଼ିବ ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ଏତେ କଡ଼ା କରିବାକୁ ପଡ଼ିବ ଯେ ବିକାଶଶୀଳ ଦେଶରୁ ଭାରତକୁ ଆସୁଥିବା ପ୍ରତିଭାଶାଳୀମାନେ ଶିକ୍ଷା ଗ୍ରହଣ କରିବା ପରେ ଏଠାରେ ରହିପାରିବେ। ସୌଭାଗ୍ୟବଶତଃ, ଆମ ପାଖରେ ବିଶ୍ୱସ୍ତରୀୟ ଶିକ୍ଷାର ମୌଳିକ ଭିତ୍ତିଭୂମି ରହିଛି। ଏହାକୁ କେବଳ ଆବଶ୍ୟକତା ଅନୁଯାୟୀ ଉନ୍ନତ କରିବାକୁ ପଡ଼ିବ। ଦ୍ୱିତୀୟ 'ସବୁଜ ବିପ୍ଳବ' ମାଧ୍ୟମରେ ଆମକୁ ଶ୍ରେଷ୍ଠ ତିନୋଟି ଖାଦ୍ୟ ରପ୍ତାନିକାରୀଙ୍କ ମଧ୍ୟରୁ ଜଣେ ହେବାକୁ ପଡ଼ିବ। ଆମର ସଭ୍ୟତା କୃଷି-ଭିତ୍ତିକ, କିନ୍ତୁ ଯୁବପିଢ଼ି ଏଥିରେ ନିରାଶ ହେଉଛନ୍ତି। ୧୯୯୩-୯୪ ମସିହାରେ କୃଷି କ୍ଷେତ୍ର ୬୪.୫ ପ୍ରତିଶତ ନିଯୁକ୍ତି ପ୍ରଦାନ କରୁଥିଲା, ତାହା ୨୦୨୩-୨୪ ମସିହାରେ ୪୬.୧ ପ୍ରତିଶତକୁ ହ୍ରାସ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡ଼ିବ।

ଏବେ ଆମକୁ ଦେଶରେ ଆବଶ୍ୟକତା ଅନୁଯାୟୀ ଯୁଦ୍ଧ ସାମଗ୍ରୀ ନିର୍ମାଣର ଗତିକୁ ମଧ୍ୟ ତ୍ୱରାନ୍ୱିତ କରିବା ଉଚିତ। ଭାରତରେ ନିର୍ମିତ କ୍ଷେପଣାସ୍ତ୍ର ପାକିସ୍ତାନ ସହିତ ସଂଘର୍ଷରେ ସେମାନଙ୍କର ଉପଯୋଗିତା ପ୍ରମାଣିତ କରିଛି। ଏହା ନିଶ୍ଚିତ ଯେ ଆମକୁ ଆମଦାନୀକାରୀରୁ ରପ୍ତାନିକାରୀ ହେବାକୁ ପଡ଼ିବ। ଏହି ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। କେବଳ ଯୁଦ୍ଧ ସମୟରେ ଯୁଦ୍ଧଭିତ୍ତିରେ କାମ କରିବା ଠିକ୍ ନୁହେଁ। ମହାନ ରାଷ୍ଟ୍ର ଗଠନ କରିବାକୁ ହେଲେ ଶାନ୍ତି ସମୟରେ ମଧ୍ୟ ନିଜର ପାରମ୍ପରିକ ଚିନ୍ତାଧାରା ବିରୁଦ୍ଧରେ ଲଢ଼ିବାକୁ ପଡ଼ିବ। ଚୀନ୍ ଏହା କରୁଛି ଏବଂ ଶୀର୍ଷରେ ପହଞ୍ଚିବାକୁ ଧାବମାନ। ପାକିସ୍ତାନ ବିପରୀତ ପଥ ଗ୍ରହଣ କରିଛି ଏବଂ ଫଳାଫଳ ଆମ ସମ୍ମୁଖରେ। ମଧ୍ୟମ ପଥ ଅନୁସରଣ କରି ଆମେ ବହୁତ କିଛି ହାସଲ କରିଛନ୍ତି; କିନ୍ତୁ ଏବେ ବଡ଼ ଉଚ୍ଚତା ଆଡ଼କୁ ଦୌଡ଼ିବାର ସମୟ ଆସିଛି। ଏଥିପାଇଁ ସାହସ ଓ ସମ୍ବଳ ଦରକାର। ନାଇଜେରିଆର ଏକ ପ୍ରବାଦ ଅଛି - 'ଯେପର୍ଯ୍ୟନ୍ତ ସିଂହ ଲେଖିବା ଶିଖିବ ନାହିଁ, ସେପର୍ଯ୍ୟନ୍ତ ଶିକାରୀମାନେ ସାହସର କାହାଣୀ ଗାନ କରୁଥିବେ।'

ନୟାଗଡ଼, ମୋ: ୯୪୩୭୬୪୨୯୪୭ଜାଣେ?

## ପକ୍ଷାଘାତରୁ ମୁକ୍ତି ଧାମ

ଓଜସ୍ୱିନୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଖାଦ୍ୟପେୟର ଅନିୟମିତତା ଏବଂ ଦୈନନ୍ଦିନ ଜୀବନଶୈଳୀ ବିଭିନ୍ନ ପ୍ରକାର ରୋଗକୁ ଡାକି ଆଣୁଛି। ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଚିନ୍ତା(ଓଭର ଥିଙ୍କିଙ୍ଗ୍) ଓ ଅବସାଦ ଆଦି ସମସ୍ୟା ଯୋଗୁଁ ମସ୍ତିଷ୍କାଘାତ(ବ୍ରେନ୍ ଷ୍ଟ୍ରୋକ୍) ଆଶଙ୍କା ବୃଦ୍ଧି କରୁଛି। ମସ୍ତିଷ୍କାଘାତ ଯୋଗୁଁ ପକ୍ଷାଘାତ ଭଳି ଘାତକ ସମସ୍ୟା ଦେଖାଦିଏ। ଏହାବ୍ୟତୀତ ମସ୍ତିଷ୍କରେ କିମ୍ବା ମେରୁଦଣ୍ଡରେ ଆଘାତ ଲାଗିଲେ ମଧ୍ୟ ପକ୍ଷାଘାତ ହୋଇଥାଏ। ଏଥିରେ ପୀଡ଼ିତ ରୋଗୀର କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହୋଇଥାଏ, ବା ସମ୍ପୂର୍ଣ୍ଣ ଭାବେ ନିଶ୍ଚଳ ହୋଇପଡ଼େ। ପକ୍ଷାଘାତ ରୋଗର ପ୍ରକାରଭେଦ ଅନୁସାରେ ରୋଗୀଠାରେ ବିଭିନ୍ନ ପ୍ରକାର ଶାରୀରିକ ଲକ୍ଷଣ ଦେଖାଯାଏ। ଏ ସମ୍ପର୍କିତ ଏକ ଅନୁଧ୍ୟାନ ଅନୁସାରେ ବର୍ତ୍ତମାନ ପୃଥିବୀର ପ୍ରତି ୫୦ ଜଣରେ ଜଣେ ପକ୍ଷାଘାତରେ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଏ କ୍ଷେତ୍ରରେ ଡାକ୍ତରୀ ଚିକିତ୍ସା ଏବଂ ଫିଜିଓ ଥେରାପିର ସକାରାତ୍ମକ ପ୍ରଭାବ ପ୍ରାୟତଃ ଦେଖିବାକୁ ମିଳେ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶର ଶିଖର ଛୁଇଁଥିବା ଦେଶଗୁଡ଼ିକରେ ମଧ୍ୟ ଏହାର କୌଣସି ପୂର୍ଣ୍ଣ ଚିକିତ୍ସା ବିକଳ୍ପ ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।

ଭାରତରେ କିନ୍ତୁ ଏଭଳି ଗୋଟିଏ ମନ୍ଦିର ଅଛି, ଯାହାକି ପକ୍ଷାଘାତ ଭଳି ଦୁରାରୋଗ୍ୟକୁ ଚମତ୍କାର ଭାବେ ଦୂର କରି ଭକ୍ତକୁ ପୂର୍ଣ୍ଣ ସୁସ୍ଥତା ପ୍ରଦାନ କରିଥାଏ। ମନ୍ଦିରର ନାମ ହେଉଛି 'ବୁଟାଟି ଧାମ'। ଏହା ନାଗୋର ଜିଲ୍ଲାର କୁଚେରା ଅନ୍ତର୍ଗତ ବୁଟାଟି ଗାଁରେ ଅବସ୍ଥିତ। ସ୍ଥାନର ନାମାନୁସାରେ 'ବୁଟାଟି ଧାମ' ବିଦିତ। ଆଜ୍‌ମେର୍-ନାଗୋର୍ ମାର୍ଗସ୍ଥିତ ଏହି ମନ୍ଦିର ୫୦୦ ବର୍ଷ ପୁରୁଣା ବୋଲି କୁହାଯାଉଛି। କିମ୍ବଦନ୍ତୀ ଅନୁଯାୟୀ ଏଠାରେ ୫୦୦ ବର୍ଷ ପୂର୍ବେ ଚତୁରଦାସ ନାମକ ଜଣେ ସିଦ୍ଧ ଯୋଗୀ ରହୁଥିଲେ। ସେ ତାଙ୍କର ସିଦ୍ଧି ବଳରେ ଲୋକମାନଙ୍କୁ ପକ୍ଷାଘାତ ରୋଗମୁକ୍ତ କରୁଥିଲେ। ଏବେ ସେଠାରେ ତାଙ୍କର ସମାଧି ରହିଛି। ବିଶ୍ୱାସ ରହିଛି ଯେ ପକ୍ଷାଘାତ ରୋଗୀ ଏହି ସମାଧିର ୭ଥର ପରିକ୍ରମା କଲେ ରୋଗମୁକ୍ତ ହୋଇଥା'ନ୍ତି ଏବଂ ତାଙ୍କର ପୀଡ଼ିତ ଅଙ୍ଗ ପୁନର୍ବାର କାର୍ଯ୍ୟକ୍ଷମ ହୋଇଥାଏ। ରୋଗୀମାନଙ୍କୁ ତାଙ୍କର ପରିଜନମାନେ ସମାଧିର ୭ଥର ପରିକ୍ରମା କରାଇବା ସହିତ ଯଜ୍ଞକୁଣ୍ଡର ବିଭୂତି ଉକ୍ତ ପକ୍ଷାଘାତ ଅଙ୍ଗରେ ଲଗାଇ ଦେଇଥା'ନ୍ତି। ୭ ଦିନରେ ୭ ଥର ପରିକ୍ରମା କରିବା ପରେ ଗଭୀର ଆସ୍ଥା ଓ ବିଶ୍ୱାସ ରଖିଥିବା ରୋଗୀଟିର ଉକ୍ତ ଅଙ୍ଗ ଧୀରେ ଧୀରେ ଚମତ୍କାର ଭାବେ କାର୍ଯ୍ୟକ୍ଷମ ହୋଇଥାଏ। ଯେଉଁମାନେ ପକ୍ଷାଘାତ ଯୋଗୁଁ କଥା କହିପାରନ୍ତି ନାହିଁ, ସେମାନଙ୍କର ବାକ୍‌ଶକ୍ତି ମଧ୍ୟ ଧୀରେ ଧୀରେ ଫେରିଥାଏ ବୋଲି ଭକ୍ତମାନଙ୍କ ମୁହଁରୁ ଶୁଣିବାକୁ ମିଳେ। ପରିକ୍ରମା କରିବାର ନିୟମ

### ବିଶ୍ୱାସ ଓ ବିଜ୍ଞାନ



ହେଉଛି - ସକାଳ ଆଳତି ପରେ ପ୍ରଥମ ପରିକ୍ରମା ମନ୍ଦିର ବାହାରେ କରିବାକୁ ପଡ଼ିଥାଏ ଏବଂ ସନ୍ଧ୍ୟା ଆଳତି ପରେ ଦ୍ୱିତୀୟ ପରିକ୍ରମା ମନ୍ଦିର ଭିତରେ କରିବାକୁ ପଡ଼େ। ଏହି ଦୁଇଟି ପରିକ୍ରମାକୁ ମିଶାଇ ଗୋଟିଏ ଦିନର ପରିକ୍ରମା ବୋଲି ବିଚାର କରାଯାଏ।

ବୁଟାଟି ଗାଁର ଚାରଣ କୁଳରେ ଜନ୍ମିତ ସନ୍ଥ ଚତୁରଦାସ ମହାରାଜ ଆଜୀବନ ବ୍ରହ୍ମଚାରୀ ଥିଲେ। ଯୁବାବସ୍ଥାରେ ସେ ହିମାଳୟରେ ତପସ୍ୟା କରି ଅଗାଧ ଜ୍ଞାନ ପ୍ରାପ୍ତ କରିବା ପରେ ତାଙ୍କର ଜନ୍ମମାଟିକୁ ଫେରି ଆସିଥିଲେ। ସେ ନିଜ ଗାଁରେ ରହି ଗୋସେବା ଓ ଲୋକଙ୍କ ସେବାରେ ବ୍ରତୀ ହୋଇଥିଲେ। ଶେଷରେ ସେ ତାଙ୍କର ନିଜ ଜମି ଉପରେ ଗୋଟିଏ ମଣ୍ଡପ ନିର୍ମାଣ କରାଇଥିଲେ। ସେହି ମଣ୍ଡପରେ ସେ ରୋଗୀସେବା କରୁଥିଲେ। ବର୍ତ୍ତମାନ ଏହି ବୁଟାଟି ଗାଁ ପକ୍ଷାଘାତ ରୋଗୀଙ୍କ ପାଇଁ ଅମୃତସ୍ଥଳ ପାଲଟିଛି। ଏଠାରେ ରହିବା ଏବଂ ଖାଇବା ନିଃଶୁଳ୍କ ହୋଇଥିବା ବେଳେ ଭକ୍ତମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ପ୍ରଦାନ କରାଯାଉଛି। ଈଶ୍ୱର ବିଶ୍ୱାସ ଆଗରେ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ନତମସ୍ତକ ହେବା ପାଇଁ ବାଧ୍ୟ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରଙ୍କୁ କଂଗ୍ରେସର ନିଶାଣ

# ଗୋଟିଏ ବର୍ଷ; ୨୩ ପ୍ରତାରଣା



■ ସାରା ରାଜ୍ୟରେ ସାମ୍ବାଦିକ ସମ୍ମିଳନୀ କରିବ କଂଗ୍ରେସ
■ ବିଜେପି ସରକାରଙ୍କ ଅସ୍ମିତା ନୁହେଁ ଆସ୍ଫାଳନ: ଭକ୍ତ

ଭୁବନେଶ୍ୱର,୧୨।୬(ସମିସ): ନିର୍ବାଚନ ସମୟରେ ପ୍ରତିଶ୍ରୁତିରେ ପୋତି ପକାଇଥିବା ମୋହନ ସରକାର ଏବେ ବର୍ଷପୂର୍ତ୍ତି ପାଳନ କରୁଛନ୍ତି। ମାତ୍ର ପ୍ରତିଶ୍ରୁତି ନାଁରେ ସରକାରଙ୍କ ପ୍ରତାରଣାର ପ୍ରତିଛବି ରାଜ୍ୟ ଶାସନରେ ପ୍ରତିଫଳିତ ହୋଇଛି। ସମନ୍ୱୟ ଅଭାବ ଓ ଅହମିକା ଶାସନ ବ୍ୟବସ୍ଥାକୁ ଦିଗହରା କରିଛି। ତଳରୁ ଉପରସ୍ତର ଯାଏ ଦୁର୍ନୀତି ଭରି ରହିଛି। ଲୋକଙ୍କ କୋଟି କୋଟି ଟଙ୍କାରେ ଏକ ବର୍ଷର ପୂର୍ତ୍ତିପାଳନ ଉତ୍ସବ ଏକ ପ୍ରହସନ। ଅସ୍ମିତା ନାଁ ରେ ଆସ୍ଫାଳନ ଦେଖାଇ ଶାସନ ଗାଦିରେ ବସିଥିବା ମୋହନ ସରକାର ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ ସରକାର ବର୍ଷପୂର୍ତ୍ତି ପାଳନ କରୁଥିବାବେଳେ କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ୨୩ ପ୍ରତାରଣା ରାଜ୍ୟବାସୀଙ୍କ ସାମ୍ନାରେ ଉପସ୍ଥାପନ କରିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ବିଜେପିର ପ୍ରତିଶ୍ରୁତିର ପ୍ରତାରଣାକୁ ପଦାରେ ପକାଇବା ପାଇଁ 'ବର୍ଷ-୧, ପ୍ରତାରଣା ଅନେକ'କୁ ନେଇ ରାଜ୍ୟରେ ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଅସଲମୁଖା ଖୋଲିବେ। ବିଜେପି ସରକାରର ଛଳନାର ସମ୍ପର୍କରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ-ବଲାଙ୍ଗୀର, ନିରଞ୍ଜନ ପଟ୍ଟନାୟକ-ଖୋର୍ଦ୍ଧା, ଜୟଦେବ ଜେନା-ପୁରୀ, ପ୍ରସାଦ ହରିଚନ୍ଦନ-ବ୍ରହ୍ମପୁର, ତାରାପ୍ରସାଦ ବାହିନୀପତି-ବାଲେଶ୍ୱର, ଜଗନ୍ନାଥ ପଟ୍ଟନାୟକ-ସମ୍ବଲପୁର, ଅନନ୍ତ ପ୍ରସାଦ ସେଠୀ-କେନ୍ଦ୍ରାପଡ଼ା, ସିଏସ ରାଜନ ଏକ୍କା- ରାୟଗଡ଼ା ଆଦି ପ୍ରମୁଖ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ବିଜେପି ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି ସେ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଦୁର୍ନୀତି ସୀମା ଲଙ୍ଘନ କରିଛି, ଚିଟଫଣ୍ଡ ଜମାକାରୀମାନଙ୍କୁ ଟଙ୍କା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି, ଧାନର କଟଣୀ ଛଟଣୀ, ସୁଭଦ୍ରା ଯୋଜନାରେ ୫୦ ହଜାର ବଦଳରେ ୫ ହଜାର ପ୍ରଦାନ, ରତ୍ନ ଭଣ୍ଡାର ଗଣତି ମଣତି କରିବାରେ ବିଫଳତା, ଆୟୁଷ୍ମାନ ଯୋଜନାର ଅବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ନ ଦେବା ଭଳି ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ପ୍ରସାଦ କହିଛନ୍ତି।

ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ମୋହନ ସରକାର ଅସ୍ମିତା କଥା କହି କ୍ଷମତାକୁ ଆସିଲା; ଅସ୍ମିତାର ସମ୍ମାନ ରଖିବାରେ ସଫଳ ହୋଇ ପାରିଲା ନାହିଁ। ଶୀତଳ ଭଣ୍ଡାର ଓ କୃଷି ବିଦ୍ୟାଳୟ ସ୍ଥାପନ ପ୍ରତିଶ୍ରୁତି ପାଣିରେ ଗାର ହୋଇଛି। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଦରମା ବୃଦ୍ଧି କରିବେ ବୋଲି ନିରାଶ ଭିତରକୁ ଠେଲିଛନ୍ତି। ପେସା ଆଇନର ପ୍ରତିଶ୍ରୁତି ପାଳନ ହୋଇନାହିଁ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡ୍ରାଫ୍ଟିଂ କମିଟି ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ରଜନୀ ମହାନ୍ତି, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ଲୁଟିନେଲେ ସାଢ଼େ ୭ ଲକ୍ଷ




ତିହିଡ଼ି, ୧୨।୬ (ସମିସ): ଭଦ୍ରକ ଜିଲ୍ଲା ତିହିଡି ଉପକଣ୍ଠ କସ୍କୋ ବଜାର ନିକଟବର୍ତ୍ତୀ ଏୟୁ ସ୍ମଲ ଫାଇନାନ୍ସ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ୩ଜଣ ବ୍ୟକ୍ତି ହେଲମେଟ ପିନ୍ଧି କମ୍ପାନୀ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ବନ୍ଧୁକ ଓ ଛୁରି ଦେଖାଇ କମ୍ପାନୀ କାର୍ଯ୍ୟାଳୟରେ ଥିବା ୪ ଜଣ କର୍ମଚାରୀଙ୍କୁ ଭୟଭୀତ କରିବା ସହ ଟଙ୍କା ଲୁଟି ନେଇଥିଲେ। କର୍ମଚାରୀଙ୍କର ୪ଟି ମୋବାଇଲ ମଧ୍ୟ ଛଡ଼ାଇନେଇ ବାହାର ପାଖରୁ ସଟର୍ ବନ୍ଦ କରି ଚମ୍ପଟ ମାରିଥିଲେ। ଭୟଭୀତ କର୍ମଚାରୀ ବିକଳ ହୋଇ ଭିତରୁ ସଟର୍ ବାଡ଼େଇଥିଲେ। ଘର ମାଲିକ ସଟର୍ ଖୋଲିବା ପରେ ସମସ୍ତ ଘଟଣା ଜାଣିବାକୁ ପାଇଥିଲେ। ତେବେ କେତେ ଟଙ୍କା ଲୁଟ ହୋଇଛି ସେ ସମ୍ପର୍କରେ ସଠିକ ଜଣା ପଡ଼ିନଥିଲେ ବି ଆନୁମାନିକ ୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ପଚରାଉଚୁରା କରୁଛନ୍ତି।

■ ଭଦ୍ରକ ଗୋଷ୍ଠୀ ସଂଘର୍ଷ ଘଟଣା

# ମୃତ ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠପଢା ଖର୍ଚ୍ଚ ସରକାର ବହନ କରିବେ

ଭୁବନେଶ୍ୱର,୧୨।୬(ସମିସ): ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠ ପଢା ଖର୍ଚ୍ଚ ସରକାର ବହନ କରିବେ। ଗୁରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ବୁଧବାର ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

# ବ୍ୟବଚ୍ଛେଦ ପାଇଁ ଶବକୁ ୧୮ ଘଣ୍ଟା ଅପେକ୍ଷା !



ଆନନ୍ଦପୁର, ୧୨।୬(ସମିସ): ଶବକୁ ନେଇ ଉପଖଣ୍ଡ ମେଡିକାଲରେ ହନ୍ତସନ୍ତ ପରିସ୍ଥିତି। ୧୮ ଘଣ୍ଟା ଧରି ବ୍ୟବଚ୍ଛେଦ ପାଇଁ ଅପେକ୍ଷା କରିବା ଘଟଣାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ହୋଇପାରୁ ନଥିଲା। ତେବେ, ଗୁରୁବାର ଅପରାହ୍ଣ ୩ଟା ପରେ କୌଣସିମତେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଗତ ବୁଧବାର ରାତିରେ ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀ କେନ୍ଦୁଝର ଜିଲ୍ଲା ବାଂଶପାଳ ଥାନା ରୋବା ଅଞ୍ଚଳର ବିଭୂତି ଭୂଷଣ ଗିରି କଟକ ସ୍ଥାନାନ୍ତର ହେଉଥିଲେ। ଏହି ସମୟରେ ଆନନ୍ଦପୁର ନିକଟରେ ମୃତ୍ୟୁ ହୋଇଥିଲା। ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଛାଡ଼ି ଦେଇ ଚାଲିଯାଇଥିଲେ। ନିୟମ ଅନୁଯାୟୀ, ମୃତଦେହ ପହଞ୍ଚିବା ପରେ ମେଡିକାଲ କର୍ତ୍ତୃପକ୍ଷ ଥାନାକୁ ଖବର ଦେଇ ନିଜ ଦାୟିତ୍ୱ ସାରିଦେଲେ। ରାତିସାରା ଅନିଦ୍ରା ହୋଇ ମୃତକଙ୍କ ମୃତଦେହକୁ ଦୀର୍ଘ ୧୮ ଘଣ୍ଟା ଧରି ଜଗି ବସିଛନ୍ତି। ସ୍ଥାନୀୟ ପୁଲିସ ସାମାନ୍ୟ ସମୟ ନ ଦେବାରୁ ବାଉଁଶପାଳ ଅଞ୍ଚଳରେ ନିଜ ପରିଜନଙ୍କ ପାଖରେ ମୃତଦେହ ପହଞ୍ଚି ପାରିନଥିବା ପରିତାପର ବିଷୟ ବୋଲି ଆଲୋଚନା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ଉଡ଼ାଣ...

ଖସିଥିଲା। ମିଳିଥିବା ସୂଚନା ଅନୁଯାୟୀ ବିମାନର ଖଣ୍ଡବିଖଣ୍ଡିତ ଅଂଶ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଡାକ୍ତରୀ ଛାତ୍ରମାନେ ଡାଇନିଂ ଟେବୁଲ ଉପରେ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ବିମାନ ସେମାନଙ୍କ ଉପରେ ଖସିପଡ଼ିଥିଲା। ଏଥିରେ ୨୦ ଜଣ ମେଡିକାଲ ଛାତ୍ର ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ବିମାନରେ ୨୩୨ ଜଣ ଯାତ୍ରୀ ଏବଂ ୧୦ ବିମାନ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ୧୬୯ ଜଣ ଭାରତୀୟ ଯାତ୍ରୀ ଥିବା ବେଳେ ୫୩ ଜଣ ବ୍ରିଟେନ ନାଗରିକ, କାନାଡାର ଜଣେ ଏବଂ ପର୍ତ୍ତୁଗାଲର ୭ ଜଣ ନାଗରିକ ଥିଲେ। ଯାତ୍ରୀମାନଙ୍କ ମଧ୍ୟରେ ଥିଲେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ। ଦୁର୍ଘଟଣାରେ ସେ ପ୍ରାଣ ହରାଇଥିବା ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ଦଗ୍ଧ ଯାତ୍ରୀଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନଥିବାରୁ ଡିଏନ୍‌ଏ ପରୀକ୍ଷାରେ ସହଯୋଗ କରିବାପାଇଁ ସେମାନଙ୍କ ପରିବାରକୁ ଗୁଜରାଟ ସରକାର ନିବେଦନ କରିଛନ୍ତି।

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଏହି ବିମାନ ହେଉଛି ମାତ୍ର ୧୨ ବର୍ଷ ପୁରୁଣା। ୨୦୧୩ରେ ଏହି ଡ୍ରିମଲାଇନର ଏୟାର ଇଣ୍ଡିଆରେ ସାମିଲ ହୋଇଥିଲା। କୁହାଯାଉଛି ଯେ ଡ୍ରିମଲାଇନର ବିମାନର ଏହା ହେଉଛି ପ୍ରଥମ ଦୁର୍ଘଟଣା। ବିମାନଟି ଅହମ୍ମଦାବାଦରୁ ଉଡ଼ାଣ ପୂର୍ବରୁ ପୂର୍ବାହ୍ନରେ ଦିଲ୍ଲୀରୁ ଆସିଥିଲା। ୨୦୨୦ରେ କୋଜିକୋଡ୍ ବିମାନ ଦୁର୍ଘଟଣା ପରେ ଭାରତରେ ଏହା ହେଉଛି ସବୁଠାରୁ ବଡ଼ ଯାତ୍ରୀ ବିମାନ ଦୁର୍ଘଟଣା। ୨୦୨୦ରେ କୋଜିକୋଡରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଅବତରଣ କରିବା ବେଳେ ରନୱେ ସୀମା ଡେଇଁ ପାଚେରିରେ ମାଡ଼ ଖାଇ ଦୁଇ ଖଣ୍ଡ ହୋଇଯାଇଥିଲା। ଏଥିରେ ୨୧ ଜଣ ପ୍ରାଣ ହରାଇଥିଲେ।

### କଥା ବଡ଼ବଡ଼...

ପାଳନ ପରିବର୍ତ୍ତେ ଗତ ଏକବର୍ଷରେ ଓଡ଼ିଶା କିପରି ଦୁରାବସ୍ଥାର ସମ୍ମୁଖୀନ ହୋଇଛି ତାହାକୁ ଆଖି ଖୋଲି ଦେଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।

ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତ ଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶନ କରିଛି ବିଜେଡି। ଏହାବ୍ୟତୀତ ଗତ ଏକ ବର୍ଷରେ ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇପଡିଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଛି। ରାଜ୍ୟ ସ୍ୱାର୍ଥ ସହିତ ଜଡ଼ିତ ଥିବା ପ୍ରତିଟି ପ୍ରସଙ୍ଗ ଯଥା କେନ୍ଦ୍ରୀୟ ଅନୁଦାନରେ ହ୍ରାସ, ପୋଲାଭରମ, କୋଟିଆ, ମହାନଦୀ ଓ କୋଷ୍ଟାଲ ହାଇୱେ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ଅତ୍ୟାବଶ୍ୟକୀୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ଶ୍ରୀମନ୍ଦିରରେ ଅବ୍ୟବସ୍ଥା, ଅନୁସୂଚୀତ ଜାତି ଓ ଜନଜାତି, ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥ ପ୍ରତି ଅଣଦେଖା, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ, ଆୟୁଷ୍ମାନରୁ ଯନ୍ତ୍ରଣା ଇତ୍ୟାଦି ମୁଖ୍ୟତଃ ପ୍ଲାକାର୍ଡରେ ସ୍ଥାନ ପାଇଛି। ଗତ ଏକ ବର୍ଷର ସରକାର ଏହି ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କେବଳ ନବୀନ ସରକାରଙ୍କ ଅମଳର କାମର ନାମ ଓ ରଙ୍ଗ ପରିବର୍ତ୍ତନ କରି ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ମାତ୍ର ବାସ୍ତବିକ ତଥ୍ୟକୁ ଅନୁଶୀଳନ କଲେ ରାଜ୍ୟ ସରକାରଙ୍କ ଅପାରଗତା ଜଳଜଳ ଦିଶୁଛି ବୋଲି ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ଏଭଳି ଏକ ଅଭିନବ ପ୍ରଦର୍ଶନକୁ ସ୍ଥାନୀୟ ଲୋକମାନେ ମଧ୍ୟ ସମର୍ଥନ କରୁଥିବା ଦେଖାଯାଇଛି। ଘଟଣା ସ୍ଥଳରେ ସାଧାରଣ ଲୋକେ ଭିଡ଼ ଜମାଇବାରୁ ପୁଲିସ ବିଜେଡି ନେତାମାନଙ୍କୁ ହଟାଇବାକୁ ଚେଷ୍ଟା କରିଥିଲା। ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା।

ଏହି ଧାରଣାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ. ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ, ସୁଲତା ଦେଓ, ସୁଶାନ୍ତ ରାଉତ, ସୁଦାମ ମାର୍ଣ୍ଡି, ରମେଶ ବେହେରା, ଧ୍ରୁବଚରଣ ସାହୁ, ଶର୍ମିଷ୍ଠା ସେଠୀ, ଗୌତମବୁଦ୍ଧ ଦାସ, ସାରଦା ଜେନା, ଚନ୍ଦ୍ରଶେଖର ସାହୁ, ପ୍ରୀତିରଂଜନ ଘଡାଇ, ଭୃଗୁ ବକ୍ସିପାତ୍ର, ଡ. ଲେଖାଶ୍ରୀ ସାମନ୍ତସିଂହାର, ରୁଦ୍ର ପ୍ରତାପ ମହାରଥୀ, ମନ୍ମଥ ରାଉତରାୟଙ୍କ ସହ ବହୁ ନେତା ଅଂଶଗ୍ରହଣ କରିଥିଲେ।

### ସରକାରୀ କର୍ମଚାରୀଙ୍କୁ...

ସମୟକୁ ବାୟୋମେଟ୍ରିକ ସିଷ୍ଟମରେ ରେକର୍ଡ କରିବେ ନାହିଁ, ସେହି ଦିନଟିକୁ ଅନୁପସ୍ଥିତି ରୂପେ ବିଚାର କରାଯିବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟରେ ଅଫିସ ଆସିବା ବାଧ୍ୟତାମୂଳକ। ଯେଉଁଠାରେ କର୍ମଚାରୀଙ୍କୁ ରୋଷ୍ଟର ଡ୍ୟୁଟି ପ୍ରଦାନ କରାଯାଉଛି, ସେଠାରେ ବିଭାଗୀୟ ମୁଖ୍ୟ କର୍ମଚାରୀଙ୍କ ରୋଷ୍ଟର ଡ୍ୟୁଟି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଜାରି କରିବେ। ସେହିପରି କୌଣସି ମାସରେ ଯଦି କର୍ମଚାରୀଟିଏ ତିନିଦିନ ଧରି ୩୦ ମିନିଟ ବିଳମ୍ବରେ ଅଫିସ ଆଗମନକୁ ଗ୍ରହଣ କରାଯାଇ ପାରିବ। ଏହାପରେ ପ୍ରତି ତିନିଦିନ ୩୦ ମିନଟ ବିଳମ୍ବ ପାଇଁ ଗୋଟିଏ ଲେଖାଏଁ ଛୁଟି କଟିବ। ତେବେ ଯେଉଁ କର୍ମଚାରୀଙ୍କୁ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁଁ ବିଳମ୍ବିତ ସନ୍ଧ୍ୟା ଏପରିକି ଛୁଟି ଦିନରେ କାର୍ଯ୍ୟ କରିବାକୁ ପଡ଼ିଥାଏ; ସେମାନଙ୍କ ବିଳମ୍ବ ଆଗମନରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ।

ଅପରପକ୍ଷେ ସରକାରୀ କାର୍ଯ୍ୟାଳୟରେ ଉପସ୍ଥାନ ତଥ୍ୟ ରେକର୍ଡ ପାଇଁ ସରକାର ଏଆଇ ଏବଂ ଆରଏଫଆଇଡି ପରିଚୟ ପତ୍ର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଏହାକୁ ଅଗ୍ରାଧିକାର ଆଧାରରେ ପ୍ରଥମେ ଲୋକସେବା ଭବନ ଏବଂ ଖାରବେଳ ଭବନରେ ଲାଗୁ କରାଯିବ। ପରବର୍ତ୍ତୀ ସମୟରେ ଏହା ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗୁ କରାଯିବ।

### ଦେଶର ୧୦ ପ୍ରମୁଖ...

**୧୪ ଫେବୃଆରୀ ୧୯୯୦ ବାଙ୍ଗାଲୋର**

ଇଣ୍ଡିଆନ ଏୟାର ଲାଇନ୍ସ ରଏୟାର ବସ୍ ଏ୩୨୦ ବାଙ୍ଗାଲୋରରେ ଅବତରଣ ବେଳେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ଓ ଏଥିରେ ୯୨ ଜଣ ଯାତ୍ରୀ ଜୀବନ ହାରିଥିଲେ।

**୧୯ ଅକ୍ଟୋବର ୧୯୮୮ ଅହମ୍ମଦାବାଦ୍**

ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ୍ ୧୧୩ ଅହମ୍ମଦାମାଦରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

**୨୧ ଜୁନ୍ ୧୯୮୨, ବମ୍ବେ**

ଏୟାର ଇଣ୍ଡିଆ ଫ୍ଲାଇଟ୍ ୪୦୩ ବମ୍ବେ ବିମାନ ବନ୍ଦରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୧୭ ଜଣ ଯାତ୍ର ମୃତ୍ୟୁ ବରଣ କରିଥିଲେ।

**୧ ଜାନୁଆରୀ ୧୯୭୮, ବମ୍ବେ**

ଏୟାର ଇଣ୍ଡିଆର ବୋଇଂ ୭୪୭ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରବ ସାଗରରେ ଖସି ପଡ଼ିଥିଲା। ମୁମ୍ବାଇର ଟେକ୍ ଅପ୍ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ସବୁ ୨୧୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।


**PM SHRI SCHOOL**
**JAWAHAR NAVODAYA VIDYALAYA**
**AT/PO:TARBHA,DIST.SONEPUR,ODISHA,PIN-767016**

Ref. F.No.5-4/JNVTS(O)/2005/ Dated: 12th June, 2025

**NOTIFICATION FOR WALK-IN-INTERVIEW FOR THE POST OF MATRON**

**The** post of **Matron** will be engaged in PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha) purely on Contractual basis for the session 2025-26 to look after the Girl students in the Hostels. Eligible female Candidates are invited to attend the walk-in-interview as per the criteria and details as mentioned below.

| | | |
|---|---|---|
| 1. | Name of the Post | Matron |
| 2. | No. of post vacant | 03 (Three) |
| 3. | Educational Qualifications | Minimum Class X, however higher educational qualification may be given preference in engagement. |
| 4. | Age | Between **35** and **55** years of age as on **01.07.2025**. |
| 5. | Marital Status | Married females, which includes widows or divorcees without encumbrances. |
| 6. | Remuneration | 1. Minimum wages (for industrial workers employed in Building operations sector) for MTS unskilled. 2. Free boarding & lodging and medical facilities as available in the M.I. Room of the vidyalaya. The Matron has to reside with the girl students in the girls dormitory. |
| 7. | Method of Appointment | The post is for only female candidates and the engagement will be on purely contractual basis for a period of 10 months in a year. |
| 8. | Mode of submission of Bio-data | Through email – jnvsonepur.rect@gmail.com. Last date of submission of application : **30.06.2025**. The Bio-data should contain Name of candidate, Father/Husband Name, Date of Birth, Age, Educational Qualification with maximum marks and marks secured, Marital Status, Details of experience of working as Matron, Correspondence address with Mobile No. and Email ID etc. The Bio-data received after 30.06.2025 will not be considered. |
| 9. | Date, time and venue of walk-in-interview | The walk-in-interview will be conducted on **01.07.2025 at 11.00 A.M.** in PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha). |

The eligible candidate should attend the walk-in-interview on the above scheduled date, time and venue along with the self attested Xerox copies of educational qualification certificates, aadhar card and a passport size photograph. The attending of walk-in-interview does not confirm any candidate for selection or engagement to the said post. No T.A./D.A. will be given to the candidate by the Vidyalaya for attending the said interview.

**Sd/- PRINCIPAL**



**FORM NO. CAA 2**
**[Pursuant to Section 230(3) and rule 6 and 7)]**
**IN THE NATIONAL COMPANY LAW TRIBUNAL**
**CUTTACK BENCH, CUTTACK**
**COMPANY PETITION (CAA) NO. 4/CB/2025**
**Connected with**
**COMPANY APPLICATION (CAA) NO. 15/CB/2024**

IN THE MATTER OF:
Application under Section 230 to 232 of the Companies Act, 2013 and the Companies (Compromises, Arrangements and Amalgamations) Rules, 2016 and other relevant Rules;
AND
IN THE MATTER OF:
SCHEME OF AMALGAMATION OF
ORISSA ORDER SUPPLIERS PRIVATE LIMITED
TARINI HOUSING PRIVATE LIMITED
RAKHI CONSULTANCY & SERVICES PRIVATE LIMITED
MAA TARINI ISPAT PRIVATE LIMITED
WITH
KALINGA COMMERCIAL CORPORATION LIMITED
AND
IN THE MATTER OF:
1. ORISSA ORDER SUPPLIERS PRIVATE LIMITED
2. TARINI HOUSING PRIVATE LIMITED
3. RAKHI CONSULTANCY & SERVICES PRIVATE LIMITED
4. MAA TARINI ISPAT PRIVATE LIMITED
5. KALINGA COMMERCIAL CORPORATION LIMITED
..... Petitioners

**NOTICE OF HEARING**

Notice is hereby given that by an order dated 03rd June 2025 and corrigendum order dated 06th June 2025, the Cuttack Bench of the National Company Law Tribunal has fixed the next date of hearing on 24th July 2025, for the purpose of considering, and if thought fit, approving with or without modification, the Scheme of Amalgamation of Orissa Order Suppliers Private Limited, Tarini Housing Private Limited, Rakhi Consultancy & Services Private Limited, Maa Tarini Ispat Private Limited with Kalinga Commercial Corporation Limited.

It is hereby informed that representations, if any, in connection with the proposed compromise and/or arrangement may be made to the Tribunal no later than 7 (Seven) days before the next date of hearing of the petition. A copy of such representation should be simultaneously sent to the Counsel of the Petitioner Company at the address mentioned herein below.

In case no representation is received within the above stated period, it shall be presumed that there is no representation to make on the proposed Scheme of compromise or arrangement.

Date: 13/06/2025
Place: Bhubaneswar

**For the Petitioner Companies**
**Sd/-**
**Gopinath Nayak**
**(Counsel for Petitioner)**
**Plot No: 186, District Center, Chandrasekharpur, Bhubaneswar-751016, Odisha**



**AFFIDAVIT**

By virtue of an affidavit sworn before Executive Magistrate, Bahanaga, Balasore, dated 10.06.25, I Dhirendra Kumar Muduli, At- Daradia, Po.: Bahanaga, Ps- Khantapada, Dist.: Balasore, Odisha - 756042 declare that I have changed the name of my daughter from M. VRITEKA to ANUSHVI VRITEKA. Henceforth, she shall be known as ANUSHVI VRITEKA for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Bipinibihari Das, S/o- Shukadev Das, resident of Vill- Chandakuda (Bandhasahi), PO/PS- Dasarathpur, Dist- Jajpur, PIN- 755006, Odisha declared by this affidavit No. 309, dtd- 10/06/2025 that now onwards I shall be known as **BIPIN BIHARI DAS** for all future purposes.

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 06-06-2025. I Buti Paika, S/o- Rama Paika, residing At: Kaliaguda, Po: Nakatiguda, Ps: Papadahandi Dist: Nabarangpur, declare that I have changed my name from Bhagrati Paika, S/o- Nilakanth Paika to Buti Paika, S/o Rama Paika. Henceforth I shall be known as a **Buti Paika, S/o Rama Paika** for all purposes.

**AFFIDAVIT**

I, Kamal Agrawala, S/o- Raj Kishore Agrawala resident of Plot no- 704/22, Barik sahi, Rath road, Mausima Square, Old town,Dist-Khordha Bhubaneswar, Pin- 751002, Odisha. Declare by this affidavit no-118, dtd-12/06/2025 that now onwards I shall be known as **KAMAL KUMAR AGRAWALA** for all future purposes.

**AFFIDAVIT**

I, Sanjaya Kumar Agrawal, aged about 51 years, S/o- Jay Kumar Agrawal, resident of At- Machhapada, PO/PS- Hirakud, Dist- Sambalpur, PIN- 768016, Odisha declared by this affidavit No. 3558, dtd- 12/06/2025 that now onwards I shall be known as **SANJAY AGRAWAL** for all future purposes.

**AFFIDAVIT**

I, Paban Kumar Agrawal, aged about 64 years, S/o- Paliram Agrawal, resident of At- Mungapada, Ward No.22, PO/PS/Dist- Jharsuguda, PIN- 768201, Odisha declared by this affidavit No. 04, dtd- 12/06/2025 that now onwards I shall be known as **PAWAN KUMAR AGRAWAL** for all future purposes.

**AFFIDAVIT**

I, Ruya Satapathy D/o Manoranjan Satpathy resident of Z1 Apartment, Flat No 001, Tower No 7, Kalarahanga, Patia, PO- KIIT, PS-Infocity, Bhubaneswar, Odisha, 751024 declared by this affidavit No.45 Date 05/06/2025 that now onwards I shall be known as **RUYA SATPATHY** for all future purpose.

**AFFIDAVIT**

By virtue of an affidavit before the Executive Magistrate, Nuagada, Dist.- Gajapati, on 02.06.2025. I, Prabod Parichha, resident of Village- Bhramarpur, PO- Nuagada, PS-Seranga, Dist- Gajapati hereby declare that my daughter's correct name is Trisharani Parichha, D/o- Prabod Parichha. But her name was wrongly mentioned in Aadhaar Card as Barsarani Parichha, D/o- Prabodha Parichha. That Trisharani Parichha and Barsarani Parichha is one and the same person.
Sd/- Prabod Parichha

**AFFIDAVIT**

I, Mohammad Khalik, S/o- Nabi Rasul Ansari, resident of At- Turla, Po- Jagua, Ps- Titlagarh, Dist- Balangir, Pin-767066, Odisha declared by this affidavit No. 3747, dtd- 09/06/2025 that now onwards I shall be known as **MAHAMMAD KHALIK** for all future purposes.

# ଓଡ଼ିଶା ବାଲି ସୈରାତ ଉପରେ ବଙ୍ଗର ଲୋଲୁପ ଦୃଷ୍ଟି

ବାଲେଶ୍ୱର(ଉତ୍ତର), ୧୨।୬(ସମିସ)



ବାଲେଶ୍ୱର ଜିଲ୍ଲା ସୀମାନ୍ତ ଅଞ୍ଚଳରେ ରହିଥିବା ବିଭିନ୍ନ ବାଲି ସୈରାତ ଉପରେ ପଡ଼ୋଶୀ ପଶ୍ଚିମବଙ୍ଗର ବାଲି ମାଫିଆଙ୍କ ହାତରେ। ପ୍ରତ୍ୟେକ ଦିନ ହେଉ କି ରାତି ବେଆଇନ ଭାବେ ସୀମା ଡେଇଁ ଓଡ଼ିଶାର ମୂଲ୍ୟବାନ ଲଘୁ ଜାତ ଖଣିଜକୁ ବୋହି ନେଉଛନ୍ତି ପଶ୍ଚିମବଙ୍ଗ ବାଲି ମାଫିଆ ମାନେ।

ସୁବର୍ଣ୍ଣରେଖା ନଦୀକୁ ନେଇ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ନିର୍ଧାରଣ ପରେ ମଧ ସୀମା ଉଲ୍ଲଙ୍ଘନ କରି ପୁଣି ବାଲିଉଠା ଚାଲିଛି। ଫଳରେ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ଜଳେଶ୍ୱର ବ୍ଲକର ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ୩ ଗାଁ ଏବେ ବିପଦରେ। ଦିନ ରାତି ହଜାର ହଜାର ଟ୍ରକ ବାଲି ଭୋଗରାଇ ବ୍ଲକର ଉଦୟପୁର, ମାନକୁଣ୍ଡା, ବେଲଦା ଓ ଜଳେଶ୍ୱରର ଆମ୍ବୁଲିଅଠା, ସୋଲପଟ୍ଟା ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ପ୍ରଶାସନକୁ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ, ପ୍ରଶାସନ ଜାଣିଶୁଣି ଚୁପ ନା ଅଜଣାରେ ଚାଲାଣ ହେଉଛି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ନଦୀଗର୍ଭକୁ ଚାଲିଯାଉଛି ଜଳେଶ୍ୱର ଅଞ୍ଚଳର ବିଭିନ୍ନ ଗ୍ରାମର ସ୍ଥଳଭାଗ। ଦୀର୍ଘ ବର୍ଷ ଧରି ସୁବର୍ଣ୍ଣରେଖା ନଦୀରେ ଦୁଇ ରାଜ୍ୟ ମଧ୍ୟରେ ବାଲି ଉତ୍ତଳୋନକୁ ନେଇ ସୀମା ବିବାଦ ଲାଗି ରହିଥିଲା। ଏହାକୁ ନେଇ ଉଭୟ ପ୍ରଶାସନ ଗତ ମାସ ତଳେ ସୀମା ନିର୍ଦ୍ଧାରଣ କରି ସବୁ ବିବାଦକୁ ତୁଟାଇ ଦେଇଥିଲେ। ମାତ୍ର ସ୍ଥାନୀୟ କିଛି ମାଫିଆଙ୍କ ସାହାଯ୍ୟରେ ପୁଣି ଓଡ଼ିଶା ସୀମା ଦକ୍ଷିଣ ପ୍ରହରାଜପୁର, ଗୁଆଗଡ଼ିଆ ଅତିକ୍ରମ କରି ବାଲି ଉତ୍ତୋଳନ କରୁ ଛନ୍ତି ବଙ୍ଗୀୟ ମାଫିଆ ମାନେ। ସୀମା ନିର୍ଦ୍ଧାରଣ ପରେ ପଡୋଶୀ ପଶ୍ଚିମବଙ୍ଗକୁ ଆଉ ବାଲି ଯାଇପାରିବ ନାହିଁ ଏବଂ ଓଡ଼ିଶାର ରାଜସ୍ୱ କ୍ଷତି ହେବ ନାହିଁ ବୋଲି ସମସ୍ତେ ଖୁସି ହୋଇଥିଲେ। ହେଲେ ମାପଚୁପକୁ ଦୁଇ ମାସ ନ ପୂରୁଣୁ ଏବେ ଓଡ଼ିଶା ପଟୁ ପୁଣି ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ପଡୋଶୀ ପଶ୍ଚିମବଙ୍ଗ ସହ ଓଡ଼ିଶାର ବିଭିନ୍ନ ଜାଗାକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି।

**ପ୍ରତିଦିନ ଚାଲାଣ ହେଉଛି ହଜାର ହଜାର ଟ୍ରକ ବାଲି**

ପ୍ରତ୍ୟେକ ଦିନ ଜଳେଶ୍ୱରର ଓ ଭୋଗରାଇ ଅଞ୍ଚଳ ଦେଇ ପୁଣି ପଶ୍ଚିମବଙ୍ଗକୁ ବାଲି ଯାଉଛି। ପୁଲିସ କି ପ୍ରଶାସନ କେମିତି ଜାଣି ପାରୁନି ତାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଏହି ବେଆଇନ ବାଲି ଉତ୍ତୋଳନ ଯୋଗୁଁ ସୁବର୍ଣ୍ଣରେଖା ନଦୀକୂଳିଆ ବାସୀଙ୍କ ପାଇଁ ଆଗାମୀ ବର୍ଷା ଦିନରେ ଅନେକ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ତେଣୁ ତଟ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ ଏବଂ ଜଳେଶ୍ୱର ବିକାଶ ପରିଷଦର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ କହିଛନ୍ତି। ଅନ୍ୟପକ୍ଷରେ ବାଲି ଉତ୍ତୋଳନ ଯୋଗୁଁ ଜଳେଶ୍ୱର ବ୍ଲକର ୩ଟି ଯାକ ଗାଁ ନିକଟରେ ନଦୀଶଯ୍ୟା ପରିବର୍ତ୍ତନ ହୋଇ କୂଳ ଖାଇ ଖାଇ ଯାଉଥିଲା। ଝାଉଁ ଜଙ୍ଗଲ ସବୁ ନଦୀ ଗର୍ଭ ଚାଲି ଯାଉଥିଲା। ୨୦୦୮ ମସିହାରେ ସୁବର୍ଣ୍ଣରେଖାରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଦାଉରୁ ଏହି ୩ ଗାଁକୁ ଏଠାରେ ଥିବା ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ହିଁ ସୁରକ୍ଷା ଦେଇଥିଲା। କିନ୍ତୁ ଏବେ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀଶଯ୍ୟା ପରିବର୍ତ୍ତନ ହୋଇ କୂଳ ଖାଉଛି। ଯାହା ଫଳରେ ଏହି ୩ ଗାଁକୁ ସୁରକ୍ଷା ଦେବାକୁ ହେଲେ ବାଲି ଉତ୍ତୋଳନ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି କଂଗ୍ରେସ ନେତା ସୁରଦର୍ଶନ ଦାସ ଦାବି କରିଛନ୍ତି। ବାଲି ଉତ୍ତୋଳନକୁ ନେଇ ଜଳେଶ୍ୱରରେ ପ୍ରତ୍ୟେକ ଦିନ ଖଣି ଅଧିକାରୀ, ବାଲେଶ୍ୱର ଜିଲ୍ଲାପାଳ, ଜଳେଶ୍ୱର ତହସିଲଦାର ଓ ଆଇ ଆଇ ସି ଘଟଣା ସ୍ଥଳ ପରିଦର୍ଶନ କରୁଛନ୍ତି। ପୂର୍ବରୁ ସେ ସ୍ଥାନରେ ଅନେକ ବାଲି ଗାଡ଼ି କୁ ଜବତ କରାଯାଇଛି ଏବଂ ତାହା ଉପରେ ନଜର ମଧ ରଖା ଯାଇଛି। ଯଦି ସେ ସ୍ଥାନରେ ସେଭଳି ବେଆଇନ ଭାବରେ ବାଲି ଉତ୍ତଳୋନ କରାଯାଉଛି ତାହାଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଗତ ଦୁଇ ସପ୍ତାହ ଧରି ଦିନ ରାତି ବେଆଇନ ବାଲି ଉତ୍ତଳୋନ କରାଯାଉଥିବା ବେଳେ ପୁଲିସ କି ପ୍ରଶାସନ ଜାଣି ପାରୁ ନାହିଁ କି ଜାଣି ଶୁଣି ଚୁପ ରହୁଛନ୍ତି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ




ନୀଳଗିରି, ୧୨।୬ (ସମିସ): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ଠାରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂତନ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ( ସହରୀ) - ୨.୦ର କାର୍ଯ୍ୟାଦେଶ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି, ନୀଳଗିରି ଏନଏସି ଭାରାପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ସମାରୋହରେ ବିଧାୟକ ଶ୍ରୀ ଖଟୁଆ ୧୪୨ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀ ବିଭିନ୍ନ ୱାର୍ଡର କାଉନସିଲର ସଦସ୍ୟ ମାନେ, ବିଭାଗୀୟ କର୍ମକର୍ତ୍ତା ସାମ୍ବାଦିକ ବନ୍ଧୁ ଉପସ୍ଥିତ ଥିଲେ।

## ଶିଳ୍ପୀ ମନିଷା ଦାସଙ୍କ ସ୍ମୃତିସଭା

ବାଲେଶ୍ୱର, ୧୨।୬(ସମିସ): ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଶିଳ୍ପୀ ମନିଷା ଦାସଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କଳା କ୍ଷେତ୍ରର ଅଧକ୍ଷ ନିକୁଞ୍ଜ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ସ୍ୱର୍ଗତା ମନିଷା ଦାସଙ୍କ ଶିକ୍ଷା ଜୀବନର ଅଧ୍ୟୟନ ଓ ଚିତ୍ର କରିବାର ଶୈଳୀ ଉପରେ ଅଧକ୍ଷ ଶ୍ରୀ ଦାସ ଆଲୋକପାତ କରିଥଲେ। ଅଧାପକ ଅଜିତ କୁମାର ଜେନା ମନିଷାର ଆଚାର ବ୍ୟବହାର, ଅଧାପକ ମାନଙ୍କ ପ୍ରତି ସମ୍ମାନ ଓ ଚିତ୍ର ଶିକ୍ଷା ପ୍ରତି ଆବେଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସେହିଭଳି ଅଧାପକ ଦୈତାରି ବେହେରା ସ୍ୱର୍ଗତା ମନିଷାର ସାଙ୍ଗ ଭାବେ ପାଞ୍ଚ ବର୍ଷ ଶିକ୍ଷା ବେଳର ଯେଉଁ ଆତ୍ମୀୟତା ଓ ଚିତ୍ର ପ୍ରତି ଥିବା ଦୁର୍ବଳତା ସମ୍ବନ୍ଧରେ ବର୍ଣ୍ଣନା କରିଥଲେ। ଶେଷରେ ଅଧାପକ ପର୍ଶୁରାମ ପଣ୍ଡା ଶିଳ୍ପୀ ମନିଷା ଦାସଙ୍କ ବିୟୋଗ ମହାବିଦ୍ୟାଳୟ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଆଲମନି ସଦସ୍ୟ ରଘୁନାଥ ଜେନା, ଆର୍ଯ୍ୟ ପ୍ରଜ୍ଞା ବାସବ ଦତ୍ତା, ଅବନିନ୍ଦ୍ର କର, ଶୁଭମ୍ ନାୟକ, ଅର୍ଚ୍ଚନା ଜେନା, ମୋନାଲିସା ରଣା ପ୍ରମୁଖ ସ୍ୱର୍ଗତା ମନିଷା ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପୁର୍ବକ ସ୍ମୃତି ଚାରଣ କରିଥଲେ।




## ସମାଜସେବୀ ଲକ୍ଷ୍ମୀଧର ପଲେଇଙ୍କ ପରଲୋକ



ଖଇରା, ୧୨।୬(ସମିସ): ସରଳ ନିଷ୍କପଟ ଦରଦୀ ହୃଦୟର ମଣିଷ ସମାଜସେବୀ ଲକ୍ଷ୍ମୀଧର ପଲେଇ (୬୯) ଆଉ ନାହାଁନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତରା ଗ୍ରାମର ଲକ୍ଷ୍ମୀଧର ପଲେଇ ଦୀର୍ଘ ଏକ ବର୍ଷ ହେଲା କିଡ୍‌ନୀ ଜନିତ ରୋଗ ରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ବିଭିନ୍ନ ମେଡ଼ିକାଲ ରେ ଚିକିତ୍ସା କରାଇ ଶେଷ ରେ ଭୁବନେଶ୍ୱର ଏମ୍‌ସରୁ ଗତ ୫ ତାରିଖରେ ଡାକ୍ତର ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଆଜି ଦିନ ୧୨.୪୬ରେ ନିଜ ବାସ ଭବନରେ ସ୍ୱର୍ଗତ ପଲେଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ ପଲେଇ ଅନ୍ତରା ବଜାର ଗଠନ, ବଜାର ଲକ୍ଷ୍ମୀ ପୂଜା ଓ ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ସମୟରେ ବଡ଼ଭାଇ ନାରାୟଣ ପଲେଇ, ବଡ ଜ୍ୱାଇଁ ଅଶୋକ ପ୍ରଧାନ, ସାନ ଜ୍ୱାଇଁ କୃଷ୍ଣଚନ୍ଦ୍ର ପତି, କନ୍ୟା ରଞ୍ଜିତ ପଲେଇ, ସଞ୍ଜୁ ଲତା ପଲେଇ, ପୁତ୍ର ବଧୂ ପ୍ରୀତି ଲତା ପଲେଇ, ପୁତ୍ର ଉମାକାନ୍ତ ପଲେଇ ସମେତ ବନ୍ଧୁ ବାନ୍ଧବ ପରିବାରବର୍ଗ ପୌତ୍ର ପୌତ୍ରୀ ଉପସ୍ଥିତ ଥିଲେ। ସନ୍ଧ୍ୟା ରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଶ୍ୟାମ ସୁନ୍ଦର ପଲେଇ ମୁଖାଗ୍ନି ଦେଇଥିଲେ। ଆଖ ପାଖ ଅଞ୍ଚଳ ର ଗ୍ରାମବାସୀ ବ୍ୟବସାୟୀ ସଂଘ କର୍ମ କର୍ତ୍ତା ଓ ସଦ୍ୟ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ତାଙ୍କୁ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା ସ୍ୱର୍ଗତ ପଲେଇଙ୍କ ବିୟୋଗରେ ଶୋକ ବାର୍ତ୍ତା ଜଣାଇଛନ୍ତି।

## ଜଳଦା ଓ ଡଗରପଡ଼ାରେ କୃଷି ସଂକଳ୍ପ ଅଭିଯାନ




ଖଇରା, ୧୨।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ଜଳଦା ଓ ଡଗରପଡ଼ା ପଞ୍ଚାୟତରେ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ପୂର୍ବାହ୍ନରେ ଜଳଦା ସରପଞ୍ଚ ଗୀତାଞ୍ଜଳି ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ରମାକାନ୍ତ ମହାନ୍ତି, କୃଷି ବୈଜ୍ଞାନିକ ଡ. ଓମପ୍ରକାଶ ବର୍ମା ଓ ଡ. ଅନିତାରାଣୀ ପାତ୍ର, ଖଇରା ବ୍ଲକ ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ସାହୁ, କ୍ଷେତ୍ର ପରିଚାଳକ ଲକ୍ଷ୍ମୀକାନ୍ତ ମୁର୍ମୁ, ସାଗର ମିତ୍ର ସୁପ୍ରିତୀ ନାୟକ ପ୍ରମୁଖ ଅଧିକାରୀ ଜୈବିକ ପଦ୍ଧତିରେ ଚାଷ କରିବା, ଗୃହିଣୀ ମାନେ ନିଜ ପରିବାରର ଆବଶ୍ୟକତା ମେଣ୍ଟାଇବାକୁ ନିଜ ବାଡିରେ ନିଜ ସାମର୍ଥ୍ୟ ଭିତରେ ପରିବା ଚାଷ ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ଅପରାହ୍ନରେ ଡଗରପଡ଼ା ହରିହାଟ ଠାରେ ସରପଞ୍ଚ ରତ୍ନାକର ଦଳେଇଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମିତିସଭ୍ୟ ବିମ୍ବାଧର ଦଳେଇଙ୍କ ସମେତ କୃଷି ବୈଜ୍ଞାନିକ ମାନେ ଯୋଗଦେଇ ପାରମ୍ପରିକ ଚାଷ ସହିତ ସମ୍ୟକ ପରିମାଣର ଅତ୍ୟାଧୁନିଜ୍ଞାନ କୌଶଳ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖଇରା କୃଷି ପରାମର୍ଶ କେନ୍ଦ୍ର ଅଧିନସ୍ଥ କାର୍ଯ୍ୟରତ କର୍ମଚାରୀ, ବିଜୟ ଦାସ, ଶୁଭ୍ରଜିତ ଷଡଙ୍ଗୀ, କମଳଲୋଚନ ବିଶ୍ୱାଳ, ରଞ୍ଜିତା ବେହେରା, ସଞ୍ଜିବ ଜେନା, ସସ୍ମିତା ଜେନା, ଧନଞ୍ଜୟ ମହାନ୍ତି, ରୁଦ୍ର ନାରାୟଣ ମଲ୍ଲିକ, ଦିନକୃଷ୍ଣ ପରିଡ଼ା, ଜୀବନଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦେହଜୀବୀ ଦଲାଲଙ୍କ ଆକ୍ରମଣରେ ଜଣେ ଗୁରୁତର

ଭୋଗରାଇ, ୧୨।୬ (ସମିସ): ବାଲେଶ୍ୱର ଜିଲ୍ଲା ତାଳସାରି ସାମୁଦ୍ରିକ ଥାନା ଅନ୍ତର୍ଗତ ସାହାବାଜିପୁର ଗାଁରେ ଦେହଜୀବି ଦଲାଲଙ୍କ ଆକ୍ରମଣରେ ବୁଧବାର ରାତିରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଲୁଟର ଶିକାର ହୋଇଥିବା ବେଳେ ଜଳେଶ୍ୱର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଗୁରୁବାର ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣା ପଡ଼ିଛି। ଆକ୍ରମଣ ଓ ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ସାହାବାଜିପୁର ଗାଁର ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ପୁଅ ହରେକୃଷ୍ଣ ପ୍ରଧାନ(୫୭)। ଅଭିଯୋଗ ମୁତାବକ, ହରେକୃଷ୍ଣ ପ୍ରଧାନ ସାହାବାଜିପୁର ଗାଁରେ ଲୋକଙ୍କ ଘରକୁ କେବୁଲ ତାର ଓ ଇଣ୍ଟରନେଟ ସେବା ଯୋଗାଇ ଦେଇ ପରିବାର ପ୍ରତିପୋଷଣ କରନ୍ତି। ସେହି ଗ୍ରାମରେ ନିତ୍ୟ ଗୋପାଳ ସାମଲ(୪୫), ଗୌର ଗୋପାଳ ସାମଲ(୩୧)ଓ ଅନ୍ୟ ମାନେ ବଙ୍ଗୀୟ ରୂପଜୀବୀ ଯୁବତୀ ଓ ମହିଳା ମାନଙ୍କୁ ନିଜ ଘରେ ରଖି ଅନୈତିକ ଦେହ ବ୍ୟବସାୟ କରିବା ସହିତ ତାଳସାରି, ଉଦୟପୁର ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ରୂପଜିବୀ ଯୁବତୀ ଓ ମହିଳା ମାନଙ୍କ ଫୋଟ ଚିତ୍ର ଦେଖାଇ ଯୌନ କାରବାର ଚଳାଇ ଆସୁଥିଲେ। ଏ ନେଇ ପ୍ରଶାସନର ଦୃଷ୍ଟି ଗୋଚରାର୍ଥେ ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଗାଁରେ ଜନ ସଚେତନ କରାଯାଇ ଗାଁରେ ରୂପଜୀବୀ ଯୁବତୀ ଓ ମହିଳା ମାନଙ୍କୁ ଗାଁ ଛାଡ଼ି ଚାଲିଯିବାକୁ ଘୋଷଣା କରାଯାଇଥିଲା। ପରେ ତାଳସାରି ସାମୁଦ୍ରିକ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୧୦ ଦେହଜୀବୀଙ୍କ ସମେତ ୬ଦଲାଲ ଓ ୩ ଜଣ ଗ୍ରାହକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ନିତ୍ୟ ଗୋପାଳ ସାମଲ ବୁଧବାର ରାତି ପ୍ରାୟ ୮ଟା ୩୦ମିନିଟ ସମୟରେ ହରେକୃଷ୍ଣ କେବୁଲ ଓ ଇଣ୍ଟରନେଟ ସେବା ଗ୍ରାହକ ମାନଙ୍କ ଠାରୁ ଟଙ୍କା ଆଦାୟ କରି ଘରକୁ ଫେରୁଥିବା ସମୟରେ ସାହାବାଜିପୁର ଗାଁର ବରିଷ୍ଠ ବ୍ୟକ୍ତି ସୁବଳ ସାମଲ ଅସୁସ୍ଥ ହୋଇ ପଡ଼ିଥିବା ଖବର ପାଇ ଦେଖିବାକୁ ତାଙ୍କ ଘରକୁ ଯାଇଥିଲେ। ତାଙ୍କ ଘରେ ପୂର୍ବରୁ ନିତ୍ୟ ଗୋପାଳ ସାମଲ ଉପସ୍ଥିତ ଥିବା ବେଳେ ହରେକୃଷ୍ଣଙ୍କୁ ଦେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇ ଅତର୍କିତ ଭାବେ ପଛପଟୁ ମୁଣ୍ଡରେ ଏକ ଠେଙ୍ଗା ପାହାର ପିଟିଦେଇ ଥିଲେ। ହରେକୃଷ୍ଣ ବୁଲି ପଡ଼ିବ ସଙ୍ଗେ ସଙ୍ଗେ ତାଙ୍କ ଗଳାକୁ ଚିପି ଧରି ଛାତିରେ ବିଧା ମାରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଗଳା କାମୁଡ଼ି ଦେବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ନିତ୍ୟ ଗୋପାଳର ମାଆ ଆରତୀ ସାମଲ ଓ ଅନ୍ୟ ମହିଳା ଏବଂ ପୁରୁଷ ମାନେ ତାଙ୍କୁ ଉଦ୍ଧାର କରି ଘରକୁ ପଠାଇ ଦେବା ପରେ ନିତ୍ୟ ଗୋପାଳ ପୁଣି ଗୋଡ଼ାଇ ଆସି ରାସ୍ତାରେ ତାଙ୍କୁ ଘୋଷାଡ଼ି ନେଇ କଚାଡ଼ି ମାରିଥିଲେ। ଫଳରେ ଘଟଣାସ୍ଥଳରେ ହରେକୃଷ୍ଣ ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବା ପରେ ନିତ୍ୟ ଗୋପାଳ ତାଙ୍କର ମୋବାଇଲ, ୭୫ ହଜାର ଟଙ୍କା, ଏଟିଏମ କାର୍ଡ, ପାନ କାର୍ଡ, ଆଧାର କାର୍ଡ ଓ ମୋବାଇଲ ଫୋନ ଆଦି ଲୁଟ କରି ନେଇ ପଳାଇଥିଲେ। ଗାଁ ଲୋକେ ଚେତାଶୂନ୍ୟ ଅବସ୍ଥାରେ ହରେକୃଷ୍ଣଙ୍କୁ ଉଦ୍ଧାର କରି ଜଳେଶ୍ୱର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରିଥିଲେ। ଚିକିତ୍ସିତ ହୋଇ ହରେକୃଷ୍ଣ ଘରକୁ ଫେରିବା ପରେ ଗୁରୁବାର ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ କରୁଥିବା ଜଣା ପଡ଼ିଛି।

## ପଞ୍ଚୁପାଲିରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରର ଶୁଭାରମ୍ଭ

ବାଲିଆପାଳ, ୧୨।୬ (ସମିସ): ଏହି ବ୍ଲକ ପଞ୍ଚୁପାଲିସ୍ଥିତ ମୁଖ୍ୟ ବଜାର ନିକଟରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରର ଉଦଘାଟନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁପାଲି ସରକାରୀ ଆୟୁର୍ବେଦିକ ଦାତବ୍ୟ ଚିକିତ୍ସାଳୟର ଡାକ୍ତର ସୁଶ୍ରୀ ପୂଜା ହୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଡାକ୍ତର ପୁରୁଷୋତ୍ତମ ସି, ହରପ୍ରସାଦ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ପଣ୍ଡା, ସରପଞ୍ଚ ଦିଲ୍ଲୀପ କୁମାର ଗିରି, ସମିତି ସଦସ୍ୟଙ୍କ ପ୍ରତିନିଧି ଗୋପାଳ ଦାସ, ବଙ୍କିମ ଗିରି, ତ୍ରିଗିଷ୍ଟ ରଞ୍ଜନ କୁମାର ଗିରି ପ୍ରମୁଖ ଯୋଗଦେଇ ଏହି ଜନଔଷଧି କେନ୍ଦ୍ରର ଉପାଦେୟତା ବିଷୟରେ ବିଶେଷ ଆଲୋକପାତ କରିଥିଲେ। କେନ୍ଦ୍ରର ମୁଖ୍ୟ ଜ୍ୟୋତ୍ସ୍ନାରାଣୀ ପରିଡ଼ାଙ୍କ ପରିଚାଳନା ରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ପ୍ରିୟରଞ୍ଜନ ପଟ୍ଟାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ

ନୀଳଗିରି, ୧୨।୬ (ସମିସ): ନୀଳଗିରି ଉପଖଣ୍ଡ ଆଧିନ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ ରାସ୍ତାର ବିଦୁ ବଜାରରେ ପ୍ରଶାସନ ଦ୍ୱାରା ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନ ଘର ସବୁ ଭଙ୍ଗା ଯାଇଥିଲା। ଗୁରୁବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଦୁ ବଜାର ଗସ୍ତ କରି ରାସ୍ତା ସମ୍ପ୍ରସାରଣ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ମାନଙ୍କୁ ଭେଟିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ମାନଙ୍କ ପାଇଁ ସାଂସଦଙ୍କ ପ୍ରଚେଷ୍ଟାରେ ୧ କୋଟି ୫୦ ଲକ୍ଷ ଟଙ୍କା ଆରଏମ୍‌ସି ଦ୍ୱାରା ମଞ୍ଜୁର ହୋଇଛି। ଏହି ଟଙ୍କାରେ ଆର.ଏମ୍.ସି ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଯାଉଅଛି। ଏହି କମ୍ପ୍ଲେକ୍ସରେ ଦୋକାନ ଘର, କୃଷି ଜନିତ ମାର୍କେଟ, ଶୌଚାଳୟ, ପାନୀୟ ଜଳ ଇତ୍ୟାଦିର ବ୍ୟବସ୍ଥା ରହିବ। ଏହା ଦ୍ୱାରା ବିଦୁ ବଜାର ଦୋକାନୀ ଭାଇ ମାନେ ରୋଜଗାରକ୍ଷମ ହେବା ସହିତ ବିଦୁ ବଜାର ମଧ ବିକାଶ ହୋଇପାରିବ।

# ବିଭିନ୍ନ ସ୍ଥାନରେ ଗଡ଼ିଲା ବିକାଶ ରଥ






ଭୋଗରାଇ, ୧୨।୬ (ସମିସ)

ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ରଥ ଗଡ଼ିଛି। ବିଜେପି ନେତୃତ୍ୱାଧୀନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ସଫଳତାକୁ ନେଇ ରାଜ୍ୟବ୍ୟାପି ଏହି ରଥ ବୁଲୁଥିଲା ବେଳେ ଆଜି ବ୍ଲକ ପରିସରରେ ଭୋଗରାଇ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟ କୁମାର ନାୟକ ଏହି ରଥ ଶୁଭାରମ୍ଭ କରିଥିଲେ। ରାଜ୍ୟ ସ୍ତରରେ ଏହି ରଥକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଭାସି ମାଧମରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା, ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ଗୌରାଙ୍ଗ ସାମଲ, ଏ ପି ଓ ଜଗବନ୍ଧୁ ବେହେରା, ଜି ପି ଡି ଓ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ, ଅଧକ୍ଷ ପ୍ରବୀର ଗିରି, କୁମ୍ଭୀରମୁଳି ସଦସ୍ୟ ଆଶିଷ ପାତ୍ର, ବିଜେପି ନେତା ଅଂଶୁମାନ ମହାନ୍ତି, ବନମାଳୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲା ବେଳେ ସେଠାରେ ସରପଞ୍ଚ ମାନେ ଏହାକୁ ସ୍ୱାଗତ କରିଥିଲେ।

**ସିମୁଳିଆ :** ସିମୁଳିଆ ବ୍ଲକ ପରିସରରେ ବିକାଶ ରଥ ଗଡ଼ିଛି। ବିକାଶ ରଥକୁ ପଞ୍ଚାୟତ ସମିତିର ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ, ସିମୁଳିଆ ବିଡ଼ିଓ ଗୋପୀନାଥ ଖାଖା ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲା ବେଳେ ବ୍ଲକ ରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଥିଲେ।

**ଜଳେଶ୍ୱର ବ୍ଲକ :** ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଆଜି ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଫିତା କାଟି ବିକାଶ ବାହାନ ଗଡ଼ାଇ ଥିଲେ। ଏହି ରଥ ନଛିମପୁର ଗ୍ରାମ ପଞ୍ଚାୟତରେ ପହଞ୍ଚି ଥିଲା ସେଠାରେ ସରପଞ୍ଚ ରାଜେଶ୍ ଜେନା ଓ ସମିତି ସଭ୍ୟ ବ୍ରଜ ମୋହନ ପ୍ରଧାନ ରଥକୁ ପାଛୋଟି ନେଇଥିଲେ ଓ ଗ୍ରାମ ପଞ୍ଚାୟତର ଅନ୍ତୋଦୟ ଗୃହ ଯୋଜନାରେ ୪ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହର କାର୍ଯ୍ୟଦେଶ ସାଙ୍ଗକୁ ୨ ଜଣକୁ ଭତ୍ତା, ୨ ଜଣକୁ ନୂଆଁ ରାସନ କାର୍ଡ, ଜବ୍ କାର୍ଡ, ଶ୍ରମିକ କାର୍ଡ ବଣ୍ଟନ କରାଯାଇ ଥିଲା। ସେହିପରି ଗୋବରଘାଟା ଗ୍ରାମ ପଞ୍ଚାୟତର ସରପଞ୍ଚ ମିନତୀ କର, ପିଇଓ ଅଞ୍ଜନ କୁମାର ଗୋଛାୟତ, ବିଶ୍ୱାସରୁପ୍ ଦାସ, ପ୍ରମୁଖ ଉପସ୍ଥିତ ରହି ୫ଜଣ ହିତାଧିକାରୀଙ୍କୁ ଗୃହର କାର୍ଯ୍ୟାଦେଶ ଲେବର କାର୍ଡ, ଓ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ଅନୁପ ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜଣକୁ ଗୃହ, ଜବ କାର୍ଡ, ଲେବର କାର୍ଡ ବଣ୍ଟନ କରାଯାଇ ଥିଲା। ପରେ ରାଜପୁର ଗ୍ରାମ ପଞ୍ଚାୟତରରେ ବିକାଶ ବାହାନ ପହଞ୍ଚି ଥିଲା। ସେଠାରେ ତପନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଦିଲ୍ଲିପ ପରିଡ଼ା, ପୂର୍ଣ୍ଣାଜଳୀ ମହାନା ଉପସ୍ଥତ ରହି ଥିଲେ। ଜଳେଶ୍ୱର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସମସ୍ତ ଗ୍ରାମ ପଞ୍ଚାୟତରେ ନୂଆ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହିତ ବିକଳାଙ୍ଗ ମାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ।




**ଖଇରା :** ଖଇରା ବ୍ଲକ ପରିସରରେ ବିକାଶ ରଥକୁ ବିଡିଓ ନାରାୟଣ ସାହୁ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ବ୍ୟତିତ ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାସ, ସିଡିପିଓ ଉର୍ମିଳା ବେହେରା, ଆକାଉଣ୍ଟାଣ୍ଟ ରୁଦ୍ରମାଧବ ବେହେରା, ସିପି ଶଶିକାନ୍ତ ଦାସ, ଜିପିଓ ଅଶୋକ ପାତ୍ର, ସାମା।ଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ ଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଏହି ବିକାଶ ବାହନ ରଥ ପଳସା, ଗୋଳିହା ଓ ନହଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଯୋଜନା ସମ୍ପର୍କରେ ଭିଡିଓଗ୍ରାଫି ମାଧମରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନଙ୍କୁ ନିର୍ବାହୀ ଅଧିକାରୀ ମାନଙ୍କ ଜରିଆରେ ଆୟୁଷ୍ମାନ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ଜବକାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକର ୩୭ ପଞ୍ଚାୟତ କାର୍ଯ୍ୟାଳୟକୁ ରଥ ଗଡ଼ିବ।

# ୫୦% ଯାତ୍ରା ରିଆତି ପାଇଁ ଛାତ୍ର କଂଗ୍ରେସର ଦାବିପତ୍ର

କେନ୍ଦୁଝର, ୧୨।୬ (ସମିସ):

କେନ୍ଦୁଝର ଜିଲ୍ଲା ଛାତ୍ର କଂଗ୍ରେସ କମିଟି ସଭାପତି ଶୁଭମ ରାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରୀ ସାର୍ବଜନୀନ ପରିବହନରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ସୁବିଧା ଯୋଗାଇ ଦେବାକୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଗ୍ରାମାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ପୃଷ୍ଠଭୂମିର ଅନେକ ଛାତ୍ରଛାତ୍ରୀ ଏହାଦ୍ୱାରା ସୁବିଧା ପାଇପାରିବେ। ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟକ୍ତିଗତ ପରିବହନ ସେବାରେ ୫୦% ରିଆତି ଏବଂ ଯେଉଁ ଅଞ୍ଚଳରେ ସରକାରୀ ପରିବହନ ଉପଲବ୍ଧ ନାହିଁ କିମ୍ବା ପର୍ଯ୍ୟାପ୍ତ ନୁହେଁ, ସେଠାରେ



ଛାତ୍ରଛାତ୍ରୀମାନେ ବୈଧ ପରିଚୟପତ୍ର ଉପସ୍ଥାପନ କରିବା ପରେ ଘରୋଇ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୫୦% ଭଡ଼ା ରିଆତିକୁ ବାଧ୍ୟତାମୂଳକ କରାଯାଉ ବୋଲି ଉଲ୍ଲେଖ ରହିଛି। ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ସଂଗ୍ରାମ ଦାସ, କଂଗ୍ରେସ ଉପସଭାନେତ୍ରୀ ସଂଗୀତା ସିଂହ, ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ନିର୍ମଳଚନ୍ଦ୍ର ନାୟକ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ରତ୍ନାକର ଜେନା, ଦିଲ୍ଲୀପ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅମିତ ରାଉତ, ମାନସ ବେହେରା, ସଂଗ୍ରାମ ବେହେରା, ଅଭିନାଶ ଓଝା, ଅଭିଷେକ ମିଶ୍ର, ସ୍ୱାଧୀନ ମହାରଣା, ଆକାଶ ବେହେରା, ସୌମ୍ୟରଞ୍ଜନ ପଲେଇ, ପିଣ୍ଟୁ ମହାନ୍ତ, ସରୋଜ ମହାନା, ଅମନ ଗୋସ୍ୱାମୀ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଓ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

କେନ୍ଦୁଝର,୧୨।୬ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀକୁ ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ସହ କ୍ରୀଡ଼ାକେନ୍ଦ୍ର ଭାବେ କେନ୍ଦୁଝର ଜିଲ୍ଲାକୁ



ବିକଶିତ କରାଯିବ। ରାଙ୍କିଠାରେ ଏକ ସମନ୍ୱିତ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଚାଲିଛି। ସେହିପରି ରାଇସୁଆଁକୁ ୨-ବି ବର୍ଗର ଏୟାରଷ୍ଟ୍ରିପରେ ପରିଣତ କରାଯିବ ଏବଂ ଏଥିପାଇଁ ରାଜ୍ୟ ସରକାର ୧୦୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ବିଧାୟକ ଅଖିଳଚନ୍ଦ୍ର ନାଏକ, ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଆଇଏଏସ ପ୍ରୋବେସନର ପବନ କୁମାର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ସହ ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୭୨ଟି ଷ୍ଟଲ ଖୋଲାଯାଇଛି।

## କୋଇଡ଼ା ଲୌହ ଖଣି ଜେବିପିଆର, ଭଞ୍ଜକୁସୁମ ମାଙ୍ଗାନିଜ ଖଣି ଜିତେନ୍ଦ୍ର ଖୁସୱା ହାତରେ

ଯୋଡ଼ା, ୧୨।୬(ସମିସ): ବୁଧବାର ନିଲାମ ହୋଇଥିବା ଦୁଇଟି ଖଣିକୁ ଜେବିପିଆର ଇଂଜିନିୟରିଙ୍ଗ ଲିମିଟେଡ ଓ ଜିତେନ୍ଦ୍ର ଖୁସୱା ହାତେଇଛନ୍ତି। କୋଇଡା ଲୌହଖଣିକୁ ଜେବିପିଆର ୯୨.୫୭ରେ ନିଲାମ ଧରିଥିବାବେଳେ ଭଞ୍ଜକୁସୁମ ମାଙ୍ଗାନିଜ ଖଣିକୁ ୧୭୨ ପ୍ରତିଶତରେ ଜିତେନ୍ଦ୍ର ନିଲାମ ଧରି ଖଣିଟିକୁ ନିଜ ଅକ୍ତିଆରରେ କରିପାରିଛନ୍ତି। କୋଇଡା ଲୌହଖଣିଟି ପୂର୍ବରୁ ଏସେଏଲ ମାଇନିଙ୍ଗ ଅଧୀନରେ ଥିବାବେଳେ ଏହାର ଲିଜଅବଧି ସରିଯାଇଛି। ଏହିଖଣିଟି ୯୦. ୧୪୩ ହେକ୍ଟର ପରିମିତ। ୬୨.୮୩ ପ୍ରତିଶତ ଲୌହ ଅଂଶ ଥିବା ଜଣାପଡ଼ିଛି। ଏହି ଖଣିଟିରେ ୪୮.୦୨୮ ନିୟୁତ ମେଟ୍ରିକ ଟନ ଲୁହାପଥର ଗଚ୍ଛିତ ଥିବା ଜଣାପଡ଼ିଛି। ଏହି ଖଣିର ନିଲାମ ଦୌଡ଼ରେ କଲ୍ୟାଣ ଷ୍ଟିଲ ଲିମିଟେଡ଼, ଓଡିଶା ମେଟାଲିକ୍ସ, ଶ୍ୟାମ ଓରସ, ରୁଙ୍ଗଟା ସନସ, ଜେଏସଡବ୍ଲୁ ଜିନ୍ଦଲ ଷ୍ଟିଲ, ଭିପିଆର ମାଇନିଙ୍ଗ, ଜିଭିପିଆର ଇଞ୍ଜିନିୟରିଙ୍ଗ ଏବଂ ଶ୍ରୀନିବାସ ସାହୁ ପ୍ରମୁଖ ରହିଥିଲେ। ସେହିପରି ଭଞ୍ଜ କୁସୁମ ମାଙ୍ଗାନିଜ ଖଣିଟିକୁ ୧୭୨ ପ୍ରତିଶତ ନିଲାମୀରେ ଜିତେନ୍ଦ୍ର ଖୁସୱା ହାତେଇଛନ୍ତି। ନିଲାମ ପ୍ରକ୍ରିୟାରେ ଲାଲ ମିନେରାଲ, ଜିଡି ମାଇନିଙ୍ଗ, ସାଇ ରିଜନାନ୍ସ, ବେଦାନ୍ତ ଏବଂ ଜିତେନ୍ଦ୍ର ଖୁସୱା ଭାଗ ନେଇଥିଲେ। ଏହି ଖଣିଟି ୮ ହେକ୍ଟର ପରିମିତ ଥିବା ବେଳେ ମାତ୍ର ୯୭ ହଜାର ମେଟ୍ରିକ ଟନ ମାଙ୍ଗାନିଜ ଗଚ୍ଛିତ ଥିବା ଜଣାପଡ଼ିଛି।

## ୨୫ କେଜି ଗଞ୍ଜେଇ ଜବତ; ୪ ଗିରଫ

କେନ୍ଦୁଝର,୧୨।୬(ସମିସ): ସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ଫାଣ୍ଡି ପୁଲିସ ଶୁଆକାଟି ଛକ ନିକଟରେ ଚଢଉ କରି ୨୫ କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରୁଗୁଡି ଗ୍ରାମର ରାଜେଶ ବାରିକ(୩୫), ଶୁଆକାଟି ଗ୍ରାମର ସଞ୍ଜୟ ସାହୁ(୩୫), ସୁନୀଲ ଟୁଡୁ(୨୯) ଓ ପଦ୍ମପୁର ଗ୍ରାମର ବାପି ସାହୁ(୪୦)। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଦୁଇଜଣ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଦୁଇଜଣ ଗ୍ରହଣକାରୀ ଥିବା ଜଣାପଡିଛି। ସଦର ଥାନା ଏସଆଇ ସୂର୍ଯ୍ୟନାରାୟଣ ରାଉତରାୟ, ଶୁଆକାଟି ଫାଣ୍ଡି ଅଧିକାରୀ ସୁରିନାରାୟଣ ପାତ୍ର ଚଢ଼ଉରେ ସାମିଲ ଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସରେ ପଥପ୍ରାନ୍ତ ନାଟକ, ନଗର ପରିକ୍ରମା

କେନ୍ଦୁଝର, ୧୨।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଇନଜୀବୀ ରବିନ୍ଦ୍ର କୁମାର ସେଠୀଙ୍କ ନିର୍ଦ୍ଦେଶିତ ଓ ଅକ୍ଷୟ କୁମାର ଚକ୍ରଙ୍କ ରଚିତ କ୍ଷୁଦ୍ର ପଥପ୍ରାନ୍ତ ନାଟକ 'ଦେଶ ଭବିଷ୍ୟ' ପରିବେଷଣ କରାଯାଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ସହଯୋଗ କରିଥିଲା ବେଳେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ଦାୟିତ୍ୱ ନେଇଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋଇ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିଭୂତି ଭୂଷଣ ଦାସ, ସାମ୍ବାଦିକ ସତ୍ୟଜିତ ମିଶ୍ର, ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ତଥା ଏଡିଜେ ବିଜୟ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, ଆରକ୍ଷୀ




ପରିଦର୍ଶକ ଦେବକୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସକାଳ ୭ରେ ପ୍ରାଧିକରଣ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ, ସାଧାରଣ ନାଗରିକ, ବାର ଆଇନଜୀବୀ ତଥା ପ୍ରାଧିକରଣ ସଦସ୍ୟଙ୍କ ଦ୍ୱାରା ପଦଯାତ୍ରା ଆରମ୍ଭ ହୋଇଥିଲା। ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକସଂପର୍କ ବିଭାଗ, ଶ୍ରମ ବିଭାଗ, ଆରକ୍ଷୀ ବିଭାଗ, ବାର ଓ କୋର୍ଟ କର୍ମକର୍ତ୍ତା ସହଯୋଗ କରିଥିଲେ।

■ ଅବକାରୀ-ପୁଲିସ ଚଢ଼ଉ

## ବିପୁଳ ପୋଚ ସହ ମଦ ଜବତ

ବାଲିବନ୍ଧ,୧୨।୬ (ସମିସ): ଝୁମ୍ପୁରା ଅବକାରୀ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଏବଂ ପୁଲିସ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇଛି। ଝୁମ୍ପୁରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ତନୁକିଶୋର ପାତ୍ର, ଚମ୍ପୁଆ ଅବକାରୀ ଥାନା ଓଆଇସି ବିଜୟ କୁମାର ମହାନ୍ତଙ୍କ ସମେତ କର୍ମଚାରୀ, ଝୁମ୍ପୁରା ଥାନା ସବଇନ୍ସପେକ୍ଟର ବୁଦ୍ଧଦେବ ଓରାମ ଏବଂ କର୍ମଚାରୀ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଝୁମ୍ପୁରା



ପଞ୍ଚାୟତର ଶ୍ରୀରାମପୁର ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨ କୁଇଣ୍ଟାଲ ୮ ଶହ କିଲୋ ମହୁଲ ପୋଚ ନଷ୍ଟ କରାଯିବା ସହ ୧୩୦ ଲି. ରନ୍ଧା ମହୁଲି ମଦ ଜବତ କରାଯାଇଥିବା ଜଣାପଡ଼ିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ତେଲକୋଇ, ୧୨।୬(ସମିସ): ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଚତୁର୍ଭୁଜ ଉଚ୍ଚବିଦ୍ୟାଳୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, କେନ୍ଦ୍ର କୃଷି ବୈଜ୍ଞାନିକ ଡା. ସୁଜନ କୁମାର ସାହୁ, ଭାରତୀୟ କୃଷି ଅନୁସନ୍ଧାନ ଅନୁଷ୍ଠାନର ବୈଜ୍ଞାନିକ ଡା. ପ୍ରଦୀପ ଝାକର, ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବ୍ଲକ ଉପାଧ୍ୟକ୍ଷ ରଞ୍ଜିତା ମହାନ୍ତ, ବ୍ଲକ କୃଷି ଅଧିକାରୀ ଯାଜ୍ଞସେନି ନାୟକ, ଉଦ୍ୟାନ କୃଷି ଅଧିକାରୀ ଅରୁଣା ରାଣୀ ଓରାମ ପ୍ରମୁଖ ଯୋଗ ଦେଇଥିଲେ। ବିମଳା ପଞ୍ଚାୟତ କୃଷି ଅଧିଦର୍ଶିକା ଉମା ନାୟକ, ତେଲକୋଇ ପଞ୍ଚାୟତ କୃଷି ଅଧିଦର୍ଶକ ମନୋଜ ଦାସ, ଏଟିଏମ ଧାନ ମହାନ୍ତ ଓ ଜ୍ଞାନେନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ।

## ବସନ୍ତପୁର ଉଚ୍ଚବିଦ୍ୟାଳୟ ଯୁକ୍ତ ୨କୁ ଉନ୍ନିତ



କେନ୍ଦୁଝର, ୧୨।୬ (ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଉଚ୍ଚବିଦ୍ୟାଳୟକୁ ଉନ୍ନିତ କରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ଚଳିତବର୍ଷଠାରୁ ଏହି ବିଦ୍ୟାଳୟରେ ୧୨୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢିବାକୁ ସୁଯୋଗ ପାଇବେ। ଏନେଇ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ କୃତଜ୍ଞତା ଅର୍ପଣ ଉତ୍ସବରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ହରିହର ମହାନ୍ତ, ପ୍ରଦୀପ ବେହେରା, ଶ୍ୟାମସୁନ୍ଦର ନାୟକ, ଅମୂଲ୍ୟ ସାମଲ, ସୁଧିର କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରା ବ୍ଲକ ତଥା ସ୍ଥାନୀୟ ଅଞ୍ଚଳରେ ମାଟ୍ରିକ ପାସ ପରେ ଡ୍ରପଆଉଟ ହାର କମିବା ସହ ବହୁ ଛାତ୍ରଛାତ୍ରୀ ଆବାସିକ ବ୍ୟବସ୍ଥାରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢିବାର ସୁଯୋଗ ପାଇବେ ବୋଲି ମତ ପ୍ରକାଶ ପାଇଛି।

## ଚନ୍ଦ୍ରମଣି ପତିଙ୍କ ପରଲୋକ

କେନ୍ଦୁଝର, ୧୨।୬ (ସମିସ): ଢେଙ୍କାପୁରର କୃଷ୍ଣଚନ୍ଦ୍ର ପତିଙ୍କ ପତ୍ନୀ ଚନ୍ଦ୍ରମଣି ପତି (୮୨)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ ଚିତ୍ତରଞ୍ଜନ, ବିଶ୍ୱରଞ୍ଜନ ଓ ଦୀପକ ସହ ବୋହୂ କୁନୁ, ଲିପି, ଗୀତା ଏବଂ ନାତିନାତୁଣୀ ଶୁଭମ, ବାପି, ଗୁଗୁଲୁ, ସୋହମ, ହୋନି, ସୋନୁ, ମାମୁନୁ, ରାନୀ, ଭିକି, ସୁଶୀଲ, ରାଜକିଶୋର, ପ୍ରଭାସ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇଁ



ଢେଙ୍କାପୁରସ୍ଥିତ ବାସଭବନକୁ ଯାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଢେଙ୍କାପୁର ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି। ସାନପୁଅ ଦୀପକ କୁମାର ପତି ମୁଖାଗ୍ନି ଦେଇଥିଲେ।

## ଜୁଲାଇ ୮ ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ବାରିପଦା, ୧୨।୬(ସମିସ): ଆସନ୍ତା ଜୁଲାଇ ୮ ତାରିଖରୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ ହେବ। ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ନେଇ ଦାବି ଜଣାଇଥିଲେ ସୁଦ୍ଧା କୋଣସି ସମାଧାନ ନହେବାରୁ ଜୁଲାଇ ୮ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବେ। ଏନେଇ ଓଡିଶା ଡ୍ରାଇଭର ମହାସଂଘର ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଗତ ଦିନରୁ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ଉପାୟ ମାଧ୍ୟମରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ବିଜେପି ସରକାର ସମସ୍ତ ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇ ସୁଦ୍ଧା କିନ୍ତୁ କୋଣସି ଗୋଟିଏ ବି ସମସ୍ୟାର ସମାଧାନ କରିନାହାନ୍ତି। ମୋଟର ଚାଳକ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ, ଡ୍ରାଇଭର ସମାଜ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଡ୍ରାଇଭରଙ୍କ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିମି ଅନ୍ତରରେ କରିବା, ଓଡିଶାର ପ୍ରତି ଖଣି ଖାଦାନ ଏବଂ କାରଖାନାରେ ୭୦% ଡ୍ରାଇଭରଙ୍କୁ ଅଗ୍ରାଧିକାର, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଘୋଷଣା ଓ ଗାଡି କାଗଜପତ୍ର ଯାଞ୍ଚ କ୍ଷମତା ପୁଲିସ ଠାରୁ ଅପସାରଣ କରିବା ଆଦି ଦାବି ରହିଛି। ଆଗାମୀ ଦିନରେ ଦାବି ପୂରଣ ନହେଲେ ଜୁଲାଇ ୮ରୁ କୌଣସି ଡ୍ରାଇଭର ଗାଡି ନଚଳାଇ ଷ୍ଟିଅରିଂ ଛାଡିବେ। ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ବିଜେପି ସରକାରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ନକଲ ଜିଲ୍ଲାପାଳ, ଏସପି, ନଗରପାଳ, ଉପ ନଗରପାଳ, ଆରଟିଓ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ଭାଙ୍ଗିଦେଲେ ବୃଦ୍ଧାଙ୍କ ଘର; ଏସପିଙ୍କୁ ଫେରାଦ

ବାରିପଦା/ଶୁକ୍ଳି, ୧୨।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ରରୁଆଁ ଥାନା ଅଧୀନ ସିଙ୍ଗଡ଼ା ଗ୍ରାମର ଜଣେ ବୃଦ୍ଧାଙ୍କ ଘର ତାଙ୍କ ସାନ ଭାଇ ଏବଂ ଗ୍ରାମର ୭/୮ ଜଣ ବ୍ୟକ୍ତି ମିଶି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ମେଚ ହୋନହାଗା (୬୬) ତାଙ୍କ ପିତାଙ୍କ ଜମିରେ ଘରେ ରହି ରହୁଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସେହି ଘରେ ଏକ ଛୋଟ ଦୋକାନ ଗୃହ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ତାଙ୍କର ସନ୍ତାନମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାରୁ ସେ ଘରେ ଏକୁଟିଆ ରହୁଛନ୍ତି। ଗତ ୧୦



ତାରିଖରେ ସେ କରଞ୍ଜିଆ ବଜାରକୁ ଯାଇଥିବା ସମୟରେ ତାଙ୍କ ସାନ ଭାଇ ସମେତ ଗ୍ରାମର କିଛି ବ୍ୟକ୍ତି ଘରକୁ ଶାବଳ ଓ କୋଦାଳରେ ଭାଙ୍ଗି ଦେଇଛନ୍ତି। ଏହି ଖବର ପାଇବା ପରେ ମେଚ ଘର ଭାଙ୍ଗିବାକୁ ବାରଣ କରିଥିଲେ। ଏହି ସମୟରେ ତାଙ୍କ ଉପରେ ସେମାନେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ସେ ରରୁଆଁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଥାନାଧିକାରୀ କୌଣସି ସମାଧାନ ନ କରିବାରୁ ସେ ବାଧହୋଇ ଏସ୍‌ପିଙ୍କୁ ଭେଟି ନ୍ୟାୟଭିକ୍ଷା କରିଛନ୍ତି। ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରରୁଆଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୃଦ୍ଧାଙ୍କ ଘର ଭଙ୍ଗାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି।

## ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ

ବହଳଦା, ୧୨।୬(ସମିସ): ବାର୍ଷିକ ପରୀକ୍ଷାରେ ଉତ୍ତମ ଫଳାଫଳ ରଖି ଟପ୍ପର ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏ ମ . ଚା ଣ କ୍ୟ କ୍ଲାସେସ ପରିସରରେ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ସେଣ୍ଟରର ଅଧ୍ୟକ୍ଷ ଡ. ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସ୍କୁଲ ଏସଆଇ ନନ୍ଦକିଶୋର କିସ୍କୁ ମୁଖ୍ୟଅତିଥି, ସାମ୍ବାଦିକ ମଧୁସୂଦନ ଦାସ ସ୍ୱତନ୍ତ୍ର ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଓଷ୍ଟା ସଂଘର ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆନନ୍ଦମାର୍ଗ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ ଟୁଡୁ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୀତଳ ମହାନ୍ତ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁକ୍ତ ୨ରେ ଟପ୍ପର ହୋଇଥିବା ତିଙ୍ଗି ଓ ବହଳଦା ବ୍ଲକ ଟପ୍ପର ସାଗରିକା ଗିରି, ଦ୍ୱିତୀୟ ଟପ୍ପର ଦୀପିକା ଗିରି ଏବଂ ତୃତୀୟ ଟପ୍ପର କଲ୍ୟାଣୀ ପରାମାଣିକ ସମେତ ୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦଶମ ଶ୍ରେଣୀର କୃତୀ ଛାତ୍ରୀ ଗୀତା ମହାନ୍ତ ଏବଂ ପୁନମ ହେମ୍ବ୍ରମଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଶୁଳିଆପଦା, ୧୨।୬(ସମିସ): ମିଶନଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ ତରଫରୁ ଆଜି ଶୁଳିଆପଦା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀସାଗର ମାଝୀଙ୍କ ଦିଗଦର୍ଶନରେ ବିପିଏମ ଅନୁରାଧା ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ପାନମାଣୀ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଜିଲ୍ଲା ମିଶନଶକ୍ତି ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ ସମସ୍ତ ପ୍ରତିଯୋଗୀଙ୍କୁ ପାରମ୍ପରିକ ଖାଦ୍ୟ ବିଷୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ୮ଟି ମହିଳା ଏସଏସଜି ଅଂଶ ଗ୍ରହଣ କରିଥିଲେ।

● ଏବେ ବନସ୍ତରେ ନୁହେଁ, ଜନବସତିରେ ଗଜ

## ହାତୀ-ମଣିଷ ଲଢ଼େଇରେ ପଡୁନି ପୂର୍ଣ୍ଣଚ୍ଛେଦ

ମୋରଡ଼ା,୧୨।୬(ସମିସ): ରଜ ଓଡ଼ିଶାର ଗଣପର୍ବ ଭାବେ ପରିଚିତ। ସାଧାରଣତଃ ଏହା ୩ ଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନ ହେଉଛି ଭୂମିଦାହ ବା ଭୂମି ଦହନ। ତିନିଦିନ ପର୍ବ ସରିବା ପରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜା କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ତେବେ "ବନସ୍ତେ ଡ଼ାକିଲା ଗଜ... ବରଷକ ଥରେ ଆସିଛି ରଜ' ଗୀତ ଆଉ ଶୁଭୁନାହିଁ। ଦୋଳି ଲାଗିବାକୁ ଗଛ ନାହିଁ, ଆଉ ବନସ୍ତ ଛାଡ଼ି ଗଜ ଏବେ ଜନବସତିମୁହାଁ। ମୋରଡ଼ା ଏବଂ ବେତନଟୀ ରେଞ୍ଜର ଅଧିକାଂଶ ସ୍ଥାନରେ ହାତୀ-ମଣିଷ ଲଢ଼େଇ ବଢିବାରେ ଲାଗିଛି। ଜଙ୍ଗଲରେ ହାତୀମାନେ ତାଳ, ଆମ୍ବ ଓ ପଣସ ଖାଦ୍ୟ ଖାଉଥିବାବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ପୂର୍ବରୁ ଏହି ଦୁଇ ରେଞ୍ଜ ଅଧୀନ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା; ହେଲେ ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକୀୟ ପରିମାଣରେ ବାଉଁଶ ମିଳୁ ନାହିଁ। ଫଳରେ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ହାତୀମାନେ ଚାଷ ଜମି ନଷ୍ଟ କରିବା ସହି କ୍ଷେତ ଉଜାଡି ଦେଉଛନ୍ତି। ଏଥିପାଇଁ ଅନେକ ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଲଢେଇ ହେଉଥିବା ନଜିର ରହିଛି। ଏଥିରେ ଲୋକଙ୍କ ଜୀବନ ଯାଉଛି। ତେବେ ଗତ ଦୁଇବର୍ଷର ରେକର୍ଡକୁ ଦେଖିଲେ ଉକ୍ତ ଦୁଇ ରେଞ୍ଜରେ ୨୦ରୁ ଊର୍ଦ୍ଧ୍ୱ ଲୋକ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବାବେଳେ ୬ଟି ହାତୀର ପ୍ରାଣ ଯାଇଛି। ତେଣୁ ଜଙ୍ଗଲରେ ଅଧିକ ପରିମାଣରେ ଖାଦ୍ୟେ ମହଜୁଦ କରିବା, ବ୍ୟାପକ ଚାରା ରୋପଣ ଲଗାଯାଇପାରିଲେ କ୍ଷୟକ୍ଷତି ହ୍ରାସ ପାଇପାରିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା

# ପୁରୁଷ ରୋଗୀଙ୍କୁ ମିଳୁନି ଅଲଟ୍ରାସାଉଣ୍ଡ ସେବା

କରଞ୍ଜିଆ, ୧୨।୬(ସମିସ):


ପାଞ୍ଚପୀଢ ଉପଖଣ୍ଡର ସଦର ମହକୁମା କରଞ୍ଜିଆ ଡାକ୍ତରଖାନା ନୂଆ କଳେବରରେ ରୂପାନ୍ତରିତ ହୋଇଛି। ବର୍ତ୍ତମାନ ଏହି ଡାକ୍ତରଖାନାରେ ବିନାମୂଲ୍ୟରେ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି। ତେବେ ତ୍ୱରିତ ରୋଗ ନିରୂପଣ ପାଇଁ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ପ୍ରତିଦିନ ଅଲଟ୍ରାସାଉଣ୍ଡ ପାଇଁ ୬୦ରୁ ୭୦ ରୋଗୀ ସେବା ପାଉଛନ୍ତି। ହେଲେ ରୋଗୀମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। କିନ୍ତୁ ଗର୍ଭବତୀ କେବଳ ସେବା ପାଉଛନ୍ତି। ଫଳରେ ଅନ୍ୟ ରୋଗୀମାନେ



ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ବାହାରକୁ ଯିବା ପାଇଁ ବାଧ ହେଉଛନ୍ତି। ଫଳରେ ଗରିବ ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଡାକ୍ତରଖାନାରେ କେବଳ ଗୋଟିଏ ଅଲଟ୍ରାସାଉଣ୍ଡ ମେସିନ ରହିଥିବାରୁ କରଞ୍ଜିଆ ସମେତ ଅନ୍ୟ ୪ଟି ବ୍ଲକ ନିର୍ଭର କରୁଛନ୍ତି। ଏହି ବ୍ୟବସ୍ଥା ଯଥେଷ୍ଟ ହେଉ ନ ଥିବାରୁ ଆଉ ଦୁଇଟି ମେସିନର ଆବଶ୍ୟକତା ରହିଛି। ପୁରୁଷ ରୋଗୀଙ୍କ ପୀତକୋଷ, ଲିଭର, ବୃକକ ଆଦି ନିରୂପଣ ପାଇଁ ଆଉ ଦୁଇ ଜଣ ବିଶେଷଜ୍ଞ ଡାକ୍ତର ଏବଂ ମେସିନର ଦରକାର ରହିଛି। ଡାଟା ଏଣ୍ଟ୍ରି ଅପରେଟର ନ ଥିବାରୁ ଚିଠା ହୋଇପାରୁନାହିଁ। ସେହିପରି ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟା ନଥିବାରୁ ବେଞ୍ଚରେ ବେଡସିଟ୍ ପକାଇ ବ୍ୟବହାର କରୁଛନ୍ତି। ଅନେକ ସମୟରେ ଏକାଥରକେ ୫୦ରୁ ୬୦ ରୋଗୀ ଅଲଟ୍ରାସାଉଣ୍ଡ ଟେଷ୍ଟ ପାଇଁ ଆସୁଛନ୍ତି। ଏହି ରୋଗୀଙ୍କ ପାଇଁ ଏକ ବିଶ୍ରାମ ଘର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## କେନାଲକୁ ଖସି ପିକଅପ୍ ଦୁର୍ଘଟଣାଗ୍ରସ୍ତ; ଚାଳକ ମୃତ

ମୋରଡ଼ା/ଶୁଳିଆପଦା,୧୨।୬(ସମିସ): ଶୁଳିଆପଦା ଥାନା ଅନ୍ତର୍ଗତ ସରଡ଼ିହା କେନାଲ ନିକଟରେ ଗୁରୁବାର ଏକ ପିକ୍‌ଅପ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଗାଡି ଚାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ମୋରଡ଼ା ଥାନା କାନ୍ଦଣା ଗ୍ରାମର ପିଣ୍ଟୁ ପଣ୍ଡିତ। ସୂଚନାଯୋଗ୍ୟ ଯେ ସେ ଜଣେ ଯୁବ ବ୍ୟବସାୟୀ ହୋଇଥିବାବେଳେ କୋଷ୍ଟା ପେଟ୍ରୋଲ ପମ୍ପର ମାଲିକ ଥିଲେ। ସେ ଘରୁ ସରଡ଼ିହାଠାରେ ସାପ୍ତାହିକ ହାଟକୁ ଗାଡିରେ ଯାଉଥିବା ସମୟରେ ହଠାତ ଆଗଚକା ଫାଟିଯିବାରୁ ଭାରସାମ୍ୟ ହରାଇ କେନାଲରୁ ୩୦ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ ଗାଡିଟି ତାଙ୍କ ଉପରେ ଚାପି ହୋଇଯାଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ; କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# ଦେଶ ବିଦେଶ





## କାର୍‌ରୁ ମହିଳା ଇନ୍‌ଫ୍ଲୁଏନ୍ସରଙ୍କ ମୃତଦେହ ଉଦ୍ଧାର



ଚଣ୍ଡିଗଡ଼, ୧୨।୬(ଏଜେନ୍ସି): ପଞ୍ଜାବରେ ଜଣେ ମହିଳା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ମୃତ ଦେହ କାରରୁ ଉଦ୍ଧାର କରାଯାଇଛି। ଏହି ଇନ୍‌ଫ୍ଲୁଏନ୍ସର ହେଉଛନ୍ତି କାଞ୍ଚନ କୁମାରୀ ଉର୍ଫ କମଲ କୌର। ଭଟିନ୍ଦା- ଚଣ୍ଡିଗଡ଼ ଜାତୀୟ ରାଜପଥରେ ଥିବା ଆଦେଶ ମେଡିକାଲ ବିଶ୍ୱବିଦ୍ୟାଳୟ ପାର୍କିଂରେ ଥିବା କାର୍ ସେ ଗତ ରାତିରେ ମୃତ୍ୟୁବରଣ କରିଥିବା ଦେଖାଯାଇଥିଲା। କାରର ପଛ ସିଟ୍‌ରେ ତାଙ୍କ ମୃତଦେହ ପଡ଼ିଥିଲା। ଏହି କାରରେ ଲୁଧିଆନା ରେଜିଷ୍ଟ୍ରେସନ ପ୍ଲେଟ ରହିଥିଲା ଓ ଏହାକୁ ପ୍ରଥମେ ଚିହ୍ନିତ କରାଯାଇପାରି ନଥିଲା। କମଲଙ୍କ ବୟସ ପାଖିପାଖି ୩୦ ବର୍ଷ ବୋଲି ଭଟିନ୍ଦା ଏସ୍‌ପି ନରେନ୍ଦ୍ର ସିଂହ କହିଛନ୍ତି। ପୁଲିସ୍‌ର କହିବା ଅନୁଯାୟୀ କମଲ ଜୁନ୍ ୯ରୁ ଘରୁ ବାହାରିଥିଲେ। ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେବାକୁ ସେ ଭଟିନ୍ଦା ଯାଉଛନ୍ତି ବୋଲି ଘର ଲୋକଙ୍କୁ କହିଥିଲେ। ଇନଷ୍ଟାଗ୍ରାମ୍‌ରେ ତାଙ୍କର ୩ ଲକ୍ଷ ୮୩ ହଜାର ଫଲୋଅର୍ସ ରହିଥିଲେ। ସିସିଟିଭି ଫୁଟେଜରେ କିନ୍ତୁ ଚାଞ୍ଚଲ୍ୟକର ତଥ୍ୟ ହସ୍ତଗତ ହୋଇଛି। ଏହି ମୃତଦେହ ମିଳିଥିବା ଏହି କାରକୁ ଜଣେ ଲୋକ ଡ୍ରାଇଭ କରି ନେବା ସହ ସେ କାରକୁ ପାର୍କ କରି ସେଠାରୁ ଚାଲି ଯାଉଥିବାର ଲକ୍ଷ୍ୟ କାରାଯାଇଛି। ଏ ନେଇ ତଦନ୍ତ ଚାଲୁ ରହିଛି ଓ ଏଥିପାଇଁ ୪ଟି ଟିମ୍ ଗଠନ କରାଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି।

## ମସ୍କଙ୍କ କ୍ଷମା ସ୍ୱୀକାର କଲେ ଟ୍ରମ୍ପ୍

ୱାସିଂଟନ, ୧୨।୬ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେସ୍‌ଲା ଓ ସ୍ପେସ୍ ଏକ୍ସ ମାଲିକ ଏଲନ ମସ୍କଙ୍କ କ୍ଷମା ସ୍ୱୀକରା କରିଛନ୍ତି ବୋଲି ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବ କାରୋଲିନ ଲେବିଟ୍ କହିଛନ୍ତି। ମସ୍କ ସାର୍ବଜନୀନ ଭାବେ ନିଜର ଭୁଲ ସ୍ୱୀକାର କରିବା ଓ କ୍ଷମା ମାଗିବା ଏକ ବଡ଼ କଥା ଓ ଏହା ସ୍ୱାଗତ ଯୋଗ୍ୟ ବୋଲି ଟ୍ରମ୍ପ କହିଛନ୍ତି। ପୂର୍ବରୁ ଟ୍ରମ୍ପଙ୍କୁ ନେଇ କରିଥିବା ବିଭିନ୍ନ ପୋଷ୍ଟକୁ ନେଇ ମସ୍କ ଅନୁଶୋଚନା କରି ସାମାଜିକ ଗଣମାଧ୍ୟମ ଏକ୍ସରେ ଖୋଲାଖୋଲି ଭାବେ ନିଜର ଭୂଲ ସ୍ୱୀକାର କରିଥିଲେ। ମସ୍କ ନିଜର ଭୂଲ୍ ବୁଝିବା ବହୁତ ଭଲ କଥା। ତେବେ ମସ୍କଙ୍କ ସହ ହୋଇଥିବା ବିଭିନ୍ନ ସରକାରୀ ଚୁକ୍ତିକୁ ନେଇ କୌଣସି ପୁନର୍ବିଚାର କରାଯାଇନାହିଁ ବୋଲି ଲେବିଟ୍ କହିଛନ୍ତି।



## ଲୋକସଭା ନିର୍ବାଚନ ପୂର୍ବରୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଯୋଜନା

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଅଗାମୀ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯୋଜନା କରୁଛି। ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଲାଗୁ କରିବାକୁ ସରିକାର ଯୋଜନା କରୁଛନ୍ତି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ପୁନଃସୀମା ନିର୍ଦ୍ଧାରଣ ସହିତ ଜଡିତ କରାଯାଉଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ପୂର୍ବରୁ ୨୦୨୭ରେ ଦେଶବ୍ୟାପୀ ଜନସଂଖ୍ୟା ଜନଗଣନା ସହ ପ୍ରଥମଥର ପାଇଁ ଜାତି ଗଣନା କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ବରଫପାତ ହେଉଥିବା ଅଞ୍ଚଳ ଓ ଅସମତଳ କ୍ଷେତ୍ରରେ ୨୦୨୬ ଅକ୍ଟୋବରରେ ଏବଂ ୨୦୨୭ ରେ ଦେଶର ବାକି ଅଞ୍ଚଳରେ ଏହି ଜନଗଣନା ପ୍ରକ୍ରିୟା ଆୟୋଜନ ହେବ। ଉଲ୍ଲେଖଥାଉ କି, ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଲାଗୁ 'ନାରୀ ଶକ୍ତି ବନ୍ଧନ ଅଭିଯାନ'କୁ ଦୃଷ୍ଟିରେ ରଖି କରାଯିବ।

## ଦିଲ୍ଲୀରେ ଟ୍ରେନ୍ ଲାଇନ୍‌ଚ୍ୟୁତ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଅହମ୍ମଦାବାଦ୍‌ରେ ବିମାନ ଦୁର୍ଘଟଣା ନେଇ ସାରା ଦେଶରେ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଦିଲ୍ଲୀରେ ଗୁରୁବାର ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ନିଜାମୁଦ୍ଦିନ୍‌ରୁ ଗାଜିଆବାଦ୍ ଯାତ୍ରା କରୁଥିବା ଟ୍ରେନ୍ ଶିବାଜୀ ବ୍ରିଜ୍ ଷ୍ଟେସନ ନିକଟ୍‌ରେ ଡିରେଲ୍ ଅର୍ଥାତ ଟ୍ରାକ୍‌ରୁ ବାହାରକୁ ଚାଲିଯାଇଛି। ଟ୍ରେନର ଚତୁର୍ଥ ଡବା ଟ୍ରାକ ବାହରକୁ ଚାଲିଯାଇଥିଲା। ବିଭଗୀୟ ଅଧିକରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଯଥାଶୀଘ୍ର ଟେନ୍ ଯାତାୟତକୁ ସମାନ୍ୟ କରାଯିବାକୁ ପ୍ରୟାସ କରାଯାଉଛି। ଏହି ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ।



### ବେଙ୍ଗାଲୁରୁ ଦଳାଚକଟା

## ଆରସିବି ଅଧିକାରୀଙ୍କୁ ଅନ୍ତରୀଣ ଜାମିନ

ବେଙ୍ଗାଲୁରୁ, ୧୨।୬(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବିଜୟ ଉତ୍ସବ ପାଳନ ବେଳେ ହୋଇଥିବା ଦଳାଚକଟା ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କ ସମେତ ଅନ୍ୟ ୩ଜଣ ଅଧିକାରୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜୁନ୍ ୪ ତାରିଖରେ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ବିଚାରପତି ଏସ୍‌ଆର କୃଷ୍ଣା କୁମାର ସୋସାଲେ ଏବଂ ସୁନୀଲ ମାଥ୍ୟୁ, କିରନ କୁମାର ଏସ୍, ଶମନ୍ତ ଏନ୍‌ପି ମାଭିନାକେରଙ୍କୁ ବିଚାର ବିଭାଗୀୟ ନ୍ୟାୟିକ ହାଜତରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏମାନଙ୍କୁ ନିଜର ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏହି ଦଳାଚକଟାରେ ୧୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୫୬ଜଣ ଆହତ ହୋଇଥିଲେ।

## ଇରାନ୍ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ୍ ପ୍ରସ୍ତୁତ

ତେଲ ଅଭିଭ୍, ୧୨।୬(ଏଜେନ୍ସି): ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଏ ନେଇ ଇସ୍ରାଏଲ ଆମେରିକାକୁ ମଧ୍ୟ ଅବଗତ କରାଯାଇଛି। ଆମେରିକା ଓ ୟୁରୋପ୍‌ର ପଦସ୍ଥ ଅଧିକାରୀମାନେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଯଦି ଇସ୍ରାଏଲ୍ ଆକ୍ରମଣ କରେ ତେବେ ଇରାକରେ ରହିଥିବା ଆମେରିକାର ବିଭିନ୍ନ ଠିକଣା ଉପରେ ଇରାନ ଆକ୍ରମଣ କରିପାରେ ବୋଲି ଆମେରିକା ଆଶଙ୍କା କରୁଛି। ଖାସ୍ ଏଥିପାଇଁ ଆମେରିକା ମଧ୍ୟପ୍ରାଚ୍ୟରୁ ଆମେରିକୀୟ ନାଗରିକ ଓ ଅଧିକାରୀମାନଙ୍କୁ ସ୍ୱଦେଶ ଫେରିଆସିବାକୁ ଆଦେଶ ଦେଇଛି। ଆମେରିକାର ବୈଦେଶିକ ବିଭାଗ ଇରାକରେ ନିୟୋଜିତ ଥିବା ସେତେ ଜରୁରୀ ନଥିବା ଅଧିକାରୀମାନଙ୍କୁ ଫେରିଯିବାକୁ କହିଛି। ମଧ୍ୟପ୍ରାଚ୍ୟରେ କେତୋଟି ଦେଶରୁ ଆମେରିକାର ତା'ର ସୈନିକମାନଙ୍କୁ ମଧ୍ୟ ହଟାଇବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିସାରିଛନ୍ତି। ଏଥିରୁ ଇସ୍ରାଏଲ ଆକ୍ରମଣ କରିବ ବୋଲି ଅନୁମାନ କରାଯାଉଛି। ଇରାନକୁ ପରମାଣୁ ଅସ୍ତ୍ର ତିଆରି କରିବାକୁ ଦେବୁନାହିଁ ବୋଲି ପୂର୍ବରୁ ଆମେରିକାର ସ୍ପଷ୍ଟ କରିସାରିଛି। ପରାମାଣୁ ଅସ୍ତ୍ର ତିଆରି କରିବା ପ୍ରକ୍ରିୟାକୁ ନେଇ ଆମେରିକାର ଓ ଇରାନ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଛି।

## ମହମ୍ମଦ ୟୁନୁସ୍‌ଙ୍କୁ ଭେଟିବାକୁ ମନାକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ



ଢ଼ାକା, ୧୨।୬(ଏଜେନ୍ସି): ୟୁନାଇଟେଡ କିଙ୍ଗଡ଼ମ୍ (ୟୁକେ) ପ୍ରଧାନମନ୍ତ୍ରୀ କିର ଷ୍ଟାରମର ବାଂଲାଦେଶ ମୁଖ୍ୟ ଉପଦେଷ୍ଟା ତଥା କମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ଭେଟିବାକୁ ମନା କରିଦେଇଛନ୍ତି। ୟୁନୁସ ଏବେ ଜୁନ୍ ୧୦ରୁ ୧୩ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆନୁଷ୍ଠାନିକ ଗସ୍ତରେ ୟୁକେ ଯାଇଛନ୍ତି। ଏହି ଗସ୍ତରେ ବିଭିନ୍ନ୍ ବିଷୟରେ ଆଲୋଚନା ପାଇଁ ୟୁନୁସ୍ ଷ୍ଟାରମରଙ୍କୁ ଭେଟିବାକୁ ଚାହୁଁଥିଲେ। ତେବେ ଷ୍ଟାରମର ତାଙ୍କୁ ଭେଟିବାକୁ ମନା କରିଦେଇଛନ୍ତି ବୋଲି ଫାଇନାନ୍ସିଆଲ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାପୂର୍ବରୁ ୟୁନୁସ୍ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ଭେଟିବେ ବୋଲି ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଥିଲା। କିନ୍ତୁ ଶେଷରେ ୟୁନୁସ୍‌ଙ୍କୁ ନିରାଶ ହେବାକୁ ପଡ଼ିଛି।


## ବାଂଲାଦେଶରେ ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘର ଉପରେ ଆକ୍ରମଣ



ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ବାଂଲାଦେଶର ସିରାଜଗଞ୍ଜ ସ୍ଥିତ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘର ଉପରେ ଆକ୍ରମଣ କରାଯାଇଛି। ମଙ୍ଗଳବାର ଲୋକଙ୍କଭିଡ ରବୀନ୍ଦ୍ରନାଥ କଚରୀବାରୀ ନାମରେ ପ୍ରସିଦ୍ଧ ଥିବା ଏହି ଘର ଉପରେ ଆକ୍ରମଣ କରିଥିଲା। ଏଠାରେ ଥିବା ମ୍ୟୁଜିୟମର ନିର୍ଦ୍ଦେଶକଙ୍କୁ ମଧ୍ୟ ମାଡ ମରାଯାଇଛି। ବାସଭବନର ଝରକା, କବାଟ, ଆସବାପତ୍ର ଭାଙ୍ଗିବା ସହ ଏହି ଭିଡ୍ ମ୍ୟୁଜିୟମ ଓ ଅଡିଟୋରିୟମରେ ମଧ୍ୟ କ୍ଷତି ପହଞ୍ଚାଇଛି। ଜୁନ ୮ ଅର୍ଥାତ ଗତ ରବିବାର ଏହି ଘଟଣା ଘଟିଛି। ମୋଟର ସାଇକଲ ପାର୍କି ଫିକୁ ନେଇ ଜଣେ ଆଗନ୍ତୁକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ତଥା ଝଗଡ଼ା ହେବା ଦ୍ୱାରା ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏହି ଘଟଣାକୁ ଭାରତୀୟ ଜନତା ପାର୍ଟି ଦୃଢ଼ ଭାବେ ନିନ୍ଦା କରିଛି। ଏହା ବାଂଲାଦେଶ ଜମାତ-ଏ- ଇସ୍ଲାମି ଓ ହିଫାଜନ- ଏ- ଇସ୍ଲାମି ଭଳି କଟରପନ୍ଥୀ ସମୂହଙ୍କ ପୂର୍ବନିୟୋଜିତ ଆକ୍ରମଣ ବୋଲି ବିଜେପି ତରଫରୁ କୁହାଯାଇଛି। ବୁଧବାର ଏ ନେଇ ୫୦ରୁ ୬୦ ଜଣ ଲୋକଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି।

## ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫
- ପାଉଣ୍ଡ ୧୧୬.୪୭
- ୟୁରୋ ୯୯.୫୨
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୮୧,୬୯୧.୦୦
- ନିଫ୍ଟି ୨୪,୮୮୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

## ବୋଇଂର ଡୁବିଯିବ ୧ ଲକ୍ଷ କୋଟି

- ବଜାର ପୁଞ୍ଜିରେ ହେବ ବଡ଼ କ୍ଷତି
- ବୋଇଂ ସେୟାର ୮ ପ୍ରତିଶତ ଖସିଲା

ଅହମ୍ମଦାବାଦ,୧୨।୬(ଏଜେନ୍ସି)

ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣା ଖବର ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ପରେ ଘରୋଇ ସେୟାର ବଜାରରେ ବୃହତ୍ ହ୍ରାସ ଘଟିଛି। ଏଥିରେ ଟାଟା ଗ୍ରୁପର ସେୟାର ମୂଲ୍ୟରେ ମଧ୍ୟ ବଡ଼ ଧରଣର ହ୍ରାସ ହୋଇଛି। ଅନ୍ୟପକ୍ଷରେ ଏହାର ପ୍ରଭାବ ଆମେରିକାରେ ମଧ୍ୟ ଦେଖିବାକୁ ମିଳିଛି। ଏଥିରେ ବିମାନ ନିର୍ମାତା କମ୍ପାନୀ ବୋଇଂର ସେୟାର ମଧ୍ୟ ହ୍ରାସ ପାଇଛି।ଏଥିରେ ବିଶେଷ କଥା ହେଉଛି ଯେ ଆମେରିକାରେ ସେୟାର ବଜାର ଏ ପର୍ଯ୍ୟନ୍ତ ଖୋଲିନାହିଁ। ତେବେ ବଜାର କାରବାର ପୂର୍ବରୁ ଆଜି ବୋଇଂର ଶେୟାର ମୂଲ୍ୟରେ ପ୍ରାୟ ୮ ପ୍ରତିଶତ ହ୍ରାସ ଦେଖବାକୁ ମିଳିଛି। ଏଥିଯୋଗୁଁ କମ୍ପାନୀର ବଜାର ପୁଞ୍ଜିରେ ୧୨ ବିଲିୟନ ଡଲାର ଅର୍ଥାତ୍ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇପାରେ। ଗୁରୁବାର ଗୁଜୁରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଆମେରିକା ବଜାର କାରବାର ଆରମ୍ଭ ହେବା ପୂର୍ବରୁ ମାନ୍ଦା ପଡିଯାଇଛି। ଅର୍ଥାତ୍ ବଜାର ହ୍ରାସ ଆଡକୁ ମୁହାଁଇଛି। କାରଣ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ସାମିଲ ଥିଲା। ବୋଇଂର ସେୟାର ମୂଲ୍ୟ ପ୍ରତି ସେୟାର ପିଛk ୧୯୭.୫୮ ଆମେରିକୀୟ ଡଲାରରେ କାରବାର ହେଉଥିଲା, ଯେଉଁଥିରେ ୭.୬୭ ପ୍ରତିଶତ ହ୍ରାସ ପାଇଛି। ଏହାଛଡା ଆଜି ପୁଞ୍ଜି ବଜାରରେ ଇଣ୍ଡିଗୋ ଏବଂ ସ୍ପାଇଶଜେଟ୍ ଆଦି ବିମାନ କମ୍ପାନୀଙ୍କ ସେୟାର ମୂଲ୍ୟରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି।



### ଭାରତର ଷ୍ଟକ୍ ବଜାର ଧରାଶାୟୀ

ମୁମ୍ବଇ,୧୨।୬: ଗୁରୁବାର ଭାରତୀୟ ଷ୍ଟକ୍ ବଜାରରେ ଏକ ବଡ଼ ହ୍ରାସ ଦେଖାଯାଇଥିଲା। ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୂର୍ଘଟଣା ଘଟଣା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ପ୍ରମୁଖ ସୂଚକାଙ୍କ ସେନ୍‌ସେକ୍ସରେ ୮୨୩.୧୬ ପଏଣ୍ଟ ହ୍ରାସ ଘଟି ୮୧,୬୯୧.୯୮ ପଏଣ୍ଟରେ ବନ୍ଦ ହୋଇଥିଲା। ତଥାପି, ଷ୍ଟକ୍ ବଜାର ବନ୍ଦ ହେବା ପୂର୍ବରୁ ସେନସେକ୍ସ ଦିନର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା ଏବଂ ୯୯୧.୯୮ ପଏଣ୍ଟ ହ୍ରାସ ପାଇ ୮୧,୫୨୩.୧୬ ପଏଣ୍ଟରେ ପହଞ୍ଚିଥିଲା।

ଅନ୍ୟପକ୍ଷରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ର ମୁଖ୍ୟ ସୂଚକାଙ୍କ ନିଫ୍‌ଟି ମଧ୍ୟ ୨୫୩.୨୦ ପଏଣ୍ଟ ହ୍ରାସ ପାଇ ୨୪,୮୮୮.୨୦ ପଏଣ୍ଟରେ ବନ୍ଦ ହୋଇଥିଲା। ତଥ୍ୟ ଅନୁଯାୟୀ, ଏହି ହ୍ରାସ ଯୋଗୁଁ ଷ୍ଟକ୍ ବଜାର ନିବେଶକମାନେ ୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି।

## ବିମାନ ଦୁର୍ଘଟଣାରେ ଚାଲିଗଲେ ପ୍ରମୁଖ ଶିଳ୍ପପତି

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନର ଦୁଃଖଦ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ମଧ୍ୟରେ ଦେଶର କେତେକ ପ୍ରମୁଖ ଉଦ୍ୟୋଗପତି ରହିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ନନ୍ଦ ଏବଂ ସୁଭାଷ ଅମିନ ଉଭୟ ଏହି ବିମାନର ଯାତ୍ରୀ ଥିଲେ। ପ୍ରମୁଖ ନନ୍ଦ ଗୁଜରାଟର ଜଣେ ଜଣାଶୁଣା ଶିଳ୍ପପତି। ସେ କାର୍ଗୋ ମୋଟର୍ସ ଗ୍ରୁପର ପ୍ରତିଷ୍ଠାତା। ସେହିପରି ସୁଭାଷ ଅମିନ ଲୁବି ମୋଟର୍ସ (ଲୁବି ପମ୍ପସ୍)ର ନିର୍ଦ୍ଦେଶକ। ସେ ଗୁଜରାଟର ଜଣେ ପ୍ରମୁଖ ଶିଳ୍ପପତିଙ୍କ ମଧ୍ୟରେ ଜଣେ। ଶ୍ରୀ ନନ୍ଦଙ୍କ କାର୍ଗୋ ମୋଟର୍ସ ଗ୍ରୁପ୍ ପଶ୍ଚିମ ଭାରତରେ ଏକ ପ୍ରମୁଖ ଅଟୋ ଡିଲରସିପ୍ ଏବଂ ପରିବହନ ସମାଧାନ ପ୍ରଦାନକାରୀ। ଗଣମାଧ୍ୟମ ରିପୋର୍ଟ ଅନୁସାରେ ପ୍ରମୁଖ ନନ୍ଦ ତାଙ୍କ ପରିବାର ସଦସ୍ୟ (ସ୍ତ୍ରୀ ନେହା ପ୍ରମୁଖ ନନ୍ଦ, ପୁଅ ପ୍ରବେଶ ନନ୍ଦ ଏବଂ ପ୍ରୟାସ ପ୍ରମୁଖ ନନ୍ଦ)ଙ୍କ ସହିତ ଏହି ବିମାନରେ ଲଣ୍ଡନ ଯାଉଥିଲେ। ଅନ୍ୟପକ୍ଷରେ, ଲୁବି ପମ୍ପସର ନିର୍ଦ୍ଦେଶକ ସୁଭାଷ ଅମିନ ଗୁଜରାଟର ଅନ୍ୟତମ ପ୍ରମୁଖ ଶିଳ୍ପପତି। ତାଙ୍କୁ ଲୁବି ପମ୍ପସର ନିର୍ଦ୍ଦେଶକ ଭାବରେ ଜଣାଶୁଣା। ରିପୋର୍ଟ ଅନୁସାରେ, ସୁଭାଷ ମଧ୍ୟ ଲଣ୍ଡନ ଯାଉଥିଲେ ଏବଂ ଏହି ବିମାନ ଦୁର୍ଘଟଣାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା କୁହାଯାଉଛି। ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ସମ୍ପୃକ୍ତ ଯାତ୍ରୀଙ୍କ ତାଲିକାରେ ଏହି ଦୁଇ ଶିଳ୍ପପତିଙ୍କ ନାମ ପ୍ରକାଶ ପାଇଛି।



## ମିତସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୬(ସମିସ)

ବିଶ୍ୱର ପ୍ରମୁଖ ଏୟାର କଣ୍ଡିସନର ଉତ୍ପାଦକ ମିତସୁବିଶି ଇଲେକ୍ଟ୍ରିକ୍ ଏବେ ଓଡିଶାର ଭୁବନେଶ୍ୱରରେ ଏହାର ଏକ୍ସକ୍ଲୁସିଭ୍ ଶୋ'ରୁମକୁଲିଂ ପ୍ଲାନେଟ'ର ଶୁଭାରମ୍ଭ କରିଛି। ଏହି ନୂଆ ଶୋ'ରୁମ ଏସଆର ରେଫ୍ରିଜରେଶନ ଲେନ୍-୨, ଡିଷ୍ଟ୍ରିକ୍ଟ ସେଣ୍ଟର ଚନ୍ଦ୍ରଶେଖରପୁରରେ ଅବସ୍ଥିତ। ଏହି ଅବସରରେ ମିତସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ, ଲିଭିଂ ଏନଭାରମେଣ୍ଟ- ପୂର୍ବ ଭାରତ ମୁଖ୍ୟ ମନୀଷ ଚୌଧୁରୀ ଏବଂ ଏଲଇ ଡିଭିଜନ ବ୍ୟବସାୟ ପରିଚାଳନା ମୁଖ୍ୟ ନାଓହିକୋ ହୋସୋକାୱା ଏହି ଶୋ' ରୁମର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ହୋସୋକାୱା କହିଛନ୍ତି ଯେ, ଆମେ ଭୁବନେଶ୍ୱରରେ ଆମର ସମ୍ପୂର୍ଣ୍ଣ ରେଞ୍ଜର ଏୟାର କଣ୍ଡିସନର ଆଣିବାକୁ ନେଇ ଆନନ୍ଦିତ, ଯାହା ଏଠାକାର ଗ୍ରାହକମାନଙ୍କୁ ଆମର ବିଶ୍ୱସ୍ତରୀୟ ଉତ୍ପାଦଗୁଡ଼ିକୁ ଅନୁଭବ କରିବାର ସୁଯୋଗ ଦେଉଛି ବୋଲି ସେ କହିଥିଲେ। ବିକ୍ରି ପରେ ସର୍ବୋତ୍ତମ ସେବା ସୁନିଶ୍ଚିତ କରିବା ପାଇଁ ମିତସୁବିଶି ଇଲେକ୍ଟ୍ରିକ୍ ଭୁବନେଶ୍ୱରରେ ଦୁଇଟି ସର୍ଭିସ ସେଣ୍ଟର ମଧ୍ୟ ଆରମ୍ଭ କରିଛି। ଏହି ଶୋ'ରୁମରେ ୱିଣ୍ଡୋ ଏସି, ସ୍ପ୍ଲିଟ୍ ଏସି ଓ ଭିଆରଏଫ୍ (ଭାରିଏବଲ ରେଫ୍ରିଜେରେଟର ଫ୍ଲୋ) ସିଷ୍ଟମ ସମେତ ମିତସୁବିଶି ପ୍ରଡକ୍ଟ ଗୁଡିକର ସମ୍ପୂର୍ଣ୍ଣ ରେଞ୍ଜ ଦେଖିବାକୁ ମିଳିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡିଶା ଅପରେସନ ହେଡ ଅମିର ହସନ ମଧ୍ୟ ଉପସ୍ଥିତ ଥିଲେ।



## ଆମେରିକାକୁ ଯୋଗାଇବ ମ୍ୟାଗନେଟ୍ ଓ ଦୁର୍ଲଭ ଖଣିଜ ସମ୍ପଦ

### ଚୀନ୍ ସହ ଟ୍ରମ୍ପଙ୍କ ବ୍ୟବସାୟିକ ଚୁକ୍ତି

ୱାସିଂଟନ,୧୨।୬(ଏଜେନ୍ସି): ଚୀନ୍ ସହ ଆମେରିକାର ହୋଇଯାଇଛି ବ୍ୟବସାୟିକ ଚୁକ୍ତି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଏହି ଚୁକ୍ତି ମୁତାବକ ଚୀନ୍ ମ୍ୟାଗନେଟ୍ ସମେତ ଦୁର୍ଲଭ ଖଣିଜ ସମ୍ପଦ ଆମେରିକାକୁ ଯୋଗାଣ କରିବ। ଏହା ବଦଳରେ ଆମେରିକା ଚୀନ୍ ନାଗରିକଙ୍କୁ ନିଜର କଲେଜ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବାକୁ ଅନୁମତି ଦେବ। ଶୁଳ୍କକୁ ନେଇ ପାଖାପାଖି ୨ ମାସ ଧରି ବିବାଦ ଜାରି ରହିବା ପରେ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଉଲ୍ଲେଖନୀୟ ବୋଲି କହିଛନ୍ତି।

ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସାଲ'ରେ ଟ୍ରମ୍ପ କହିଛନ୍ତି ଯେ ଆମକୁ ମୋଟ ୫୫% ଶୁଳ୍କ ମିଳୁଛି, ଅନ୍ୟପଟେ ଚୀନକୁ ୧୦% ଶୁଳ୍କ ମିଳିବ। ଏହି ସମ୍ପର୍କ ବେଶ୍ ଉଲ୍ଲେଖନୀୟ। ତେବେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଚୁକ୍ତିକୁ ତାଙ୍କର ଓ ଚୀନ୍ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଯାଇ ପକ୍କା ମନେ କରାଯିବ। ତେବେ ଏକ ଅନ୍ତର୍ଜାତୀୟ ମାନବାଧିକାର ସମୂହ ବୁଧବାର କହିଛି ଯେ ଅନେକ ବୈଶ୍ୱିକ ବ୍ରାଣ୍ଡ ସେହି କମ୍ପାନୀଙ୍କ ମଧ୍ୟରେ ସାମିଲ ଯେଉଁମାନେ ଚୀନ୍ ଯୋଗାଣ ଶୃଙ୍ଖଳା ମାଧ୍ୟମରେ ଜୋର ଜବରଦସ୍ତ ଶ୍ରମର ଉପଯୋଗ ପାଇଁ ବାଧ୍ୟ। ଏହା ପୂର୍ବରୁ ଆମେରିକା ଓ ଚୀନର ପ୍ରତିନିଧିଙ୍କ ଏକ ଗୋଷ୍ଠୀ ସେମାନଙ୍କ ବାଣିଜ୍ୟିକ ଆଲୋଚନାକୁ ରାସ୍ତାକୁ ଆଣିବା ପାଇଁ ରୂପରେଖ ଉପରେ ସିଦ୍ଧାନ୍ତ କରିବାକୁ ସହମତି ଘୋଷଣା କରିଛନ୍ତି। ଏହି ଘୋଷଣା ବ୍ରିଟେନ ରାଜଧାନୀ ଲଣ୍ଡନରେ ଦୁଇ ଦିନିଆ ଆଲୋଚନା ଶେଷରେ କରାଯାଇଛି। ଏହି ଆଲୋଚନା ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଶେଷ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ବୈଠକ ଖଣିଜ ଓ ପ୍ରଯୁକ୍ତି ରପ୍ତାନୀ ଉପରେ ଥିବା ବିବାଦର ସମାଧାନ ନିମନ୍ତେ ଉପାୟ ଖୋଜିବା ଉପରେ କେନ୍ଦ୍ରିତ ଥିଲା।



## ଆଜିର ରାଶିଫଳ

**ମେଷ:** ବନ୍ଧୁଙ୍କ ସହଯୋଗ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହୋଇପାରେ। ଆୟ ବ୍ୟୟ ସମାନ ରହିବ। ଦାନ ଧର୍ମ କରିବେ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ଘର ପାଇଁ ନୂଆ ଜିନିଷ କିଣିବେ। ବ୍ୟବସାୟରେ ଲାଭ ହେବ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ। ପାରିବାରିକ ସମସ୍ୟା ଦେଖା ଦେଇପାରେ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତା ବଢ଼ାଇପାରେ।

**ବିଛା:** ମାନସିକ ଚିନ୍ତା ଦୂର ହେବ। ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ପିଲାମାନେ ଖେଳରେ ସମୟ ବିତାଇବେ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିପାରେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମହିଳା ବନ୍ଧୁଙ୍କ ସହଯୋଗ ମିଳିବ। ପରିବାର ସହ ସମୟ ବିତାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୭୩୧- ସ୍ୱିଡିଶ୍ ଇଷ୍ଟ ଇଣ୍ଡିଆ କମ୍ପାନିର ସ୍ଥାପନା।
- ୧୯୪୩- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓରେ ପହଞ୍ଚିଲେ।
- ୧୯୫୫- ସୋଭିଏତ୍ ରୁଷ୍‌ର ପ୍ରଥମ ହୀରା ଖଣି 'ମୀର୍ ମାଇନ୍'ର ସନ୍ଧାନ।
- ୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡ଼ାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୭-ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗିବାରୁ ୫୯ ଲୋକଙ୍କ ମୃତ୍ୟୁ।
- ୨୦୧୨- ଜଣାଶୁଣା ଗଜଲ ଗାୟକ ମେହେନ୍ଦି ହାସନଙ୍କ ପରଲୋକ।



## ତ୍ୱଚାର ରଙ୍ଗ ସହ ଅଛି କି କର୍କଟର ସମ୍ପର୍କ

ମଣିଷ ଶରୀରର ରଙ୍ଗ କେବଳ ସୌନ୍ଦର୍ଯ୍ୟର ମାପକାଠି ନୁହେଁ, ବରଂ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏହି କ୍ରମରେ କିଛି କ୍ଷେତ୍ରରେ ତ୍ୱଚାର ରଙ୍ଗ ମଧ୍ୟ କର୍କଟର କାରଣ ହୋଇପାରେ ବୋଲି କୁହାଯାଉଛି। ଆମ ଶରୀରରେ ଥିବା ମେଲାନିନ୍ ହେଉଛି ଏକ ପିଗମେଣ୍ଟ ଯାହା ଚର୍ମକୁ ରଙ୍ଗ ଦିଏ । ମେଲାନିନ୍ ତ୍ୱଚାକୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିରୁ ରକ୍ଷା କରେ । ଯେଉଁ ଲୋକମାନଙ୍କର ଚର୍ମରେ ମେଲାନିନ୍ ଅଧିକ ପରିମାଣରେ ଥାଏ ସେମାନେ ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରୁ ପ୍ରାକୃତିକ ଭାବେ ସୁରକ୍ଷା ପାଇପାରିଥାନ୍ତି। ଏ ଦୃଷ୍ଟିରୁ ଗାଢ଼ ତ୍ୱଚା ରଙ୍ଗ ବ୍ୟକ୍ତି ବିଶେଷଙ୍କଠାରେ ଚର୍ମ କର୍କଟ ଆଶଙ୍କା କମ୍ ରହିଥାଏ। କିନ୍ତୁ ଯେଉଁମାନଙ୍କର ଚର୍ମ ବହୁତ ଗୋରା ସେମାନଙ୍କ କ୍ଷେତ୍ରରେ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଗୋରା ରଙ୍ଗ ଥିବା ଲୋକମାନଙ୍କର କମ୍ ମେଲାନିନ୍ ଥାଏ, ଯାହାଦ୍ୱାରା ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରେ ଥିବା କ୍ଷତିକାରକ ଜିନିଷ ମଣିଷ ତ୍ୱଚା ଭିତରକୁ ସହଜରେ ପ୍ରବେଶ କରେ ଏବଂ ମଣିଷ ଡିଏନ୍‌ଏକୁ କ୍ଷତି ପହଞ୍ଚାଇଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ବାସାଲ ସେଲ୍ କାର୍ସିନୋମା, ସ୍କେଓମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା ହେବା ଆଶଙ୍କା ବୃଦ୍ଧି ପାଏ। କେବଳ ଚର୍ମର ରଙ୍ଗ ଦ୍ୱାରା କ୍ୟାନ୍ସର ରୋଗ ସୃଷ୍ଟି ହୁଏ ତା ନୁହେଁ ଏହା ଏକ ଜଟିଳ ରୋଗ ଯାହା ଅନେକ କାରଣରୁ ହୋଇଥାଏ । ଜେନେଟିକ୍ ସମସ୍ୟାରୁ ମଧ୍ୟ ଏହି ରୋଗ ହୋଇପାରେ । ଅନିୟନ୍ତ୍ରିତ ଜୀବନଶୈଳୀ, ଧୂମପାନ, ମଦ୍ୟପାନ, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟଗ୍ରହଣ ଏବଂ ପ୍ରଦୂଷଣ ମଧ୍ୟ କ୍ୟାନ୍ସର ରୋଗକୁ ବଢ଼ାଇବାର ମାଧ୍ୟମ ହୋଇପାରେ । ତେବେ ଚର୍ମ କର୍କଟର ସମ୍ବନ୍ଧ କିଛି ମାତ୍ରାରେ ରଙ୍ଗ ସହ ଜଡ଼ିତ ହୋଇପାରେ। ହେଲେ ଏହାର ମୁଖ୍ୟ କାରଣ ଜୀବନଶୈଳୀ। ତେଣୁ ତ୍ୱଚା ରଙ୍ଗର ଆଧାରରେ ଏହାକୁ ନେଇ ଲୋକେ ଭୟଭୀତ ହେବା ଠିକ୍ ନୁହେଁ, ବରଂ ସତର୍କ ଓ ସଚେତନ ରହିବା ଦରକାର।

## ଓଟିଟିରେ 'ଡିଟେକ୍ଟିଭ୍ ଶେରଦିଲ୍'



ପଞ୍ଜାବୀ ସୁପରଷ୍ଟାର୍ ଦିଲଜିତ୍ ଦୋସାଞ୍ଜ ବଲିଉଡ୍‌ରେ ମଧ୍ୟ ସଫଳ ହୋଇଛନ୍ତି। ଦିଲଜିତ୍ ତାଙ୍କର ଆଗାମୀ ଫିଲ୍ମରେ ସଂପୂର୍ଣ୍ଣ ଭିନ୍ନ ଅନ୍ଦାଜରେ ଦର୍ଶକଙ୍କ ମନୋରଞ୍ଜନ କରିବେ। 'ଡିଟେକ୍ଟିଭ୍ ଶେରଦିଲ୍'ରେ ସେ ଡିଟେକ୍ଟିଭ୍ ଭୂମିକାରେ ନଜର ଆସିବେ। ରବି ଛାବଡ଼ିଆ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ପ୍ରଥମ ଥର ପାଇଁ ରବି ଏହି ଫିଲ୍ମ ମାଧ୍ୟମରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଦେଇଛନ୍ତି। ଫିଲ୍ମଟିର ସୁଟିଂ ଯଦିଓ ବହୁତ ଦିନରୁ ସରିଲାଣି କିନ୍ତୁ କିଛି କାରଣ ବଶତଃ ଏହା ଅଟକି ରହିଥିଲା। ଏବେ ଏହା ଓଟିଟି ପ୍ଲାଟଫର୍ମ ଜି୫ରେ ଜୁନ୍ ୨୦ରେ ରିଲିଜ୍ ହେବ। ଫିଲ୍ମର ସୁଟିଂ ବୁଦାପେଷ୍ଟରେ କରାଯାଇଛି। ଫିଲ୍ମର କାହାଣୀ ଜଣେ ନିଆରା ଡିଟେକ୍ଟିଭଙ୍କ ଚାରିପଟେ ଘୂରି ବୁଲୁଛି। ଦିଲଜିତ୍‌ଙ୍କ ସହ ଏଥିରେ ଡାଏନା ପେଣ୍ଟି, ବୋମନ୍ ଇରାନି ଏବଂ ଚଙ୍କି ପାଣ୍ଡେ ମଧ୍ୟ ନଜର ଆସିବେ। ଦିଲଜିତ୍ ଶେଷ ଥର ପାଇଁ 'ଜଟ୍ ଆଣ୍ଡ ଜୁଲିଏଟ୍ ୩'ରେ ନଜର ଆସିଥିଲେ।

## ଗୋଟିଏ ଛାତ ତଳେ ଚାରି ପିଢ଼ି




ସମୟ ଥିଲା, ଲୋକେ ଯୌଥ ପରିବାରରେ ମିଳିମିଶି ରହୁଥିଲେ। କିନ୍ତୁ ଆଜିକାଲି ଯୌଥ ପରିବାର ଖୁବ୍ କମ୍ ଦେଖାଯାଉଛି । ଯୌଥ ପରିବାର ମୁଖ୍ୟତଃ ପରିବାରର ସଦସ୍ୟଙ୍କ ଅର୍ଥନୈତିକ ବୈଷମ୍ୟ ଓ ବିଚାରଧାରାରେ ପାର୍ଥକ୍ୟ ଯୋଗୁଁ ଟିକ୍ତି ପାରୁ ନାହିଁ । ହେଲେ ଏଥିରୁ ବ୍ୟତିକ୍ରମ ଉତ୍ତରପ୍ରଦେଶ, ଶାହଜହାଁପୁର, ଘୁସଗୱାନ ଗାଁର ଶ୍ୟାମ ସିଂହଙ୍କ ପରିବାର। କାରଣ ପରିବାରଟି ପୁରୁଣା ପରମ୍ପରାକୁ ଜୀବିତ ରଖିଛି ତାହା ନୁହେଁ, ଗୋଟିଏ ଛାତ ତଳେ ଚାରିପିଢ଼ିର ୬୪ ଜଣ ସଦସ୍ୟଙ୍କ ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ଭଲପାଇବା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି। ଘରର ମୁଖିଆ ହେଉଛନ୍ତି ଶ୍ୟାମ ସିଂହ। ସେ ପରିବାରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି। ସମସ୍ତ ସଦସ୍ୟ ତାଙ୍କର ସମ୍ମାନ କରନ୍ତି। ପରିବାରରେ ଏତେ ଲୋକଙ୍କ ପାଇଁ ରାନ୍ଧିବା ସହଜ କଥା ନୁହେଁ ସେଥିପାଇଁ ଦୁଇଟି ରୋଷେଇ ଘର ରହିଛି। ବୋହୂମାନେ ମିଳିମିଶି ଖାଦ୍ୟ ପ୍ରସ୍ତୁତ କରିବା ସହ ଘରକୁ ସଫା ସୁତୁରା ରଖନ୍ତି। ସେହିପରି ଘରର ବୟସ୍କ ମହିଳାମାନେ ଯେପରି ରୋଷେଇ କଲାବେଳେ କୌଣସି ଜିନିଷ ଅଭାବ ନ ପଡ଼େ ତାହା ଉପରେ ଧ୍ୟାନ ଦେଇଥାନ୍ତି। ଖାଦ୍ୟ ରନ୍ଧାଯିବା ପରେ ସମସ୍ତେ ଏକାଠି ମିଶି ଭୋଜନ କରନ୍ତି। ଏହା ପରିବାରକୁ ଏକାଠି ରହିବା ପାଇଁ ପ୍ରେରଣା ଯୋଗାଇଥାଏ। ପରିବାରଟି ବହୁତ ବଡ଼ ହୋଇଥିବାରୁ ପ୍ରତି ମାସ ଶହ ଶହ କିଲୋ ଗହମ, ଡାଲି, ଚାଉଳ, ତେଲ ଏବଂ ମସଲା ଆବଶ୍ୟକ ହୋଇଥାଏ। ଏନେଇ ଶ୍ୟାମ ସିଂହ କୁହନ୍ତି, ପରିବାର ପାଇଁ ରାସନ କିଣିବା ସବୁଠୁ ବଡ଼ ଦାୟିତ୍ୱ। ପରିବାରର ଉଭୟ ପୁରୁଷ ଏବଂ ମହିଳା ମିଳିମିଶି ଏହି କାର୍ଯ୍ୟ ସମ୍ଭାଳିଥାନ୍ତି। ଘର ପାଇଁ ଏତେ ରାସନ ଆସିବା ଦେଖି ଗାଁ ଲୋକେ ମଧ୍ୟ ଚକିତ ହୋଇଯାଆନ୍ତି। ପରିବାରର ସମସ୍ତେ ମିଳିମିଶି ଖର୍ଚ୍ଚ କରି ତାର ହିସାବ ରଖନ୍ତି। ଶ୍ୟାମ ସିଂହ କୁହନ୍ତି, 'ଆମର ପରିବାର ଏକ ଟ୍ରେନ୍ ଭଳି। ସବୁ ବଗି ଅଲଗା, ହେଲେ ସମସ୍ତେ ଏହା ସାଙ୍ଗେ ଚାଲନ୍ତି। ପରିବାରର ଛୋଟ ପିଲାମାନେ ମଧ୍ୟ ପିଲାଦିନରୁ ଏକାଠି ରହିବାର ମୂଲ୍ୟବୋଧ ଜାଣିଥାନ୍ତି।' ଆଗକୁ ମଧ୍ୟ ପରିବାରଟି ଏହି ପରମ୍ପରାକୁ ଜୀବିତ ରଖିବ ବୋଲି ସେ କହିଛନ୍ତି। ଏବେ ଏହି ପରିବାର କେବଳ ଗାଁରେ ନୁହେଁ ପୂରା ଶାହାଜହାଁପୁର ଜିଲ୍ଲାରେ ଚର୍ଚ୍ଚାରେ ରହିଛି।




## ସକାଳର ସ୍ୱାସ୍ଥ୍ୟ

## ଫ୍ୟାଟି ଲିଭର ଗ୍ରେଡ୍ ୩

**ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, କର୍ମଚାପ, ମଦ୍ୟପାନ, ଓଜନବୃଦ୍ଧି ଆଦି ଯୋଗୁଁ ଯକୃତରେ ଚର୍ବି ଜମା ହୋଇଥାଏ। ଏହା ଏକ ଗମ୍ଭୀର ସମସ୍ୟା। ସେହିପରି ମଧୁମେହ, ଉଚ୍ଚ ରକ୍ତଚାପ, ବଂଶାନୁଗତ ଆଦି ଏହି ରୋଗ ହେବାର ପ୍ରମୁଖ କାରଣ। ରୋଗର ଲକ୍ଷଣକୁ ଅଣଦେଖା କଲେ ଏହା ଫ୍ୟାଟି ଲିଭର ଗ୍ରେଡ୍ ୩ରେ ପହଞ୍ଚିଯାଏ। ତେଣୁ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଜରୁରି।**



ଫ୍ୟାଟି ଲିଭର ଗ୍ରେଡ୍ ୩ ହେଲେ, ଯକୃତ୍‌ରେ ପାଖାପାଖି ୬୬%ରୁ ଅଧିକ ଚର୍ବି ଜମା ହୋଇଯାଇଥାଏ। ଏହା ଏକ ଗମ୍ଭୀର ସ୍ଥିତି। ଯକୃତ୍ ସଠିକ ଭାବେ କାର୍ଯ୍ୟ ନ କରିପାରିବାରୁ ଏହି ସ୍ଥିତି ଜୀବନ ପାଇଁ ଘାତକ ସାଜିପାରେ। ଫ୍ୟାଟି ଲିଭର ଗ୍ରେଡ୍ ୩ରେ ଥକ୍କାପଣ, ଦୁର୍ବଳ ଅନୁଭବ, ପେଟ ଯନ୍ତ୍ରଣା, ବିଚଳିତ ଲାଗିବା, ପେଟ ଫୁଲିବା, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ସେହିପରି ଓଜନ କମ୍ ହେବା, ପାଦ ଫୁଲିବା, ଆଖି ଓ ତ୍ୱଚା ହଳଦିଆ ପଡ଼ିବା, ବାନ୍ତି ଲାଗିବା ପରି ଅନୁଭବ ଆଦି ଲକ୍ଷଣ ଦେଖାଯାଏ।

ତେଣୁ ଉପରୋକ୍ତ ଲକ୍ଷଣ ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ। ଏହାବାଦ୍ ଜୀବନଶୈଳୀରେ ପରିବର୍ତ୍ତନ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ମଦ୍ୟପାନ ଅଭ୍ୟାସକୁ ବନ୍ଦ କରିବା, ଓଜନ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରି। ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଲକ୍ଷଣକୁ ଚିହ୍ନି ଚିକିତ୍ସା କରିବା ସବୁଠୁ ଭଲ ଉପାୟ।

## କରୋନାର ନୂତନ ପ୍ରଜାତି ଏକ୍ସଏଫ୍‌ଜି



**କରୋନା ଏକ ବିଶେଷ ପ୍ରକାରର ଭୂତାଣୁ। ଏହା ରୋଗାକ୍ରାନ୍ତ ତଥା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କୁ ଶୀଘ୍ର ସଂକ୍ରମିତ କରିଥାଏ। ତେବେ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଦିନକୁ ଦିନ କରୋନାର ନୂତନ ପ୍ରଜାତି ମଧ୍ୟ ସାମ୍ନାକୁ ଆସୁଥିବାବେଳେ ଏବେ କରୋନାର ଉପ ପ୍ରଜାତି ଏକ୍ସଏଫ୍‌ଜି ଚିହ୍ନଟ ହୋଇଛି।**

ଏକ୍ସଏଫ୍‌ଜି କରୋନା ଭୂତାଣୁ ଓମିକ୍ରନ୍ ସବ୍-ଭାରିଏଣ୍ଟ ପରିବାରର। ଏହି ପ୍ରଜାତି ଅନ୍ୟ ଓମିକ୍ରନ୍ ପ୍ରଜାତି ପରି ଦ୍ରୁତ ଗତିରେ ବ୍ୟାପିପାରେ । ତେବେ ଆଶ୍ୱସ୍ତିକର କଥା ହେଉଛି, ମହାରାଷ୍ଟ୍ରରେ ଚିହ୍ନଟ ହୋଇଥିବା ଏହି ପ୍ରଜାତି ଏତେ ବିପଜ୍ଜନକ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହି ପ୍ରଜାତିରେ ୪ଟି ମ୍ୟୁଟେଶନ୍ ରହିଛି। ଏହା ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ଏକ୍ସଏଫ୍‌ଜି ସଂକ୍ରମିତ ବ୍ୟକ୍ତିଙ୍କଠାରେ ହାଲୁକା କିମ୍ବା ମଧ୍ୟମ ଜ୍ୱର, ଗଳା ଦରଜ, କାଶ, ମୁଣ୍ଡବିନ୍ଧା, ଥକ୍କାପଣ, ଶ୍ୱାସକ୍ରିୟାରେ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଏବଂ କେତେକ ମାମଲାରେ ପେଟଜନିତ ସମସ୍ୟା ଆଦି ଲକ୍ଷଣ ଦେଖାଦେଇପାରେ। ତେଣୁ ବୟସ୍କ, ଗର୍ଭବତୀ ମହିଳା ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅଧିକ ସତର୍କ ରହିବା ଜରୁରି।

ସୁରକ୍ଷିତ ରହିବା ପାଇଁ ସାର୍ବଜନିକ ସ୍ଥାନକୁ ମାସ୍କ ପିନ୍ଧି ଯିବା, ହାତକୁ ସାବୁନରେ ଧୋଇବା, ଲକ୍ଷଣ ଅନୁଭବ ହେଲେ, ତୁରନ୍ତ ପରୀକ୍ଷା କରି ନିଜକୁ ଅନ୍ୟମାନଙ୍କଠାରୁ ପୃଥକକରି ରଖିବା ଆବଶ୍ୟକ।

## ଲୁହା ବାସନରେ ବିଷାକ୍ତ ହୁଏ ଏହି ଖାଦ୍ୟ

**ପୁରାତନ କାଳରୁ ଲୁହାର ବାସନରେ ଖାଦ୍ୟ ପ୍ରସ୍ତୁତ କରିବାର ପରମ୍ପରା ରହିଛି। ତେଣୁ ଲୁହା ବାସନରେ ତିଆରି ଖାଦ୍ୟ ଖାଇଲେ ଶରୀରରେ ଆଇରନ୍‌ର ମାତ୍ରା ବୃଦ୍ଧି ପାଏ। ସ୍ୱାସ୍ଥ୍ୟ ପାଇଁ ଏହା ଲାଭଦାୟକ। ହେଲେ ଏମିତି କିଛି ପରିବା ରହିଛି ଯାହାକୁ ଲୁହା ପାତ୍ରରେ ବନାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ।**

**ପାଳଙ୍ଗ:** ପାଳଙ୍ଗରେ ପ୍ରଚୁର ମାତ୍ରାରେ ଅକ୍‌ଜାଲିକ୍ ଏସିଡ୍ ଥାଏ। ଏହାକୁ ଲୁହା କଡ଼ାଇରେ ରାନ୍ଧିବା ଦ୍ୱାରା ଲୁହା ସହ ପ୍ରତିକ୍ରିୟା ହୋଇଥାଏ। ଯାହାଫଳରେ ପାଳଙ୍ଗର ରଙ୍ଗ କଳା ହୋଇଥାଏ। ଏଥିରୁ ପୋଷଣସ୍ତର କମିଯାଉଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

**ବିଟ୍:** ବିଟ୍‌ରେ ଲୌହସାର ମାତ୍ରା ଅଧିକ ଥାଏ। ତେଣୁ ବିଟ୍‌କୁ ଲୁହା କଡାଇରେ ରାନ୍ଧିବା ଦ୍ୱାରା ଅତିରିକ୍ତ ଲୌହସାର ସହ ପ୍ରତିକ୍ରିୟା ହୋଇପାରେ। ଏହାଦ୍ୱାରା ଖାଦ୍ୟର ସ୍ୱାଦ ଏବଂ ରଙ୍ଗ ଖରାପ ହୋଇଥାଏ। ଯାହାଦ୍ୱାରା ପାଚନ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ଏହାକୁ ଧ୍ୟାନ ଦେବା ଆବଶ୍ୟକ।

**ଲେମ୍ବୁ ଏବଂ ଟମାଟୋ:** ଲୁହା ପାତ୍ରରେ ଲେମ୍ବୁ, ଟମାଟୋ, ଖଟା କିମ୍ବା ଅମ୍ଳଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା ଅନୁଚିତ। କାରଣ ଏହା ଲୁହା ସହିତ ପ୍ରତିକ୍ରିୟା ହୋଇ ପାଚନତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ।

ଲୁହା ପାତ୍ରରେ ଅଧିକ ସମୟ ଧରି କ୍ଷୀର ଫୁଟାଇବା ଅନୁଚିତ। ଏହା ପେଟ ଜନିତ ସମସ୍ୟା କରାଇପାରେ। ଲୁହା ବାସନରେ ବିନା ଅମ୍ଳ ଗୁଣ ଯୁକ୍ତ ଖାଦ୍ୟ କରିବାକୁ ଉପଯୋଗ କରିପାରିବେ।





## ପ୍ରାକୃତିକ ଉପାୟରେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

**ଋତୁ ଅନୁଯାୟୀ ସୁସ୍ଥ ରହିବା ପାଇଁ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ଆବଶ୍ୟକ। ତେଣୁ କୋଭିଡ ତଥା ଫ୍ଲୁ ମାମଲାରୁ ସୁରକ୍ଷିତ ରହିବାକୁ ପ୍ରାକୃତିକ ଉପାୟରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ।**


ଆଲମଣ୍ଡ, ହଳଦୀ, ଅଦା ଆଦିରେ ଭରପୁର ପୋଷକତତ୍ତ୍ୱ ରହିଥାଏ। ଏହାକୁ ଖାଦ୍ୟରେ ସାମିଲ କରିବା ଦ୍ୱାରା ଏହା ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରି ଋତୁ ପରିବର୍ତ୍ତନ ସମୟରେ ସୁସ୍ଥ ରଖିଥାଏ ବୋଲି ଡା. ରୋହିଣୀ ପାଟିଲ, ଏମବିବିଏସ୍ ଏବଂ ନ୍ୟୁଟ୍ରିସନିଷ୍ଟ, ମତ ପ୍ରକାଶ କରିଛନ୍ତି। ତାଙ୍କ ମତରେ କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ତ୍ୱରେ ଭରପୁର। ଏଥିରେ ରହିଛି ଉପାଦେୟ ଚର୍ବି, ପ୍ରୋଟିନ୍, ଜିଙ୍କ୍, ମ୍ୟାଗ୍ନେସିୟମ ତଥା ଭିଟାମିନ -ଇ । ଏହା ହୃଦ୍‌ଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶକ୍ତିସ୍ତରକୁ ବୃଦ୍ଧି କରେ। ଫୁଡ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଥରିଟି ଅଫ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ଅନୁମୋଦିତ ମୁତାବକ, ଦୈନନ୍ଦିନ ଖାଦ୍ୟାଭ୍ୟାସରେ ଆଲମଣ୍ଡର ଯୋଗଦାନ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଦୈନିକ ମୁଠାଏ ଆଲମଣ୍ଡ ଖାଇବା ଦ୍ୱାରା ଏହା ଉତ୍ତମ ଚର୍ମ ସ୍ୱାସ୍ଥ୍ୟ ତଥା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ।

ଜ୍ୱଳନ-ପ୍ରତିରୋଧକାରୀ ତଥା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱରେ ଭରପୂର ହଳଦୀ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି କରେ। ଏହା ସଂକ୍ରମଣକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ। ଫ୍ଲୁଜନିତ ସମସ୍ୟାରୁ ସୁରକ୍ଷିତ ରହିବାକୁ ଖାଦ୍ୟରେ ହଳଦୀ ସାମିଲ କରିବା ଅତି ଆବଶ୍ୟକ । ସେହିଭଳି ଅଦା ପାଚନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବେ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ। ଏହାସହିତ ଆଲ୍ଲିସିନ ଭଳି ଏକ ଯୌଗିକତତ୍ତ୍ୱ ରସୁଣରେ ଭରପୁର ହୋଇ ରହିଥିବାରୁ ରୋଗ ପ୍ରତିରୋଧକାରୀ କାର୍ଯ୍ୟ ପ୍ରଣାଳୀ ବୃଦ୍ଧି କରେ। ବିଶେଷ କଥା ହେଉଛି, କମଳା, ଲେମ୍ବୁ ତଥା ଅଙ୍ଗୁର ଭଳି ଖଟାଜାତୀୟ ଫଳଗୁଡ଼ିକ ଭିଟାମିନ୍ -ସିରେ ଭରପୁର ହୋଇଥାଏ। ଏହା ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧିରେ ଉପାଦେୟ ହେବା ସହିତ ଚର୍ମ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଭିଟାମିନ୍ ଏ ଏବଂ ସି ଅମୃତଭଣ୍ଡାରେ ପ୍ରଚୁର ମାତ୍ରାରେ ରହିଥାଏ। ଏହା ପାଚନକ୍ରିୟାରେ ସହାୟକ ହେବା ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧି କରିଥାଏ।

■ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

# ସିଫ୍ଟ କୌରଙ୍କୁ କାଂସ୍ୟ

ମ୍ୟୁନିକ୍, ୧୨।୬ (ଏଜେନ୍ସି): ଭାରତର ସିଫ୍ଟ କୌ ସାମ୍ରା ଏଠାରେ ଚାଲିଥିବା ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ-୩ ପୋଜିସନରେ ତୃତୀୟ ସ୍ଥାନ ଅଧିକାର କରିଥିଲେ।



୮ଜଣ ସୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୪୫୩.୧ ପଏଣ୍ଟ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ନରୱେର ପୂର୍ବ ବିଶ୍ୱ ଚାମ୍ପିଅନ ଜାନେଟ୍ଟୀ ଡୁଏଷ୍ଟାଦ୍‌ଙ୍କୁ ସ୍ୱର୍ଣ୍ଣ ଓ ସ୍ୱିଜରଲାଣ୍ଡର ଏମେଲୀ ଜାଏଗୀଙ୍କୁ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଅନ୍ୟ କୌଣସି ଭାରତୀୟ ପଦକ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୩ ସ୍ୱର୍ଣ୍ଣ ସହ ଚୀନ ପଦକ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଭାରତ ଏ ପର୍ଯ୍ୟନ୍ତ ମାତ୍ର ୨ଟି କାଂସ୍ୟ ପଦକ ହାସଲ କରିଛି। ପୂର୍ବରୁ ଏଲାଭେନିଲ ଭାଲରିଭାନ ମହିଳା ଏୟାର ରାଇଫଲରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

# ଏନ୍‌ସିଏଏ ଫାଇନାଲରେ ଇତିହାସ ରଚିବେ କ୍ରିଷ୍ଟା



ନ୍ୟୁୟର୍କ,୧୨।୬ (ଏଜେନ୍ସି): ଆମେରିକାରେ ଖେଳାଯାଉଥିବା ଏନ୍‌ସିଏଏ (ନ୍ୟାସନାଲ କଲେଜ୍ ଆଥ୍‌ଲେଟିକ ଆସୋସିଏସନ) ଦ୍ୱାରା ଆୟୋଜିତ ପ୍ରତିଯୋଗିତାକୁ ମହାବିଦ୍ୟାଳୟସ୍ତରରେ ବିଶ୍ୱର ସର୍ବଶ୍ରେଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଭାବେ ବିବେଚନା କରାଯାଇଥାଏ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ୨୩ ବର୍ଷୀୟା ଭାରତୀୟ ବଂଶୋଦ୍ଭବ କ୍ରିଷ୍ଟା ଜୟଶଙ୍କର ମେନନ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ରିଷ୍ଟା ହେଉଛନ୍ତି ଭାରତୀୟ ବାସ୍କେଟବଲ ଖେଳାଳି ଜୟଶଙ୍କର ମେନନଙ୍କ ଝିଅ। କ୍ରିଷ୍ଟା ଛୋଟ ଥିଲାବେଳେ ଜୟଶଙ୍କର ଜାମାଇକାରେ ଯାଇ ବସବାସ କରିଥିଲେ। ଏବେ କ୍ରିଷ୍ଟା ଲାସ୍ ଭେଗାସସ୍ଥିତ ୟୁନିଭର୍ସିଟି ଅଫ୍ ନେଭେଦାରେ ପଢୁଛନ୍ତି।

■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ପରାଜୟ ଭାରତର ପିଛା ଛାଡୁନି

ଆମଷ୍ଟେଲଭିନ, ୧୨।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ଲାଗି ୟୁରୋପ୍ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳର ପିଛା ଛାଡୁନି ପରାଜୟ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ପ୍ରୋ ଲିଗ୍‌ର ୟୁରୋପ୍ ପର୍ଯ୍ୟାୟରେ କ୍ରମାଗତ ୪ର୍ଥ ପରାଜୟବରଣ କରିଛି। ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନା ୨-୧ ଗୋଲରେ ଭାରତକୁ ମାତ୍ ଦେଇଛି। ଏଥିପୂର୍ବରୁ ବୁଧବାର ମଧ୍ୟ ଆର୍ଜେଣ୍ଟିନା ୪-୩ ଗୋଲରେ ଭାରତ ବିପକ୍ଷରେ ବିଜୟୀ ହୋଇଥିଲା। ସେହିଭଳି ନେଦରଲାଣ୍ଡସ ବିପକ୍ଷ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୨-୧ ଓ ୩-୨ ଗୋଲରେ ହାରିଯାଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ୧୨ ମ୍ୟାଚରୁ ୧୫ ପଏଣ୍ଟ ପାଇ ୫ମ ସ୍ଥାନକୁ ଖସିଯାଇଛି।

# ମେସି ଇଣ୍ଟର ମିଆମି ଅଧିନାୟକ



ନ୍ୟୁୟର୍କ, ୧୨।୬ (ଏଜେନ୍ସି): ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ଆମେରିକାରେ ଖେଳାଯିବାକୁ ଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଇଣ୍ଟର ମିଆମି ଦଳର ନେତୃତ୍ୱ ନେବେ। ୩୨ଟି କ୍ଲବ୍‌କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଜୁନ୍ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୩ରେ ଶେଷ ହେବ। ଆସନ୍ତାବର୍ଷ ହେବାକୁ ଥିବା ଫିଫା ବିଶ୍ୱକପ୍‌ର ସହ ଆୟୋଜକ ଥିବା ଆମେରିକା ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ରିହରସାଲ କରିବ। ମେସିଙ୍କ ନେତୃତ୍ୱରେ ଗଠିତ ଦଳରେ ଲୁଇସ ସୁଆରେଜ୍ ସ୍ଥାନ ପାଇଛନ୍ତି।

## ଡବ୍ଲ୍ୟୁଟିସି ଫାଇନାଲ: ଲର୍ଡ୍ସରେ ଦ୍ରୁତ ବୋଲରଙ୍କ ରାଜ୍

# କମିନ୍ସଙ୍କୁ ୬ ୱିକେଟ୍; ଦକ୍ଷିଣ ଆଫ୍ରିକା ୧୩୮ ରେ ସୀମିତ

ଲଣ୍ଡନ, ୧୨।୬ (ଏଜେନ୍ସି):

ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ର ଫାଇନାଲ ମୁକାବିଲାରେ ଦ୍ରୁତ ବୋଲରଙ୍କ ରାଜୁତି ଜାରି ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୨୧୨ ରନ ଜବାବରେ ଦକ୍ଷିଣ ଆଫ୍ରିକା ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୧୩୮ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଚା'ପାନ ବିରତି ସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୧୨ ଓଭର ଖେଳି ୨ ୱିକେଟ୍ ହରାଇ ୩୨ ରନ ସଂଗ୍ରହ କରିଛି। ଓପନର୍ ଉସମାନ ଖଓ୍ୱାଜା ୬ ଓ କାମେରନ ଗ୍ରୀନ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଛନ୍ତି। ପୁଣିଥରେ କାଗିସୋ ରାବାଡା ଦୁଇଟି ଯାକ ୱିକେଟ୍ ନେଇ ଅଷ୍ଟ୍ରେଲିଆକୁ ପ୍ରାରମ୍ଭରୁ ଡବଲ୍ ଝଟକା ଦେଇଛନ୍ତି। ୮ ୱିକେଟ୍ ବଳକା ଥାଇ ଅଷ୍ଟ୍ରେଲିଆ ମୋଟ୍ ଉପରେ ୧୦୬ ରନରେ ଅଗ୍ରଣୀ ହାସଲ କରିଛି। ଅଦ୍ୟାବଧି ପତନ ଘଟିଥିବା ୨୨ଟି ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲରମାନେ ୧୯ଟି ୱିକେଟ୍ ନେଇଛନ୍ତି। ଯାହାକି କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଲର୍ଡ୍ସରେ ଦ୍ରୁତ ବୋଲରଙ୍କ ପ୍ରଭାବକୁ ଜାରି ରଖିଛି।

ଦକ୍ଷିଣ ଆଫ୍ରିକା ପୂର୍ବ ଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୪୩/୪ରୁ ଗୁରୁବାର ଦ୍ୱିତୀୟ ଦିବସ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଟେମ୍ବା ବଭୁମା ଓ ଡେଭିଡ୍ ବେଡିଂହାମ ସତର୍କତାର ସହ ଖେଳି ୫ମ ୱିକେଟ୍‌ରେ ୬୪ ରନ ଭାଗୀଦାରି ଗଢ଼ିଥିଲେ। ତେବେ ବଭୁମାଙ୍କୁ ୩୬ ରନରେ ଆଉଟ୍ କରି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଦଳକୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ଦକ୍ଷିଣ ଆଫ୍ରିକାର ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍ କମିନ୍ସଙ୍କ ବଲ୍‌କୁ ସାମ୍ନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ସ୍କୋର ୫୭.୧ ଓଭରରେ ୧୩୮ ରନରେ ସୀମିତ ରହିଥିଲା। ବେଡିଂହାମ ସର୍ବାଧିକ ୪୫ ରନ କରିଥିବାବେଳେ ୱିକେଟ୍‌କିପର କାଏଲ୍ ଭେରେନି ୧୩, କେଶବ ମହାରାଜ ୭, ରାବାଡା ୧ ଏବଂ ମାର୍କୋ ଜାନସେନ ଓ ଲୁନଗି ଏନ୍‌ଗିଡି ଖାତା ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ କମିନ୍ସ ସର୍ବାଧିକ ୬ଟି, ମିଚେଲ ଷ୍ଟାର୍କ ୨ ଓ ଜୋଶ ହାଜଲେଉଡ ଗୋଟିଏ ୱିକେଟ୍ ନେଇଥିଲେ। ମହାରାଜ ରନଆଉଟ୍ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୧୨

ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି: ୧୩୮/୧୦ (ବେଡିଂହାମ-୪୫, ବଭୁମା- ୩୬, ଭେରେନି- ୧୩, ମଲଡର-୬, କମିନ୍ସ- ୬/୨୮, ଷ୍ଟାର୍କ- ୨/୪୧)

ଅଷ୍ଟ୍ରେଲିଆ ୨ୟ ପାଳି: ୩୨/୨, ୧୨ ଓଭର (ଲାବୁସେନ- ଅପରାଜିତ ୧୬, ସ୍ମିଥ- ଅପରାଜିତ-୪, ଖଓ୍ୱାଜା- ୬, ଗ୍ରୀନ- ୦, ରାବାଡା- ୨/୧୫)।




ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ପୂରଣ କରିଛନ୍ତି। ଡବ୍ଲ୍ୟୁଟିସି ଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା କମିନ୍ସଙ୍କ ୩୦୦ତମ ଶିକାର ବନିଥିଲେ। ଅଷ୍ଟ୍ରେଲିଆର ୮ମ ବୋଲର ଭାବେ ସେ ୩୦୦ ୱିକେଟ୍ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ସେନ ୱାର୍ଣ୍ଣ, ଗ୍ଲେନ ମ୍ୟାକ୍‌ଗ୍ରା, ନାଥନ ଲାୟନ, ଷ୍ଟାର୍କ, ଡେନିସ ଲିଲି, ବ୍ରେଟ୍ ଲି ଓ ମିଚେଲ ଜନସନ ଟେଷ୍ଟରେ ୩୦୦ ୱିକେଟ୍ ନେଇଥିଲେ। କମିନ୍ସ ତାଙ୍କର ୬୮ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବାବେଳେ ଏହି ସଫଳତା ପାଇଛନ୍ତି। ସେହିଭଳି ଆଇସିସି ଇଭେଣ୍ଟର ଫାଇନାଲରେ ସର୍ବାଧିକ ୱିକେଟ୍ ନେବାରେ ଷ୍ଟାର୍କଙ୍କ ସହ ସମକକ୍ଷ ହୋଇଛନ୍ତି କମିନ୍ସ। ଆଇସିସି ଟୁର୍ଣ୍ଣାମେଣ୍ଟର ସମସ୍ତ ଫର୍ମାଟ୍ ଫାଇନାଲ ମ୍ୟାଚରେ କମିନ୍ସ ଓ ଷ୍ଟାର୍କ ବର୍ତ୍ତମାନ ସୁଦ୍ଧା ୧୧ଟି ୱିକେଟ୍ ନେଇସାରିଛନ୍ତି।

## ୧୪୫ ବର୍ଷରେ ବିରଳ କୀର୍ତ୍ତିମାନ



ଇଂଲଣ୍ଡ ମାଟିରେ ଟେଷ୍ଟ କ୍ରିକେଟ ଇତିହାସର ୧୪୫ ବର୍ଷ ମଧ୍ୟରେ ପ୍ରଥମଥର ଲାଗି କୌଣସି ଟେଷ୍ଟ ମ୍ୟାଚର ଉଭୟ ଦଳର ନଂ-୧ ବ୍ୟାଟର୍ (ବ୍ୟାଟିଂ ଅର୍ଡର ଅନୁଯାୟୀ ଯିଏ ପାଳିର ପ୍ରଥମ ବଲ୍ ସାମ୍ନା କରିଥାଏ) ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ୧୮୮୦ ମସିହାରେ ଇଂଲଣ୍ଡ ମାଟିରେ ପ୍ରଥମ ଟେଷ୍ଟ ମ୍ୟାଚ୍ (ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ) ଖେଳାଯାଇଥିଲା। ଏହା ମଧ୍ୟରେ ୫୬୧ ଟେଷ୍ଟ ଇଂଲଣ୍ଡ ମାଟିରେ ଖେଳାଯାଇଛି, କିନ୍ତୁ ଏଭଳି ଘଟଣା କେବେ ଦେଖିବାକୁ ମିଳି ନ ଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ବ୍ୟାଟିଂ ଆରମ୍ଭ କରିଥିବା ଉସମାନ ଖଓ୍ୱାଜା ୨୦ ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ସେହିଭଳି ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳିରେ ଆଇଡେନ ମାର୍କରାମ (୬ ବଲରେ ୦) ସମାନ ଭାବେ ଶୂନରେ ଆଉଟ୍ ହୋଇଥିଲେ। ତେବେ ଓଭରଅଲ୍ ଟେଷ୍ଟ କ୍ରିକେଟ୍‌ରେ ୧୦ମଥର ଲାଗି ଏଭଳି ଘଟଣା ଦେଖିବାକୁ ମିଳିଛି।

# 'ମଦ, ସିଗାରେଟ୍ ଛାଡ଼ିବାକୁ କାମ୍ବଲୀଙ୍କୁ କହିଥିଲି'

ଦୁବାଇ, ୧୨।୬ (ଏଜେନ୍ସି): 'ପୂର୍ବତନ ଭାରତୀୟ କ୍ରିକେଟର୍ ବିନୋଦ କାମ୍ବଲୀଙ୍କୁ ଏକଦା ସିଗାରେଟ୍ ଓ ମଦ୍ୟପାନ ଛାଡ଼ିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାର୍ଟି ବନ୍ଦ କରି ଝିଅମାନଙ୍କ ପାଖକୁ ନ ଯିବାକୁ ପରାମର୍ଶ ଦେଇଥିଲି। ଏସବୁ ବନ୍ଦ ନ କଲେ ତୁମ କ୍ୟାରିୟର ସମାପ୍ତ ହୋଇଯିବ ଓ ଶେଷରେ କାନ୍ଦିବ ବୋଲି କାମ୍ବଲୀଙ୍କୁ ଚେତାଇ ଦେଇଥିଲି। କିନ୍ତୁ ସେ ମୋ ପରାମର୍ଶକୁ ଗମ୍ଭୀରତାର ସହ ଗ୍ରହଣ କରି ନ ଥିଲେ। ବରଂ ସେ ମୋତେ ପ୍ରତ୍ୟୁତ୍ତରରେ କହିଥିଲେ ସାର୍ ଆପଣଙ୍କ ସମୟ ସରିଗଲାଣି।' କାମ୍ବଲୀଙ୍କ ବିଷୟରେ ଏଭଳି କିଛି ଖୁଲାସା କରିଛନ୍ତି କ୍ରିକେଟର୍ ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ। ଏକ ସାକ୍ଷାତ୍‌କାର ଅବସରରେ ଯୋଗରାଜ କହିଛନ୍ତି, ଏକଦା କାମ୍ବଲୀଙ୍କୁ ଏସବୁ ପରାମର୍ଶ ଦେଇଥିଲି। କିନ୍ତୁ ସେ ମୋ ପରାମର୍ଶକୁ ଗ୍ରହଣ କରି ନ ଥିଲେ, ନିଜକୁ ରାଜା ବୋଲି ଭାବୁଥିଲେ।' ଉଲ୍ଲେଖଯୋଗ୍ୟ, କାମ୍ବଲୀ ଯେତେବେଳେ ୧୯୯୧ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ ସେତେବେଳେ ତାଙ୍କ ବ୍ୟାଟିଂକୁ ନେଇ ସେ ଖୁବ୍ ଚର୍ଚ୍ଚାରେ ରହିଥିଲେ। ଟେଷ୍ଟରେ ୫୪ରୁ ଊର୍ଦ୍ଧ୍ୱ ଆଭରେଜ ସହ ୧୦୦ରୁ ଊର୍ଦ୍ଧ୍ୱ ଏକଦିବସୀୟ ମ୍ୟାଚ୍ ଖେଳିଥିବା କାମ୍ବଲୀ ଜଣେ ମହାନ ବ୍ୟାଟର୍ ହେବାକୁ ଯାଉଥିଲେ। କିନ୍ତୁ ତାଙ୍କ କ୍ୟାରିୟର ଶୀଘ୍ର ସମାପ୍ତ ହୋଇଯାଇଥିଲା। ମଦ୍ୟପାନ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାର୍ଟି ଆଦି ଖରାପ ଅଭ୍ୟାସ କାମ୍ବଲୀଙ୍କୁ ନିମ୍ନଗାମୀ କରିଥିଲା। ତାଙ୍କ ଖରାପ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସେ ନିକଟରେ ଖବରକୁ ଆସିଥିଲେ।

# ୱେଷ୍ଟଇଣ୍ଡିଜ-ନେପାଳ ଐତିହାସିକ ସିରିଜ୍ ସେପ୍ଟେମ୍ବର ୨୭ରୁ

ଜାମାଇକା, ୧୨।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଓ ନେପାଳ କ୍ରିକେଟ୍ ଦଳ ମଧ୍ୟରେ ପ୍ରଥମଥର ଲାଗି ଏକ ଦ୍ୱିପାକ୍ଷିକ ଟି-୨୦ ସିରିଜ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବ। ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଦୁଇଦେଶ ମଧ୍ୟରେ ଏହା ହେବ ପ୍ରଥମ ଦ୍ୱିପାକ୍ଷିକ ସିରିଜ। ଏହି ଟି-୨୦ ସିରିଜରେ ୩ଟି ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବର ୨୭, ୨୮ ଓ ୩୦ରେ ଯଥାକ୍ରମେ ତିନୋଟି ଯାକ ମ୍ୟାଚ୍ ଖେଳାଯିବ। କ୍ରିକେଟ୍ ଆସୋସିଏସନ୍ ଅଫ୍ ନେପାଳ (ସିଏଏନ୍) ଏହି ସିରିଜର ଆୟୋଜକ ଥିଲେ ମଧ୍ୟ ୟୁଏଇର ଶାରଜା ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। 'ଏହା କେବଳ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ନୁହେଁ ବରଂ କ୍ରିକେଟ୍‌କୁ ବିଶ୍ୱସ୍ତରରେ ବିସ୍ତାରି କରିବାର ଏକ କାର୍ଯ୍ୟକ୍ରମ' ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ସିଇଓ ଚିର୍ସ ଡେରହିଙ୍ଗ୍ କହିଛନ୍ତି।

# ୱିମ୍ବଲଡନ ବିଜେତାଙ୍କୁ ମିଳିବ ୩୪.୮ କୋଟି

ଲଣ୍ଡନ, ୧୨।୬ (ଏଜେନ୍ସି): ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ତଥା ୱିମ୍ବଲଡନର ୧୩୮ତମ ସଂସ୍କରଣ ଜୁନ ୩୦ରୁ ଅଲ୍ ଇଂଲଣ୍ଡ ଲନ୍



ଟେନିସ କ୍ଲବ (ଏଇଏଲ୍‌ଟିସି)ରେ ଆରମ୍ଭ ହେବ। ତେବେ ଏହାର ଦୁଇ ସପ୍ତାହ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଆୟୋଜକ ଏଇଏଲ୍‌ଟିସି ପକ୍ଷରୁ ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶିରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏଥର ୱିମ୍ବଲଡନରେ ମୋଟ୍ ୭୨.୫୯ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୫୨୧ କୋଟି ୨୩ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଗତ ସଂସ୍କରଣଠାରୁ ୭ ପ୍ରତିଶତ ଅଧିକ। ଗୋଟିଏ ଦଶନ୍ଧି ତଳେ ଏହି ପୁରସ୍କାର ରାଶିର ଅଧା ଟଙ୍କା ପ୍ରଦାନ କରାଯାଉଥିଲା।

ଅପରପକ୍ଷରେ ୱିମ୍ବଲଡନର ପୁରୁଷ ଓ ମହିଳା ଏକକରେ ଯେଉଁ ଖେଳାଳି ଚାମ୍ପିଅନ ହେବେ ସେ ସାଥୀରେ ଘରକୁ ୪.୦୭ ମିଲିୟନ ଡଲାର ନେଇକି ଯିବେ। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୩୪ କୋଟି ୮୩ ଲକ୍ଷ ଟଙ୍କା ହେବ। ବିଶ୍ୱରେ ଖେଳାଯାଉଥିବା ୪ଟି (ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ ଓପନ୍, ୱିମ୍ବଲଡନ ଓ ୟୁଏସ୍ ଓପନ୍) ଗ୍ରାଣ୍ଡସ୍ଲାମରେ ବିଜେତାଙ୍କୁ ପ୍ରଦାନ କରାଯାଉଥିବା ରାଶି ମଧ୍ୟରେ ଏହା ସର୍ବାଧିକ। ସେହିଭଳି ପୁରୁଷ ଓ ମହିଳା ଏକକରେ ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେବେ ସେମାନଙ୍କୁ ୭୬ ଲକ୍ଷ ୮୧ ହଜାର ଟଙ୍କା ପୁରସ୍କାର ରାଶିମିଳିବ। ଗତ ବର୍ଷ ତୁଳନାରେ ଏହା ୧୦ ପ୍ରତିଶତ ଅଧିକ।

# ଭୁବନେଶ୍ୱରରେ ରାଜ୍ୟ ଜୁ ଜିତ୍ସୁ ପ୍ରତିଯୋଗିତା




ଭୁବନେଶ୍ୱର,୧୨।୬ (ସମିସ): ରାଜ୍ୟ ଜୁ ଜିତ୍ସୁ ପ୍ରତିଯୋଗିତା ଆସନ୍ତା ୨୨ରୁ ସ୍ଥାନୀୟ ଉତ୍କଳ କରାରେ ସ୍କୁଲରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ରାଜ୍ୟ ଜୁ ଜିତ୍ସୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା ଲାଗି ମୋ-୯୮୨୭୮୭୨୭୨୦ ସହ ଯୋଗାଯୋଗ କରିପାରିବେ।

## ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

# ବିଶ୍ୱପ୍ରୀତ୍, ଜ୍ୟୋତିକା ଜିତିଲେ ଟାଇଟଲ୍

ଭୁବନେଶ୍ୱର,୧୨।୬ (ସମିସ):




କଟକର ବିଶ୍ୱପୀତ ରାୟ ଓ ଜ୍ୟୋତିକା ସାହୁ ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ବୁଧବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଓପନ ବିଭାଗରେ ୪ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ବୁକୋଲଜରେ କଟକର ଦୁଇ ଖେଳାଳି ବିଶ୍ୱପ୍ରୀତ ଓ ଲଳିତରଞ୍ଜନ ସାହୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଚାମ୍ପିଅନ ହୋଇଥିବା ବିଶ୍ୱପ୍ରୀତ୍‌ଙ୍କୁ ଟ୍ରଫି ସହ ୫,୫୦୦ ଟଙ୍କା ଓ ରନର୍ସ ଅପ୍ ଲଳିତଙ୍କୁ ଟ୍ରଫି ସହ ୪,୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତାଙ୍କ ପଛକୁ ଖୋର୍ଦ୍ଧାର ଦୁଇ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ବାବଦରେ ଟ୍ରଫି ସହ ୩,୩୩୦ ଓ ଚତୁର୍ଥ ହୋଇଥିବା ଆଦିତ୍ୟ ଜେନା ପୁରସ୍କାର ବାବଦରେ ୨,୨୨୦ ଟଙ୍କା ପାଇଥିଲେ। କଟକର ସାଇଶକ୍ତି ପଣ୍ଡା, ଖୋର୍ଦ୍ଧାର ଦୁଇ ଖେଳାଳି ଆଦିତ୍ୟ ମିଶ୍ର ଓ ମନୀଷ ମିଶ୍ର, ସୁନ୍ଦରଗଡ଼ର ଦେବପ୍ରିୟ ବିଶ୍ୱାଳ, ଖୋର୍ଦ୍ଧାର ସାର୍ଥକ ମହାନ୍ତି ଓ ସୁନ୍ଦରଗଡ଼ର ଆଦିତ୍ୟ କୁମାର ଶ' ଯଥାକ୍ରମେ ପଞ୍ଚମରୁ ଦଶମ ସ୍ଥାନ ଅଧିକାର କରିଥିଲେ।

ବାଳିକା ବିଭାଗରେ କଟକର ଜ୍ୟୋତିକା ସାହୁ ଏକାକୀ ୭.୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ହେବା ସହ ୫,୫୦୦ ଟଙ୍କାର ପୁରସ୍କାର ଲାଭ କରିଥିଲେ। ଟପ୍ ସିଡ୍ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇ ଟ୍ରଫି ସହ ୪,୪୦୦ ଟଙ୍କା ପୁରସ୍କାର ପାଇଛନ୍ତି। ପୁରୀର ପ୍ରତୀଶା ମିତ୍ର ୬.୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୩,୩୦୦ ଟଙ୍କା ମିଳିଥିଲା। ଏମାନଙ୍କ ପଛକୁ କଟକର ଇ ରାଗିଣୀଳ ନିଭ୍ରିତା ପଟ୍ଟନାୟକ, ଖୋର୍ଦ୍ଧାର ନୟନିକା ସାହୁ, ପୁରୀର ସୃଷ୍ଟି ଶ୍ରେୟସୀ, ଖୋର୍ଦ୍ଧାର ଲବ୍‌ଧି ସ୍ୱାଇଁ, ଢେଙ୍କାନାଳର ତନ୍‌ଭୀ ମିଶ୍ର ଓ ଖୋର୍ଦ୍ଧାର ଆରାଧ୍ୟା ବୁଡେକ୍ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଲଲାଟେନ୍ଦୁ ବଡ୍ଡ ମୁଖ୍ୟ ଅତିଥି, କଟକ ଜିଲ୍ଲା କ୍ରୀଡ଼ାଅଧିକାରୀ ଅଜୟ ବେହେରା, ରାଜ୍ୟ ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଆନ୍ତଃଜିଲ୍ଲା କ୍ରିକେଟରେ ଅସୀମଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

# କେନ୍ଦ୍ରାପଡ଼ା ୯ ୱିକେଟରେ ବିଜୟୀ

କଟକ,୧୨।୬(ସମିସ): ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚରେ କେନ୍ଦ୍ରାପଡା ୧୧୯ ରନରେ କୋରାପୁଟ୍‌କୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ବିଜୟୀ ଦଳର ଅସୀମ ବରାଡଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୋରାପୁଟ ଟସ୍ ଜିତି କେନ୍ଦ୍ରାପଡାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅସୀମ ବରାଡଙ୍କ ୬୦ରନ ଏବଂ ମୋହନରାଜ ରାଉତଙ୍କ ୫୧ରନ ସହାୟତାରେ କେନ୍ଦ୍ରାପଡା ୯ ୱିକେଟ ହରାଇ ୨୫୯ରନ ସଂଗ୍ରହ କରିଥିଲା। କୋରାପୁଟର ସନଶ୍ରୟ ସାହ ଏବଂ ମୁଦିଲି ଶୈଳାଶ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ କୋରାପୁଟର ଇନିଂସ୍ ୧୪୦ରନରେ ସୀମିତ ରହିଥିଲା।



ଅସୀମ ବରାଡ



ସନଶ୍ରୟ ସାହ

ମୁଦିଲି ସର୍ବାଧିକ ୩୯ ରନ କରିଥିଲେ। କେନ୍ଦ୍ରାପଡା ତରଫରୁ କୁବେର ସାହୁ ୩ଟି ୱିକେଟ ଦଖଲ କରିଥିବା ବେଳେ ଅସୀମଙ୍କୁ ଗୋଟିଏ ୱିକେଟ ମିଳିଥିଲା। ରେଭେନ୍ସା ଗ୍ରାଉଣ୍ଡ-୧ରେ ମାଲକାନଗିରି ୩୧ରନରେ ଅନୁଗୋଳକୁ ହରାଇଥିଲା। ୮ରନ ବ୍ୟୟ କରି ଦୁଇ ୱିକେଟ ଦଖଲ କରିଥିବା ସାନା ଶ୍ରେୟାସ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ କଟକ-ବି ୪୦ରନରେ ଦେବଗଡକୁ ହରାଇଥିଲା। ଦୁଇ ୱିକେଟ ଦଖଲ କରିଥିବା ରୋହିତ ପାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS